୧୦ରୁ ତୃତୀୟ ଟେଷ୍ଟ : ଖେଳିବେ ବୁମ୍ରା, ବାଦ୍‌ପଡ଼ିପାରନ୍ତି ପ୍ରସିଦ୍ଧ କ୍ରିଷ୍ଣା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008






୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୧ ● ୯ ଜୁଲାଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-161 ● 9th July 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଚତୁର୍ଥ ଥର ସଭାପତି ହେଲେ ମନମୋହନ

# ଯୋଡାକୁ ଘୋଡା ସରି ନୁହେଁ

**ଭୁବନେଶ୍ୱର, ୮।୭ : ନ୍ୟୁଜ୍ ବ୍ୟୁରୋ**

ନବ ନିର୍ବାଚିତ ରାଜ୍ୟ ବିଜେପି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସେ କହିଛନ୍ତି ଯେ, ଏହି ଯୋଡ଼ାକୁ ଘୋଡା ସରି ନୁହେଁ । ମନମୋହନ ସାମଲ ଚତୁର୍ଥ ସଭାପତି ହୋଇଛନ୍ତି । ମୋହନ ଚରଣ ମାଝୀ ଚତୁର୍ଥ ଥର ବିଧାୟକ ହୋଇ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । କେନ୍ଦ୍ରର ୧୧ ବର୍ଷ ରାଜ୍ୟର ୧ ବର୍ଷ ମିଶି ୧୨ ହେଉଛି କିନ୍ତୁ ଏହା ଆଗକୁ ୧୧୨ରେ ପହଞ୍ଚିବ । ବିଜେପି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ଗୋଟିଏ ପଟେ ମନମୋହନଙ୍କ ନେତୃତ୍ୱରେ ସଂଗଠନ ଦାୟିତ୍ୱ ଅନ୍ୟପଟେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର । କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ପାଇଁ ଲୋକସେବା ଭବନରେ ପଦ୍ମ ଫୁଟିଛି । ଆଗାମୀ ଦିନରେ ମନମୋହନଙ୍କ ନେତୃତ୍ୱରେ ବିଜେପିର ସଂଗଠନ ଆହୁରି ଅଧିକ ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଶ୍ୱାସ ପ୍ରକଟ କରିଛନ୍ତି ।

ନବ ନିର୍ବାଚିତ ରାଜ୍ୟ ବିଜେପି ସଭାପତିଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ । (ପୃଷ୍ଠା ୭ରେ)



## ଦଳ ସରକାରଙ୍କ ସହ ଖୁଣ୍ଟ ଭଳି ଠିଆ ହୋଇରହିବ : ମନମୋହନ

**ଭୁବନେଶ୍ୱର, ୮।୭ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସଭାପତି ଭାବେ ଆଜି ଯେଉଁ ଦାୟିତ୍ୱ ଦିଆଯାଇଛି ତାହା ମନମୋହନ ସାମଲଙ୍କର ନୁହଁ, ତାହା ହେଉଛି କାର୍ଯ୍ୟକର୍ତ୍ତାମାନଙ୍କର । କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ, ଆମେ ସାଇନବୋର୍ଡ ପାର୍ଟିରୁ ଆଜି ସରକାରୀ ଦଳରେ ପହଞ୍ଚି ନ ଥାନ୍ତେ । ୧୯୮୮ରେ ଆମକୁ ସାଇନ୍‌ବୋର୍ଡ ପାର୍ଟି ବୋଲି କୁହାଯାଉଥିଲା । ଆମକୁ ଅପମାନିତ କରାଯାଉଥିଲା । ମାତ୍ର ଆଜି ଆମେ ସରକାରୀ ଦଳ । ଏହା ହେଉଛି ଏକମାତ୍ର ଦଳ, ଯେଉଁ ଦଳରେ ଜଣେ ଚାହା ବିକାଳି ମଧ୍ୟ ପ୍ରଧାନମନ୍ତ୍ରୀ ହୋଇପାରେ, ଜଣେ ଶିଶୁମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରେ । ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ କ୍ଷମତା ହାସଲ କରିପାରିଛୁ । କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ଆଜି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା । ଓଡ଼ିଶା ସମ୍ଭାବନାର ରାଜ୍ୟ । ଏଠାରେ ଖଣି, ପାଣି, ଜଙ୍ଗଲ ଜମି ଓ ଲୋକ ଅଛନ୍ତି । ଆମେ ସରକାରକୁ ଆସିଲେ ବୋଲି ଆମୂଳଚୂଳ ଆଇନ୍‌ରେ ପରିବର୍ତ୍ତନ (ପୃଷ୍ଠା ୭ରେ)

## ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ ନୀତି ସଂପନ୍ନ

# ଆଜିଠୁ ରତ୍ନସିଂହାସନରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି







**ପୁରୀ, ୮।୭ : ନ୍ୟୁଜ୍ ବ୍ୟୁରୋ**

ନବଦିନାତ୍ମକ ଯାତ୍ରାରେ ସମସ୍ତ ଲୀଳାଖେଳା ଶେଷ କରି ନୀଳକନ୍ଦରକୁ ବିଜେ କରିଲେ ନୀଳାଚଳିଆ । ମଙ୍ଗଳବାର ଦାରୁଦିଅଁଙ୍କ ନୀଳାଦ୍ରି ବିଜେ । ଏହା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ । ଜନ୍ମବେଦୀରୁ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିରକୁ ବିଜେ କରିଛନ୍ତି । ସ୍ନାନଯାତ୍ରାରୁ ଛାଡ଼ିଥିବା ରତ୍ନ ସିଂହାସନରେ ମଙ୍ଗଳବାର ପୁନଃ ଅବସ୍ଥାପିତ ହୋଇଛନ୍ତି ମହାପ୍ରଭୁ ଜଗନ୍ନାଥ, ବଡ ଠାକୁର ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା । ରଥରୁ ଗୋଟି ପହଣ୍ଡିରେ ଓହ୍ଲାଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ଏକାଦଶୀରେ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ମଙ୍ଗଳବାର ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ନୀତି ସଂପନ୍ନ ହୋଇଥିଲା । ନୀଳାଦ୍ରି ବିଜେ ନୀତି କିଭଳି ଶୃଙ୍ଖଳିତ ହୋଇପାରିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିଲା । ଅଗଣିତ ଶ୍ରଦ୍ଧାଳୁଙ୍କ ଗହଣରେ ରତ୍ନସିଂହାସନକୁ ଲେଉଟିଲେ ମହାବାହୁ । ନୀଳାଦ୍ରି ବିଜେ ପାଇଁ ଲୋକାରଣ୍ୟ ହୋଇଥିଲା ଶ୍ରୀକ୍ଷେତ୍ର । ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଛୁଟି ଆସିଥିଲେ ।

## ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ

## ଗ୍ରୀଡ୍‌କୋ ଏମ୍‌ଡି ହେଲେ ସତ୍ୟପ୍ରିୟ ରଥ

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ଆଇଏଏସ୍ ଅଧିକାରୀ ସତ୍ୟପ୍ରିୟ ରଥ ଗ୍ରୀଡ୍‌କୋ ଏମ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି । ଏହାସହ ସତ୍ୟପ୍ରିୟ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ରାଜ୍ୟ ଅର୍ଥ କମିଶନ ମେମ୍ବର ସେକ୍ରେଟାରୀ ଅତିରିକ୍ତ ଦାୟିତ୍ୱ ବି ତୁଲାଇବେ ସତ୍ୟପ୍ରିୟ ।

## ଆଜି ଭାରତ ବନ୍ଦ

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ତରଫରୁ ଭାରତ ବନ୍ଦ ଡାକରା ଦିଆଯାଇଛି । ବ୍ୟାଙ୍କ, ବୀମା, ଡାକ ସେବା, କୋଇଲା ମାଇନିଂ ଓ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ୨୫ କୋଟିରୁ ଅଧିକ ଶ୍ରମିକମାନେ ମିଳିତ ଭାବେ ଏହି ବନ୍ଦ ଡାକରାରେ ସାମିଲ ହୋଇଛନ୍ତି । କେନ୍ଦ୍ର ସରକାରଙ୍କୁ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ କର୍ପୋରେଟ ସମର୍ଥକ କହି ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି । ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ନେତା ଅମରଜିତ କୌର କହିଛନ୍ତି, ଆମେ ସରକାରଙ୍କ ନିକଟରେ ୧୭ଟି ଦାବି ରଖିଥିଲୁ । କିନ୍ତୁ ସରକାର ସେଗୁଡ଼ିକୁ ପୂରଣ କରି ନାହାନ୍ତି । ଏମିତିକି ଗତ ୧୦ ବର୍ଷରେ ଥରୁଟିଏ ମଧ୍ୟ ବାର୍ଷିକ ଶ୍ରମିକ ସମ୍ମିଳନୀର ଆୟୋଜନ କରିନାହାନ୍ତି । ସେ କହିଛନ୍ତି ଯେ ଏହି ବନ୍ଦ ଦ୍ୱାରା ବ୍ୟାଙ୍କ ଓ ଡାକ (ପୃଷ୍ଠା ୭ରେ)

## ହୀରାକୁଦର ପ୍ରଥମ ବନ୍ୟା ଜଳ ପହଞ୍ଚିବା ପରେ ବଢୁଛି ମୁଣ୍ଡଳୀରେ ଜଳସ୍ତର

**ସମ୍ବଲପୁର/କଟକ, ୮।୭**
**ନ୍ୟୁଜ୍ ବ୍ୟୁରୋ**



ମୁଣ୍ଡଳୀରେ ବଢୁଛି ଜଳସ୍ତର । ହୀରାକୁଦ ଛାଡ଼ିଥିବା ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ମୁଣ୍ଡଳୀରେ ପହଞ୍ଚିବା ପରେ ଫୁଲୁଛି ମହାନଦୀ । ମଙ୍ଗଳବାର ସକାଳ ୬ ଟା ରୁ ୧.୧୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି, ଯାହା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୪.୫୦ କ୍ୟୁସେକରେ ପହଞ୍ଚିବାର ଆକଳନ କରାଯାଇଛି । ୯ଲକ୍ଷ କ୍ୟୁସେକ ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ଏଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ । ହୀରାକୁଦର ୨୦ଟି ଗେଟ ଦେଇ ବର୍ତ୍ତମାନ ଜଳ ନିଷ୍କାସନ ହେଉଛି । ବର୍ଷା ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସୁବର୍ଣ୍ଣରେଖା ରାଜଘାଟଠାରେ ବୁଧବାର ସନ୍ଧ୍ୟା ସୁଦ୍ଧା ସତର୍କ ସଂକେତରେ ପହଞ୍ଚିବ ଜଳସ୍ତର । ବର୍ଷା ନଥିବା ଯୋଗୁଁ ଜଳସ୍ତର ଆଉ ବଢିବ ନାହିଁ । ଉପରମୁଣ୍ଡରେ ୧୦ ମିଲିମିଟର ବର୍ଷା ହୋଇଛି । ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମରୁ ବିଶେଷ ଜଳ ନିଷ୍କାସନ ହେଉନି । ବ୍ରାହ୍ମଣୀର ଦୁଇଟି ଗେଟରୁ ଜଳ ନିଷ୍କାସନ ହେଉଥିବା କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ।

ହୀରାକୁଦ ଡ୍ୟାମର ବାମପଟରେ ୧୩ଟି ଓ ଡାହାଣ ପଟେ ୭ଟି ଗେଟ ଦେଇ ପାଣି ନିଷ୍କାସିତ ହେଉଛି । ଏବେ ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ୬୦୭.୪୫ ଫୁଟ ରହିଛି । ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୯ ହଜାର ୧୭୫ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ନିଷ୍କାସିତ ହେଉଛି ୩ ଲକ୍ଷ ୩୧ ହଜାର ୨୪୭ କ୍ୟୁସେକ ଜଳ । ସ୍ପିଲ୍‌ୱେ ପାଇଁ ୨ ଲକ୍ଷ ୯୩ ହଜାର ୩୬୦ କ୍ୟୁସେକ ପାଣି ଯାଉଥିବା ବେଳେ ପାୱାର ଚ୍ୟାନେଲ ପାଇଁ ୩୪ ହଜାର ୬୫୨ କ୍ୟୁସେକ ପାଣି ଛଡ଼ାଯାଉଛି । ହୀରାକୁଦ (ପୃଷ୍ଠା ୭ରେ)

## ଶତ୍ରୁ ଦେଶକୁ ଭାରତ ଦେବ ଘାତକ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ, ୮।୭**

ଭାରତର ଅପରେସନ ସିନ୍ଦୂର ସମୟରେ, ତୁର୍କୀ ପାକିସ୍ତାନକୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲା । ଦାବି କରାଯାଇଥିଲା ଯେ ତୁର୍କୀ ପାକିସ୍ତାନକୁ ସାମରିକ ସହାୟତା ଯୋଗାଇଥିଲା । ତେବେ ଏବେ ତୁର୍କୀ ପାନେ ପାଇବାକୁ ଯାଉଛି । ଏକ ରିପୋର୍ଟ ଅନୁଯାୟୀ, ଏହାର ଶତ୍ରୁ ଗ୍ରୀସ ଭାରତଠାରୁ ଏକ ସ୍ୱତନ୍ତ୍ର କ୍ଷେପଣାସ୍ତ୍ର ନେବାକୁ ଦାବି କରିଛି । ଭାରତର ଏହି କ୍ଷେପଣାସ୍ତ୍ର ଏତେ ମାରାତ୍ମକ ଯେ ଏହା ଯେକୌଣସି ଶତ୍ରୁ ଶିବିରକୁ ମୁହୂର୍ତ୍ତକ ମଧ୍ୟରେ ଧ୍ୱଂସ କରିପାରିବ ।

ରିପୋର୍ଟ ଅନୁଯାୟୀ, ଗ୍ରୀସ ଅତ୍ୟାଧୁନିକ




ଲମ୍ବା ରେଞ୍ଜ ଲ୍ୟାଣ୍ଡ ଆଟାକ କ୍ରୁଜ କ୍ଷେପଣାସ୍ତ୍ର ଚାହୁଁଛି । ଯଦି ଭାରତ ଗ୍ରୀସକୁ କ୍ଷେପଣାସ୍ତ୍ର ଦିଏ, ତେବେ ଏହା ଏକ ବଡ଼ ରଣନୈତିକ ପଦକ୍ଷେପ ହୋଇପାରେ । ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ବିକଶିତ ହୋଇଛି । ଏହା ଏକ ସବସୋନିକ କ୍ରୁଜ କ୍ଷେପଣାସ୍ତ୍ର, ଏହି କ୍ଷେପଣାସ୍ତ୍ର ବିମାନବନ୍ଦର, ରାଡାର ଷ୍ଟେସନ ଏବଂ କମାଣ୍ଡ ସେଣ୍ଟର ସମେତ ସମସ୍ତ ଶତ୍ରୁ ଶିବିରକୁ ଧ୍ୱଂସ କରିବାକୁ ସକ୍ଷମ ।

ଏଲଆର-ଏଲଏସିଏମକୁ ସ୍ଥଳ ଏବଂ ସମୁଦ୍ରରୁ ଲଞ୍ଚ କରାଯାଇପାରିବ, କିନ୍ତୁ ଏହାକୁ କେବଳ ଏକ ନୌସେନା ଜାହାଜରୁ ସମୁଦ୍ରରେ ଲଞ୍ଚ କରାଯିବ । ଯଦି ଏହାକୁ ଭୂମିରୁ ଲଞ୍ଚ କରାଯାଏ, ତେବେ ଏହାର ପରିସର ୧୫୦୦ କିଲୋମିଟର ପର୍ଯ୍ୟନ୍ତ ହେବ । ଯଦି ନୌସେନା ଜାହାଜରୁ ନିକ୍ଷେପ କରାଯାଏ, ତେବେ ଏହାର ପରିସର ୧୦୦୦ କିଲୋମିଟର ହେବ । ଏଲଆର-ଏଲଏସିଏମ ତୁର୍କୀର ଅଧିକାଂଶ ଅଞ୍ଚଳକୁ କଭର କରିପାରିବ । ତେବେ ଏହା ଘଣ୍ଟା ପ୍ରତି ୮୬୪ କିଲୋମିଟରରୁ ୧୧୧୧ (ପୃଷ୍ଠା ୭ରେ)

## ଶ୍ରୀଗୁଣ୍ଡିଚା ମନ୍ଦିର ଦଳାଚକଟା : ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିବେ ଉନ୍ନୟନ କମିଶନର

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ପୁରୀ ଶରଧାବାଲି ଦଳାଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ସାକ୍ଷ୍ୟ ଓ ତଥ୍ୟ ଗ୍ରହଣ କରିବେ ଉନ୍ନୟନ କମିଶନର୍ ଅନୁ ଗର୍ଗ । ବୁଧବାର ଭୁବନେଶ୍ୱର ରାଜ୍ୟ ଅତିଥିଭବନରେ ଏବଂ ପୁରୀ ସ୍ପେଶାଲ ସର୍କିଟ୍ ହାଉସ୍‌ରେ ଅପରାହ୍ନ ୩ରୁ ସାକ୍ଷାତ କରି ଆଗ୍ରହୀ ବ୍ୟକ୍ତି ଘଟଣା ସମ୍ପର୍କରେ ସୂଚନା ଦେଇପାରିବେ । ସେହିପରି ସୂଚନା କିମ୍ବା ତଥ୍ୟ ଦେବାକୁ ମେଲ୍ ଆଇଡି ଓ ଟେଲିଫୋନ୍ ନଂ ଜାରି କରିଛନ୍ତି ସରକାର ।



ଗତ ଜୁନ୍ ୨୯ ତାରିଖରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ ଆୟୁକ୍ତ ତଥା (ପୃଷ୍ଠା ୭ରେ)

## ରଥଯାତ୍ରାରେ ୨୫ ଲକ୍ଷ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କରାଯାଉଛି ଯୋଜନା

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ପୁରୀ ପାଇଁ ସରକାରଙ୍କ ବଡ଼ ଯୋଜନା । ଚଳିତ ରଥଯାତ୍ରା ସମୟରେ ଲାକ୍ଷାଧିକ ଭକ୍ତଙ୍କ ସମାବେଶ ପରେ ଆସନ୍ତା ବର୍ଷ ମାନଙ୍କ ପାଇଁ ବଡ଼ ପ୍ଲାନ କରୁଛନ୍ତି ରାଜ୍ୟ ସରକାର । ଏ ନେଇ ପୂର୍ତ୍ତ ତଥା ଆଇନ ମନ୍ତ୍ରୀ କହିଛନ୍ତି ଚଳିତ ବର୍ଷ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା । କିନ୍ତୁ ସରକାର ଆକଳନ କରିଛନ୍ତି ଆସନ୍ତା ବର୍ଷ ମାନଙ୍କରେ ଏହି ସଂଖ୍ୟା ଆହୁରି ବଢ଼ିବ । ଯାହାକୁ ଦୃଷ୍ଟିରେ ରଖି ୨୫ ଲକ୍ଷ ଭକ୍ତ ପୁରୀ ଆସି କେମିତି ଶୃଙ୍ଖଳିତ ଦର୍ଶନ କରି ଫେରିବେ ସେ ନେଇ ଯୋଜନା କରାଯାଉଛି । ଆସନ୍ତା ୨୦ ବର୍ଷ କୁ ଆଖି ଆଗରେ ରଖି ଏହି ରୂପ



ରେଖ ପ୍ରସ୍ତୁତ କରାଯାଉଛି । ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ପାର୍କିଂ, ରାସ୍ତା ପ୍ରଶସ୍ତିକରଣ ସହ ନୂଆ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଛି ।

ଇତି ମଧ୍ୟରେ ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି । ଆସନ୍ତା ଅଗଷ୍ଟରେ ହେବ ଗଣତି ମଣତି ହେବାର ସମ୍ଭାବନା ଥିବା ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ । ଉଚ୍ଚସ୍ତରୀୟ କମିଟି ବୈଠକରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଦୁଇ ଜଣ ଏକ୍ସପର୍ଟ ଦେବାକୁ ଆରବିଆଇକୁ ଚିଠି ଲେଖାଯିବ । ଯେଉଁ ମାନେ ସୋମନାଥ ମନ୍ଦିର ଓ ବିଭିନ୍ନ ବଡ ମନ୍ଦିରରେ ଅଳଙ୍କାର ଗଣତିରେ ସେମାନଙ୍କର ଅଭିଜ୍ଞତା ଥିବ । ରତ୍ନ ଅଳଙ୍କାର ରଖିବା ପାଇଁ ନୂଆ ସିନ୍ଦୁକ ପ୍ରସ୍ତୁତ କରାଯାଇଛି । ଅଭିଜ୍ଞ ବଣିଆ ଚିହ୍ନଟ କରାଯିବ । ରତ୍ନଭଣ୍ଡାର ମରାମତି ପରେ ଶତାଧିକ ବର୍ଷ ସ୍ଥାୟୀତ୍ୱ ରହିବ । ରତ୍ନଭଣ୍ଡାର (ପୃଷ୍ଠା ୭ରେ)

## ବିସ୍ଫୋରକ ଲୁଟ ଘଟଣା : କୁଲୁ ମୁଣ୍ଡାକୁ ରିମାଣ୍ଡରେ ନେଲା ଏନଆଇଏ

**ଭୁବନେଶ୍ୱର, ୮।୭**
**ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ରେ ବିସ୍ଫୋରକ ଲୁଟ ଘଟଣାରେ ସମ୍ପୃକ୍ତ କୁଲୁ ମୁଣ୍ଡାକୁ ରିମାଣ୍ଡରେ ନେଇଛି ଏନଆଇଏ ଟିମ । ଝାରପଡା ଜେଲରୁ ସୁରକ୍ଷା ବଳୟ ଭିତରେ ୬ ଦିନ ପାଇଁ ରିମାଣ୍ଡରେ ନେଇଥିବା ସୂଚନା ମିଳିଛି । ଗତ ମେ ୨୭ତାରିଖରେ ସୁନ୍ଦରଗଡ଼ ବଡ଼ଗାଁ ଇତମା ଠାରେ ଥିବା ଗୋଦାମ ଘରୁ ବିସ୍ଫୋରକ ଲୁଟ ହୋଇଥିଲା । ଏହି ଘଟଣାରେ କୁଲୁ ମୁଣ୍ଡା ମାଓବାଦୀଙ୍କ ସହ ମିଶି ବିସ୍ଫୋରକ ଲୁଟ କରିଥିଲା । କୁଲୁ ମୁଣ୍ଡାକୁ ଗିରଫ କରିଥିଲା ଏନଆଇଏ ।

## ଏକାଳ ପଖାଳ



କାର୍ଯ୍ୟାନୁଷ୍ଠାନତ ହେବ ଭାଇନା
ହେଲେ ପରା ଅମାନିଆଁ
ରଥ ଉପରକୁ ଷ୍ଟାଇଲ ମାରିଣ
ମୋବାଇଲ୍ ନେଲ କିଆଁ ?
ଏବେ ଦେହେ ଲାଗେ ଚିଆଁ
ଅଘଟଣ ଗୁଡା ଯେମିତି ଘଟୁଛି
ସେଥି ପୁଣି ସିଆଁଣିଆଁ ।

# ବିଶ୍ୱଯୁଦ୍ଧ-୩ ପାଇଁ ପ୍ରସ୍ତୁତ ହେଉଛି ସ୍କ୍ରିପ୍ଟ !



**ନୂଆଦିଲ୍ଲୀ, ୮।୭**

ଯଦି ଆମେ ତିନି ବର୍ଷ ପୂର୍ବର ବିଶ୍ୱ ଇତିହାସର ପୃଷ୍ଠା ଓଲଟାଇବା, ତେବେ କେହି ଭାବି ନ ଥିଲେ ଯେ ଋଷିଆ ୟୁକ୍ରେନ ଉପରେ ଆକ୍ରମଣ କରିବ ଏବଂ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଏତେ ଦିନ ପର୍ଯ୍ୟନ୍ତ ଚାଲିବ । ଏହା ପରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କଲା ଏବଂ ତାପରେ ଇରାନ ଇସ୍ରାଏଲ ଯୁଦ୍ଧ । ଏହି ସମୟ ମଧ୍ୟରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ କିଛି ଦିନ ପାଇଁ ସଂଘର୍ଷ ମଧ୍ୟ ହୋଇଥିଲା । ଏହି ସମସ୍ତ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ପ୍ରଚୁର ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇଥିଲା । ଭାରତ ଏବଂ ପାକିସ୍ତାନ ଯୁଦ୍ଧ ଏକ ନୂତନ ଯୁଗ ଆରମ୍ଭ କରିଥିଲା । ଉଭୟଙ୍କ ମଧ୍ୟରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ବ୍ୟବହାର ଅଧିକ ଦେଖାଯାଇଥିଲା । ଏହି ସଂଘର୍ଷ ଆଗାମୀ ଦିନରେ ଯୁଦ୍ଧର ରୂପରେଖ କଣ ହୋଇପାରେ ତାହା କହିଥିଲା ।

ଏହି ସମୟ ମଧ୍ୟରେ ବୋମା, ଗୋଳାବାରୁଦ ଏବଂ ଅସ୍ତ୍ରଶସ୍ତ୍ରର ଯୋଗାଣ ଏବଂ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିଥିଲା । ବର୍ତ୍ତମାନ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଚାଲିଛି । ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି । ଅନ୍ୟପକ୍ଷରେ ଇରାନ ଯୁଦ୍ଧ ବିରତିର ଏକ ପର୍ଯ୍ୟାୟ ଦେଇ ଗତି କରୁଛି । (ପୃଷ୍ଠା ୭ରେ)

## ଏମ୍ସ ପରେ କର୍ଣ୍ଣାଟକରୁ ଆସିଲା ନୂଆ ରିପୋର୍ଟ

# କରୋନା ଟୀକା ହୃଦଘାତର କାରଣ ନୁହେଁ

**ନୂଆଦିଲ୍ଲୀ, ୮।୭**

କର୍ଣ୍ଣାଟକରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର କମିଟି ଏହାର ତଦନ୍ତ ଆରମ୍ଭ କରିଥିଲେ ।

କର୍ଣ୍ଣାଟକରେ ହଠାତ ଲୋକଙ୍କର ହେଉଥିବା ମୃତ୍ୟୁ ପାଇଁ କରୋନା ଟୀକାକୁ ଦାୟୀ କରାଯାଉଛି । ଏହିସବୁ ଘଟଣାକୁ ନେଇ ଆଇସିଏମଆର ଏବଂ ଏମ୍ସ ପକ୍ଷରୁ ଗବେଷଣା କରାଯାଇଥିଲା । ଏହି ଗବେଷଣାରୁ ସ୍ପଷ୍ଟ ହୋଇଛି ହୃଦଘାତ ଏବଂ କରୋନା ଟୀକା ମଧ୍ୟରେ କୌଣସି ସମ୍ପର୍କ ନାହିଁ । ହଠାତ




ହେଉଥିବା ମୃତ୍ୟୁର ମୁଖ୍ୟ କାରଣ ହେଉଛି ଖରାପ ଜୀବନଶୈଳୀ ।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଟୀକା ନେବାର ୧ ବର୍ଷ ମଧ୍ୟରେ ବିପଦକୁ ବିଚାର କରାଯାଇପାରିବ, କିନ୍ତୁ ମହାମାରୀ ତିନି ବର୍ଷ ପୂର୍ବରୁ ଦୂର (ପୃଷ୍ଠା ୭ରେ)





# ବୈତରଣୀ ନଦୀରେ ବନ୍ୟା, ବର୍ଷାରେ ଜଳାର୍ଣ୍ଣବ ଧାମନଗର ଅଞ୍ଚଳ : ପରିବା ଚାଷ ନଷ୍ଟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପାଖାପାଖି ୧୫ ଦିନ ହେବ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏବେ ପାଞ୍ଚ ଦିନ ହେବ ପ୍ରବଳରୁ ଅତି ପ୍ରବଳ ବର୍ଷା ଦ୍ୱାରା ବୈତରଣୀ ଓ ତା'ର ଶାଖା କୋଚିଲା ନଦୀର ଆସିଥିବା ବନ୍ୟା ପ୍ରଭାବରେ ଧାମନଗର ବ୍ଲକ୍‌ରେ ତଳିଆ ଅଞ୍ଚଳରେ କ୍ଷତି ଘଟିବାର ଆଶଙ୍କା ରହିଛି । କୋଚିଲା ନଦୀର ସଭଲୋ ଠାରେ ନଦୀବନ୍ଧ ଦୁର୍ବଳ ଥିବାରୁ ସ୍ଥାନୀୟ ଲୋକ ଆତଙ୍କିତ ଅଛନ୍ତି । ତେବେ ଜଳସେଚନ ବିଭାଗର ଉପଖଣ୍ଡ ଅଧିକାରୀ ଶରତ ଘଡ଼ାଇ, ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ କିଶୋର ଦାସ ଉପସ୍ଥିତ ରହି ପରିସ୍ଥିତିକୁ ଲକ୍ଷ୍ୟ ରଖୁଛନ୍ତି । ଯଦିଓ ଗୌରାଙ୍ଗପୁର ଓ ମଲିମାହାର ଏସକେପ ଉଚ୍ଚତା ବୃଦ୍ଧି କରାଯାଇଛି ତାହା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ବନ୍ୟାପାଣି ପଶି ପାରେ । ସେହିପରି ପ୍ରବଳ ବର୍ଷା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ହସନାବାଦ ପଞ୍ଚାୟତର ବ୍ୟାପକ ଅଞ୍ଚଳ, ଜଳମଗ୍ନ ହୋଇଛି । ଏପଟେ ସମଗ୍ର ଅଞ୍ଚଳରେ ଦିନ ତମାମ ଲଗାଣ ବର୍ଷା ଲାଗି ରହିଛି । ମଝିରେ ମଝିରେ ଦୁହାଳ ଦୁହା ପ୍ରବଳ ବର୍ଷା/ବର୍ଷିବା କାରଣରୁ ସାଧାରଣ ଜୀବନ ଯାତ୍ରା ବ୍ୟାଘାତ ଘଟିବା ସହ ବର୍ଷା ପାଣିରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଛି । ବିଲ ବାଡ଼ିରେ ହୋଇଥିବା ପରିବା ଚାଷ ଏବଂ ଖରିଫ ଧାନଚାଷ ପାଇଁ ବିଲରେ ପଡିଥିବା ତଳି ପାଣିରେ ବୁଡି ନଷ୍ଟ ହୋଇଛି । ଧାମନଗର ଅଞ୍ଚଳରେ ପ୍ରବାହିତ ବିଭିନ୍ନ ନଦୀବନ୍ଧରେ ବନ୍ୟାରେ ଯେପରି ଘାଇ ସୃଷ୍ଟି ନହେବ ସେଥି ଲାଗି ଆଗୁଆ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଧାମନଗର ଜଳସମ୍ପଦ ବିଭାଗ ଅଧିକାରୀ ଜଣାଇଛନ୍ତି । ସେହିପରି ଧାମନଗର ବ୍ଲକ୍‌ର ଅନେକ ପଞ୍ଚାୟତର ଚାଷ ଜମିରେ ବର୍ଷା ଜଳରେ ବୁଡ଼ି ରହିଥିବାରୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବ ହେଉଛି । ସେହିପରି ବୈତରଣୀ ନଦୀରେ ବନ୍ୟା ଆସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କଣ୍ଢା ପାରି ଓ ପିଡେଇପୁରରେ ଥିବା ବୋଟ୍ ଚାଳକଙ୍କୁ ସଜାଗ ରହିବାପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ । ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ : ୨ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଉମୁରି ଗ୍ରାମର କରଣ କଟିଆ (୪୫) ଓ ଡଙ୍ଗାଗୁଡ଼ାରେ ଭୀମ ନାଇକ (୩୩) । ସୂଚନା ଅନୁଯାୟୀ, ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଉମୁରି ଗ୍ରାମରେ ଚଢ଼ଉ କରି ୮ ଲିଟର ଓ ଢେପଗୁଡା ଭାଟିରୁ ମଦ ୮.୬ ଲିଟର ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ଥାନା ତରଫରୁ ସୂଚନା ଦିଆଯାଇଛି ।

# ଅସରାଏ ବର୍ଷାରେ ଭାସୁଛି ସ୍ୱାସ୍ଥ୍ୟ କେନ୍ଦ୍ର

**ବିଶୋଇ, ନ୍ୟୁଜ୍‌ବ୍ୟୁରୋ**



ଅସରାଏ ବର୍ଷାରେ ବେହାଲ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରାୟ ୧୩ ଗୋଟି ପଞ୍ଚାୟତର ହଜାର ହଜାର ସର୍ବସାଧାରଣ ନିର୍ଭର କରୁଥିବା ବେଳେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହେତୁ ଅନେକ ଦୁର୍ଘଟଣା ଗ୍ରସ୍ତଙ୍କୁ ଏଠାରେ ଚିକିତ୍ସା କରାଯାଇଥାଏ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥାନ୍ତି । ତେବେ ବର୍ଷା ଦିନେ ଅସରାଏ ବର୍ଷା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଘୋଷରାର ଭ୍ରମ ସୃଷ୍ଟି କରେ । ସଠିକ୍ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ବର୍ଷା ପାଣି ନିଷ୍କାସନ ହେଇ ପାରୁନଥିବା ଯୋଗୁଁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଣ୍ଟୁଏ ପାଣିରେ ରୋଗୀ ଯା ଆସ ହୋଇଥାନ୍ତି । ପ୍ରତିବର୍ଷ ବର୍ଷା ଦିନେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏଭଳି ସ୍ଥିତି ଦେଖା ଦେଉଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏ ସମସ୍ୟା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରଶାସନ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ସୁସ୍ଥ ହେବାକୁ ଆସୁଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ଅସ୍ୱାସ୍ଥ୍ୟ ପରିବେଶ ଲୋକଙ୍କୁ ନିରାଶ କରୁଛି । ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ବିଶୋଇବାସୀ ଦାବି କରିଛନ୍ତି ।

# କୋଶଲି ପତ୍ରିକା 'ମୁହୁରୀ' ଉନ୍ମୋଚିତ ଓ କବି ଅମୃତଲାଲ ପାଇଲେ ପ୍ରଥମ ମହାତ୍ମା ପ୍ରୟାଗଦତ୍ତ ସମ୍ମାନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

କୋଶଲୀ ପତ୍ରିକା ମୁହୁରୀର ଉନ୍ମୋଚନ ଉତ୍ସବ ବଲାଙ୍ଗିର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ କୋଶଲୀ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ମୁଖ୍ୟ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ସଭାପତିତ୍ୱ କରିଥିଲେ । ଅତିଥି ଓ ବକ୍ତା ଭାବରେ ସାହିତ୍ୟ ସଂଗଠକ ବଳଦେବ ଦିକ୍ଷିତ, ଅମୃତଲାଲ ସାହୁ, ଲୋହିତାକ୍ଷ ଯୋଷୀ, ସୁଶାନ୍ତ କୁମାର ମିଶ୍ର, ଡ. ସୁବାଷ ମେହେର, ଡ. ସନ୍ତୋଷ କୁମାର ରଥ, ଶରତ ଚନ୍ଦ୍ର ହୋତା ଓ ମଧୁସୂଦନ ଦାସ ମଞ୍ଚାସୀନ ଥିଲେ । କବି ସୁଶାନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବିରେନ୍ଦ୍ର କୁମାର ବନଛୋର ମଞ୍ଚ ପରିଚାଳନା କରିଥିଲେ । ଟ୍ରଷ୍ଟର ମୁଖପତ୍ର 'ମୁହୁରୀ'ର କୁଲୁଆଁଫୁଟା ସଂଖ୍ୟା ଉନ୍ମୋଚନ ହେବ ବ୍ୟତିତ ମଧୁସୁଦନ ଦାସଙ୍କ ଦ୍ୱାରା ଅନୁବାଦିତ ହୋଇଥିବା ଦୁଇଟି ପୁସ୍ତକ "ଛଏଁରା କାଜେ ସକାଲ ଟେ ଓ ଛାଁଟଲା କଥାନି ଏବଂ ଲୋହିତାକ୍ଷ ଯୋଷୀଙ୍କ ରଚିତ ଇଂରାଜୀ ଅନୁବାଦିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସୁନାମଧନ୍ୟ କବି ଅମୃତଲାଲ ସାହୁ ତାଙ୍କ ଜିବନ ବ୍ୟାପି ସାଧନା ପାଇଁ ମହାତ୍ମା ପ୍ରୟାଗଦତ ସମ୍ମାନ ପ୍ରଦାନ କରା ଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବି ଭିକାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁନର୍ବାର ଭାଷା ଆଲୋଚନା ହେବା ପରେ ଏକ ବର୍ଣ୍ଣାଢ୍ୟ କବିତା ଆସର ଅନୁଷ୍ଠିତ ହୋଇଥିଲା । କବିତା ଆସରରେ ବିଶିଷ୍ଟ କବି ସୁଶାନ୍ତ ବାଗ, ଆନନ୍ଦ ଚନ୍ଦ୍ର ସାହୁ, ପୁସ୍ତମ ଜୁଆଡିଙ୍କ ସମେତ ୫୦ ସରିକି କବି କବିତା ପାଠ କରିଥିଲେ । ଉକ୍ତ ସଭାରେ ସର୍ବଶ୍ରୀ ଗୋରେଖନାଥ ସାହୁ, ତହଁକ କୁଟୁମ୍ବର ମୁଖିଆ ରାଜେଶ ଦଣ୍ଡସେନା, ଆଶୁତୋଷ ମିଶ୍ର, କବି ନିର୍ମାଲ୍ୟ ସ୍ୱାଇଁ, ଶ୍ରୀପାଳ ପଣ୍ଡା, ବ୍ରଜ ମୋହନ ମେହେର, ମାନସ କୁମାର ଷଡ଼ଙ୍ଗୀ, ଲାଲଚନ ବଗର୍ତ୍ତି ମଞ୍ଚାସୀନ ଥିଲେ ଓ କବି ଅର୍ଜୁନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଶେଷରେ କବି ଦିଲ୍ଲିପ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିଜିତ ଆନନ୍ଦ ଫରିକାର ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

## ବୈତରଣୀ ନଦୀ କୂଳରେ ପାଣିରେ ଭାସୁଛି ପଥର !

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ଥାନା ବୈତରଣୀ ନଦୀ କୂଳେ କ୍ଷେତ୍ରପୁର ଘାଟ କୂଳରେ ଥିବା ଏକ ଶିବମନ୍ଦିର ପାଖରେ ବନ୍ୟାପାଣି ଦେଖୁଥିବା ଯୁବକମାନେ ସେଠାରେ ଏକ ଭାସମାନ ପଥର ଶିବ ମନ୍ଦିର ନିକଟରେ ଭାସୁଥିବା ଦେଖିଥିଲେ । ସ୍ଥାନୀୟ ଅଞ୍ଚଳର କ୍ଷୀରୋଦ ସୁତାର ପ୍ରଥମେ ଏହି ପଥରକୁ ଦେଖିଥିଲେ । ପରେ ଲୋକମାନେ ରୁଣ୍ଡ ଜମାଇଥିଲେ । ଏହା ଦେଖି ସ୍ଥାନୀୟ ଲୋକ ଫୁଲ ଦେଇ ପୂଜାର୍ଚ୍ଚନା କରିଥିଲେ । ପଥର ଆକାର ଅନୁସାରେ ଲୋକଙ୍କ ଅନୁମାନ ୩ କେଜୀ ଓଜନ ହେବ । ସ୍ଥାନୀୟ ଯୁବକମାନେ ପୂଜାର୍ଚ୍ଚନା କରିଥିଲେ ଯାହା ଶୁଣିବାକୁ ମିଳେ ପାର୍ଶ୍ୱରେ ବହୁ ପୁରାତନ କୀର୍ତିରାଜି ମନ୍ଦିର ସବୁ ରହିଛି । ସେଥି ମଧ୍ୟରୁ ଦସ୍ୱାସିନିମେଧ ଘାଟ, ବାରୁଣୀ ଘାଟ, ସିଦ୍ଧେଶ୍ୱର ଘାଟ ଆଦି ମଠ ମନ୍ଦିର ରହିଛି । ସେଠାରୁ ବନ୍ୟା ଜଳରେ ଭାସି ଆସିଥାଇ ପାରେ ବୋଲି ମତ ରଖିଥିଲେ ।

# ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କଳିଙ୍ଗ ନଗର ଥାନା ଅନ୍ତର୍ଗତ ଗୋଲାଗାଁର ଏକ ପରିବାର ବାରମ୍ବାର ପଡ଼ୋଶୀର ଆକ୍ରୋଶ ଓ ଆକ୍ରମଣର ଶିକାର ହୋଇ ମାମଲା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଦିନକୁ ଦିନ ଦୌରାତ୍ମ୍ୟ ବଢିଯିବାରୁ ଶେଷରେ ନିରାଶ ହୋଇ ପୀଡ଼ିତ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ନ୍ୟାୟ ନପାଇଲେ ଘରଛାଡ଼ି ଯିବେ ନଚେତ ସପରିବାର ଆତ୍ମହତ୍ୟା କରିବେ ବୋଲି କହିଛନ୍ତି ।

ପ୍ରକାଶ ଯେ, କଳିଙ୍ଗନଗର ଥାନା ଗୋଲାଗାଁର ସୁଦାମ ଚରଣ ନାୟକଙ୍କ ସ୍ତ୍ରୀ ଚିନ୍ମୟୀ ନାୟକଙ୍କ ଅଭିଯୋଗ ମୁତାବକ ୨୦୨୨ ମସିହାରେ ଏହି ଜମିବାଡ଼ିକୁ କେନ୍ଦ୍ର କରି ଆକ୍ରମଣ ହେବା ପରେ ଥାନାରେ ଅଭିଯୋଗ ହୋଇଥିଲା । କିନ୍ତୁ ଏହାର ସମାଧାନ କରାଯାଇଥିଲା । ମାତ୍ର ଏହି ଜମିବାଡ଼ି ବିବାଦ ତୁଟିବା ପରିବର୍ତ୍ତେ ଧୀରେ ଧୀରେ ଉଗ୍ର ରୂପ ନେଉଛି । ବାରମ୍ବାର ଅଶ୍ରାବ୍ୟ ଗାଳିଗୁଲଜ, ଆକ୍ରମଣର ଧମକ, ଜୀବନରୁ ମାରି ଦେବାକୁ ଚକ୍ରାନ୍ତ, ଗାଡ଼ି ସାଇଡ୍ ମାରିବା, ଛୋଟ ପିଲାମାନଙ୍କୁ ବିଦ୍ୟାଳୟ ଓ ଟିୟୁସନ ଗଲାବେଳେ ଧମକ ଆଦି ଚାଲୁ ରହିଛି । ଫଳରେ ସ୍ୱଳ୍ପ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ସୁଦାମଙ୍କ ଜୀବନ ପ୍ରତି ବିପଦ ରହିଛି । ସେ ବାହାରକୁ ବାହାରିବା କ୍ଷଣି ଅନ୍ୟ ଜଣଙ୍କୁ ଭୟରେ ସାଙ୍ଗରେ ନନେଲେ ବାହାରି ପାରୁନାହାନ୍ତି । ଏପରି ସ୍ଥଳେ କଳିଙ୍ଗ ନଗର ଥାନାରେ ଗତ ମାସରେ ଦୁଇଟି ମାମଲା ମଧ୍ୟ ହୋଇଛି । କିନ୍ତୁ ପ୍ରତିପକ୍ଷ ପ୍ରଭାବଶାଳୀ ହୋଇଥିବାରୁ ପୁଲିସ କେବଳ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା କରୁଛି । ଫଳରେ ପରିବାର ଓ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେମାନେ ଶେଷରେ ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଜୀବନର ସୁରକ୍ଷା ପାଇଁ ଏସ୍‌ପିଙ୍କୁ ଗୁହାରି କରିଛନ୍ତି ।

# ଗାଁରେ ପଶିଲା ବର୍ଷା ପାଣି : ଗ୍ରାମବାସୀଙ୍କ ରାସ୍ତାରୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୩ନଂ ୱାର୍ଡ ରଣପଡ଼ା ଗ୍ରାମରେ ବର୍ଷାପାଣି ପଶି ଯାଇଥିବାରୁ ଗ୍ରାମବାସୀ ମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି । ୪ଦିନ ହେଲା ଲଗାଣ ବର୍ଷା ଫଳରେ ପୌରାଞ୍ଚଳର ତଳିଆ ଅଞ୍ଚଳ ରଣପଡ଼ା ପୋଲ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବେଶ କରିବା ସହ ଘର ଭିତରେ ପାଣି ପଶିଯିବାରୁ ସ୍ଥାନୀୟ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇଥିବାରୁ ଉଦ୍‌ବୃତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହୋଇ ନପାରି ଏହି ଗାଁ ଗୁଡ଼ିକରେ ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଅବସ୍ଥା ଏପରି ହୋଇଛି ଯେ, ଲୋକେ ଘର ଭିତରେ ଏବଂ ଘର ବାହାରେ ଆଣ୍ଠୁଏ ପାଣିରେ ଚଳପ୍ରଚଳ ହେଉଛନ୍ତି । ଏନେଇ ଗ୍ରାମବାସୀମାନେ ପୌର କାର୍ଯ୍ୟାଳୟରେ, ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ କରଥିଲେ ମଧ୍ୟ କୌଣସି ପ୍ରତିକାର ନହେବାରୁ ଗରାପୁର ରାସ୍ତାକୁ ରଣପଡ଼ା ପୋଲ ନିକଟରେ ଶତାଧିକ ମହିଳା ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ଖବରପାଇ ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଅନ୍ଦୋଳନରତ ମହିଳାମାନଙ୍କୁ ବୁଝାସୁଝା କରିବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

## ଖସିଗୁଡ଼ା ଗ୍ରାମର ରାସ୍ତା ଅବସ୍ଥା ବେହାଲ

# ରାସ୍ତାରୋକ ପାଇଁ ଗ୍ରାମବାସୀଙ୍କ ଚେତାବନୀ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ମୁଖ୍ୟ ରାସ୍ତା ପାର୍ଶ୍ୱର ଗ୍ରାମ ଖସିଗୁଡ଼ା ରାସ୍ତାର ଅବସ୍ଥା ବେହାଲ ହୋଇଛି । ଏହି ରାସ୍ତା ରାୟଗଡା ଓ କଲ୍ୟାଣସିଂହପୁର ୪୫ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ରାସ୍ତା । ମାତ୍ର ଦୁଇ ଶହ ମିଟର ରାସ୍ତା ସ୍ୱାଧୀନତାର ସାତ ଦଶନ୍ଧି ଠାରୁ ଆଜି ଯାଏଁ ଅଟକି ଯାଇଛି । ଠିକା କାମକୁ ନେଇ ବିଭଗୀୟ ଅଧିକାରୀମାନେ ମଧ୍ୟ ଚୁପ୍ ବସିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରତି ବର୍ଷ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହେଉଛି ଫାଇଲ ମଧ୍ୟ ଖୋଲା ଯାଉଛି କିନ୍ତୁ କେମିତି କେଜାଣି ରାସ୍ତା କାର୍ଯ୍ୟ ହୋଇ ପାରୁନି ଗ୍ରାମବାସୀ ଜାଣି ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି । ଖରାଦିନେ ବଡ଼ବଡ଼ ଖାଲ ଢିପ ଓ ବର୍ଷାଦିନେ ଖାଲ ସାଙ୍ଗକୁ କାଦୁଅ



ପଚପଚ ଯୋଗୁଁ ଲୋକେ ଯାତାୟାତ କରିବାରେ କଷ୍ଟ ଭୋଗିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି । ଯଦି ରାସ୍ତା ମରାମତି ନହୁଏ ତେବେ ରାୟଗଡ଼ା ଓ କଲ୍ୟାଣସିପୁର ରାସ୍ତା ରୋକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଛକରେ ବୁଲୁଛି ଦନ୍ତାହାତୀ : ଲୋକେ ଭୟଭୀତ



**ଢେଙ୍କାନାଳ ସଦର, ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ବନଖଣ୍ଡ ଅଧିନସ୍ଥ ଷଡଙ୍ଗୀ ବନାଞ୍ଚଳର ଲାଉଲଇ ଗ୍ରାମର ବଜାର ଓ ବ୍ୟବସାୟ ମୁଖ୍ୟସ୍ଥଳୀ ରୂପେ ପରିଚିତ ପୋଖରୀ ଛକଠାରେ ଏକ ଦନ୍ତାହାତୀ ବୁଲୁଥିବା ଦେଖାଯାଇଛି । ହାତୀଟି ସକାଳ ପ୍ରାୟ ୮ଟା ୪୫ରେ ବାହାରି ବ୍ୟବସାୟ ତଥା ବ୍ୟସ୍ତବହୁଳ ଜନଗହଳି ପୂର୍ଣ୍ଣ ସ୍ଥାନରେ ବୁଲୁଥିଲା । ଏହାକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି । ଲଗାତର ଭାବରେ ଏହି ହାତୀଟି ଖଙ୍କିରା ବ୍ରାହ୍ମଣ ତଇଲା ଅଞ୍ଚଳରେ ଖୋଲା ହୋଇ ନଥିବା ଟ୍ରେଞ୍ଚ ବାଟ ଦେଇ ଆସୁଥିବାବେଳେ ବନବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । କେତେଦିନ ଏଭଳି ଚାଲିଥିବ ହାତୀ ମଣିଷର ଲଢେଇ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଏହି ହାତୀଟି ବିଭିନ୍ନ ସମୟରେ ଖଙ୍କିରା, ଲାଉଲଇ, ବେଗା-କରଡ଼ାବଣି ଅଞ୍ଚଳରେ ବୁଲୁଛି । ଯାହା ଫଳରେ ଲୋକଙ୍କ ଧନଜୀବନ ପ୍ରତି ବିପଦ ରହିଛି । ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ନିବେଦନ କରିଛନ୍ତି ।

# ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ

**ବାସୁଦେବପୁର, ନ୍ୟୁଜ୍‌ବ୍ୟୁରୋ**




ବାସୁଦେବପୁରର ଥାନା ଅଧିନ ଆରୁହା ପଞ୍ଚାୟତ ଭାଗପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅରଣ୍ଡୁଆ ପଞ୍ଚାୟତର କାନ୍ଥିସାହୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପଧାନୀପଡ଼ା ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି । କାନ୍ଥିସାହୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କୋଡ଼ିଏ ବସ୍ତା ଚାଉଳ ଚୋରି ହୋଇଥିବା ବେଳେ ନିଗମ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ରହିଥିଲା ବୋଲି ପ୍ରଧାନଶିକ୍ଷକ ଶରତଚନ୍ଦ୍ର ସାହୁ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ସେହିପରି ଭାଗପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୯ବସ୍ତା ଚାଉଳ ଚୋରି ହୋଇଥିବା ଗୌରିମଣି ପ୍ରଧାନ ଅଭିଯୋଗରେ ଦର୍ଶାଇଥିବାବେଳେ ପଧାନୀପଡା ପ୍ରାଥମିକ ବିଦ୍ୟାଳୟ ୧ବସ୍ତା ଚାଉଳ ସହିତ ହାଣ୍ଡି, କଡ଼େଇ, ପିତ୍ତଳ ଘଣ୍ଟା ସମେତ ବାସନ ଚୋରି ହୋଇଥିବା ପ୍ରଧାନଶିକ୍ଷୟିତ୍ରୀ ମିନତୀଲତା ପଣ୍ଡା ଥାନାରେ ଅଭିଯୋଗ ହୋଇଛି । ତେବେ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ଜଣାଇଛନ୍ତି ।

# ସରୋଜଙ୍କ ବୃକ୍ଷପ୍ରୀତି : ବାଣ୍ଟୁଛନ୍ତି ଚାରା, ଦେଉଛନ୍ତି ବାର୍ତ୍ତା

**ଲଡୁଗାଁ, ନ୍ୟୁଜ୍‌ବ୍ୟୁରୋ**

ବର୍ତ୍ତମାନ ସମୟରେ ବୃକ୍ଷର କ୍ଷୟ ସମସ୍ତ ମାନବ ସମାଜ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ସରକାରୀ ଓ ବେସରକାରୀସ୍ତରରେ ଏହି ବୃକ୍ଷ ବୃଦ୍ଧି ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି । ଏଭଳି ସ୍ଥିତିରେ ଜଣେ ବ୍ୟବସୟୀଙ୍କ ବୃକ୍ଷ ପ୍ରୀତି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ବ୍ୟବସାୟୀ ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁର ସରୋଜ ଚନ୍ଦ୍ର ସାହୁ ।

ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ସପ୍ତାହ ପାଳନ ହେଉଛି । ଏହି ଅବସରରେ ସରୋଜ ପାଖାପାଖି ୭୦ରୁ ଅଧିକ ଚାରଗଛ ଆଣି ମାଗଣାରେ ସମସ୍ତଙ୍କୁ ବାଣ୍ଟୁଛନ୍ତି । କେବଳ ଏତିକି ନୁହେଁ ସେ




୧୦୦୦ରୁ ଊର୍ଦ୍ଧ୍ୱ ଗଛ ନିଜ ଜନ୍ମଦିନ ତଥା ଅନ୍ୟମାନଙ୍କ ଜନ୍ମଦିନ ମାନଙ୍କରେ ବୃକ୍ଷ ରୋପଣ ଓ ବଣ୍ଟନ କରି ପାଳନ କରିଥାନ୍ତି । ସମସ୍ତଙ୍କୁ ନିଜ ନିଜ ଜନ୍ମଦିନରେ ବୃକ୍ଷ ରୋପଣ କରି ଅନ୍ୟମାନଙ୍କୁ ଗଛ ବାଣ୍ଟିବା ପାଇଁ ବାର୍ତ୍ତା ଦେଇଥାନ୍ତି । ଏହି ବାର୍ତ୍ତା ଆଗକୁ ପ୍ଲାଷ୍ଟିଙ୍ଗ ଚେନ୍ ତିଆରି ହୋଇ ଏହି ଧରା ପୃଷ୍ଠକୁ ସବୁଜ ବନାନୀରେ ପରିଣତ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସହ ମୁକାବିଲା କରିବା ପାଇଁ ସହଯୋଗୀ ହେବ । ଚାରା ଗଛଗୁଡିକୁ ମଧ୍ୟ ଲୋକେ ଆଦର ସହକାରେ ଗ୍ରହଣ କରୁଥିବାର ଦେଖିବାକୁ ମିଳିଛି ।

## ଚୋରା ମଦ ଜବତ : ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବ୍ୟାପକ ପରିମାଣରେ ଦେଶୀ ବିଦେଶୀ ଚୋରାମଦ ଜବତ କରିବା ସହିତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୁନିତୀ ପଞ୍ଚାୟତର ପଞ୍ଚାନନ ପରମାଣିକ, ସାନମାଣତିଆ ଗ୍ରାମର ରବିନ୍ଦ୍ର ମଲ୍ଲିକ, ମିର୍ଜାପୁର ଗ୍ରାମର ଶୁଶାନ୍ତ କୁମାର ପରିଡ଼ା, କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ବଡ଼ହାଟ ଗ୍ରାମର ମାନ ମହାରଣା ପ୍ରମୁଖଙ୍କ ଠାରୁ ୨ଶହରୁ ଊର୍ଦ୍ଧ୍ୱ ଦେଶୀ, ବିଦେଶୀ ଓ ରନ୍ଧା ମଦ ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉ ସମୟରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲ୍ଲିକ, ନିରୀକ୍ଷକ ପଦ୍ମଲୋଚନ ନାୟକ, ଉପନିରୀକ୍ଷକ ଧର୍ମପ୍ରଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରେନ୍ ଅଭାବରୁ ଲୋକେ ହନ୍ତସନ୍ତ



**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଡ୍ରେନେଜ୍ ବ୍ୟବସ୍ଥାର ଅଭାବ ଯୋଗୁଁ ଖାଲି ସ୍ଥାନରେ ପାଣି ଜମା ହେଉଥିବାରୁ ପାୱାର ହାଉସ୍ କଲୋନୀର ଅଷ୍ଟମ ଗଳିର ବାସିନ୍ଦାମାନେ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଚିନ୍ତାଜନକ ସ୍ତରରେ ପହଞ୍ଚିଛି, ଯାହା ଫଳରେ ବର୍ଦ୍ଧିତ ସ୍ୱାସ୍ଥ୍ୟ ବିପଦ, ବିଶେଷକରି ମ୍ୟାଲେରିଆ ମାମଲା ବୃଦ୍ଧି ଏବଂ ଅପର୍ଯ୍ୟାପ୍ତ ରାସ୍ତା ଆଲୋକୀକରଣ ଯୋଗୁଁ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଥିବାରୁ ବାସିନ୍ଦାମାନେ ସେମାନଙ୍କର ହତାଶା ପ୍ରକାଶ କରୁଛନ୍ତି ।

ଗତ କିଛି ସପ୍ତାହ ମଧ୍ୟରେ, ସ୍ଥାନୀୟ ଲୋକମାନେ ରିପୋର୍ଟ କରିଛନ୍ତି ଯେ ନିକଟବର୍ତ୍ତୀ ଘରଗୁଡ଼ିକର ପାଣି ନିଷ୍କାସନ ପାଇଁ କୌଣସି ସ୍ଥାନ ନାହିଁ, ଯାହା ଫଳରେ ଖାଲି ସ୍ଥାନରେ ଏବଂ ରାସ୍ତା କଡ଼ରେ ପୁଷ୍କରିଣୀ ସୃଷ୍ଟି ହେଉଛି । ଏହି ସ୍ଥିର ପାଣି ମଶାଙ୍କ ପ୍ରଜନନ ସ୍ଥଳ, ଯାହା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଅଞ୍ଚଳର ସ୍ୱାସ୍ଥ୍ୟ କ୍ଲିନିକଗୁଡ଼ିକରେ ମ୍ୟାଲେରିଆ ସଂକ୍ରମଣ ଚିନ୍ତାଜନକ ବୃଦ୍ଧି ଦେଖାଯାଉଛି, ଅନେକ ବାସିନ୍ଦା ଗୁରୁତର ଅସୁସ୍ଥ ହେଉଛନ୍ତି । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଚେତାବନୀ ଦେଉଛନ୍ତି ଯେ ଯଦି ପରିସ୍ଥିତିର ତୁରନ୍ତ ସମାଧାନ କରାନଯାଏ, ତେବେ ସ୍ୱାସ୍ଥ୍ୟ ସଙ୍କଟ ଆହୁରି ଖରାପ ହୋଇପାରେ, ଯାହା ପିଲା ଏବଂ ବୃଦ୍ଧଙ୍କ ସମେତ ଦୁର୍ବଳ ଜନସଂଖ୍ୟାକୁ ପ୍ରଭାବିତ କରିବ ।

# ପେପର ମିଲ୍‌ରୁ ଚୋରି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସେବା ପେପରମିଲରୁ ଡ୍ରମ୍ ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି । ମଧ୍ୟରାତ୍ରରେ ପେପରମିଲ୍‌ର ସିକ୍ୟୁରିଟି ଦାୟୀତ୍ୱରେ ଥିବା ସୁବାଷ ଚନ୍ଦ୍ର ମିଶ୍ର ରାତିରେ ଜଗିଥିବା ସମୟରେ ହଠାତ କିଛି ଲୋକ ତାଙ୍କୁ ଟେକା ପଥର ମାରିଥିଲେ । କିଏ ମାରୁଛି ବୋଲି ସୁବାଷ ମିଲ ପରିସର ଭିତରେ ବୁଲି ଦେଖିବା ବେଳକୁ ଦୁଇଜଣ ଦୁର୍ବୃତ୍ତ ଡ୍ରମ୍‌ଗୁଡିକୁ ଚୋରି କରି ନେଉଥିବା ଦେଖିଥିଲେ । ପାଟିକରି ୪ ଜଣ ସିକ୍ୟୁରିଟି ଯିବା ସମୟରେ ଦୁର୍ବୃତ୍ତ ମାନେ ସେଠାରୁ ଡ୍ରମ୍ ଛାଡି ଚାଲିଯାଇ ଥିଲେ । ମିଲର ମୁଖ୍ୟ ଫାଟକ ନିକଟକୁ ଆସି ଦେଖିବା ସମୟରେ ଏକ ଅଟୋରେ କିଛି ଡ୍ରମ୍ ରଖାଯାଇଥିବା ସହ ଟିଣ ବାକ୍ସ ଗୁଡିକ ରଖାଯାଇଥିଲା । ସିକ୍ୟୁରିଟି ଗାଡି ନିକଟକୁ ଯିବା ସମୟରେ ଅଟୋଟି ଖୁବ୍ ଜୋରରେ ସ୍ଥାନ ଛାଡି ଚାଲିଯାଇଥିଲା । ଫଳରେ ଅଟୋରୁ ଗୋଟିଏ ଡ୍ରମ୍ ଓ ଟିଣ ବାକ୍ସ ପଡ଼ିଯାଇଥିଲା । କିନ୍ତୁ ଅଟୋରେ ଅନ୍ୟ ଟିଣ ବାକ୍ସ ଦୁଇଟି ପ୍ଲାଷ୍ଟିକ ଚେୟାର ଓ ଅନ୍ୟ କେତୋଟି ଡ୍ରମ୍ ଚୋରି ହୋଇଥିବା ନେଇ ଆଜି ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଜାତୀୟ ରାଜପଥ ଉପବିଭାଜନ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି : ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ଥିବା ଜାତୀୟ ରାଜପଥ ଉପବିଭାଜନ କାର୍ଯ୍ୟାଳୟ ଗତ ବର୍ଷେ ହେଲା ନାହିଁନାହିଁରେ ଚାଲିଛି । ଏହି କାର୍ଯ୍ୟାଳୟ ଅଧୀନରେ ମାଥିଲି, ମାଲକାନଗିରି, କାଲିମେଲା, ମୋଟୁ ସେକ୍ସନ ଅଫିସ, ୪ଜଣ କନିଷ୍ଠ ଯନ୍ତ୍ରୀ, ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ବା ଏସଡ଼ିଓ ପଦବୀ ରହିବା ସ୍ଥଳରେ ମାତ୍ର ଦୁଇଜଣ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡ଼ିଓ ପଦବୀ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ପଦ ଖାଲି ପଡ଼ିଛି ।

ଜୟପୁର ଏସଡ଼ିଓ ମାଲକାନଗିରି ଦାୟିତ୍ୱରେ ଅଛନ୍ତି । ସେ ମଧ୍ୟ ଚଳିତ ମାସ ଚାକିରିରୁ ଅବସର ନେବେ । ଗୋବିନ୍ଦପାଲି ଘାଟିଠାରୁ ମୋଟୁ ପର୍ଯ୍ୟନ୍ତ ୩୨୬ ନମ୍ବର ଜାତୀୟ ରାଜପଥ ଦୀର୍ଘ ୧୫୮ କିଲୋମିଟର ରହିଛି । ସ୍ୱଳ୍ପ ସଂଖ୍ୟକ ଯନ୍ତ୍ରୀ କିପରି କାର୍ଯ୍ୟ ତଦାରଖ କରିବେ, ସେଥିପାଇଁ ଜାତୀୟ ରାଜପଥ ନିର୍ମାଣ ଓ ମରାମତି ହୋଇ ନପାରି ରାସ୍ତା ମଝିରେ ଖାଲ ଖମା ହୋଇ ମରଣଜନ୍ତା ପାଲଟିଛି । ଗୋବିନ୍ଦପଲ୍ଲୀ ଠାରୁ ମୋଟୁ ଜାତୀୟ ରାଜପଥରେ ୧୧୬କୋଟି ଟଙ୍କା ବ୍ୟୟ ଅଟକଳରେ ଦୀର୍ଘ ତିନିବର୍ଷ ହେଲା ୯ଟି ଉଚ୍ଚା ପୋଲ ନିର୍ମାଣ କାମ ଚାଲିଛି । ନିର୍ମାଣର ଅବଧି ସରିଥିଲେ ମଧ୍ୟ ଏହି ପୋଲଗୁଡିକ ମାତ୍ର ୩୫ ପ୍ରତିଶତ କାମ ହୋଇ ଅଧାପନ୍ତରିଆ ଅବସ୍ଥାରେ ଅଛି । ଜୟପୁର ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ମାଲକାନଗିରି ଜିଲ୍ଲାରେ ରହିଥିବା ସମସ୍ତ ୯ଟି ତଳୁଆ ପୋଲକୁ ଉଚ୍ଚ ପୋଲ ନିର୍ମାଣ କରିବା ପାଇଁ ତତ୍କାଳୀନ ସରକାର ଅନୁଦାନ ପ୍ରଦାନ କରିଥିଲେ । ସେଥିମଧ୍ୟରୁ ଦୁଇଟି ସ୍ଥାନରେ ଜମି ଅଧିଗ୍ରହଣ ହୋଇପାରୁ ନଥିବାରୁ ପୋଲ ନିର୍ମାଣ କାମ ଆରମ୍ଭ ହୋଇନାହିଁ । ବଳକା ୭ଟି ସ୍ଥାନରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଧାର୍ଯ୍ୟ ସମୟସୀମା ସରିବାର ବର୍ଷେ ପରେ ବି ଶେଷ ହୋଇପାରୁ ନାହିଁ । ଫଳରେ ଚଳିତ ବର୍ଷ ବି ବର୍ଷାରେ ମାଲକାନଗିରି ଜିଲ୍ଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ବହୁତ ସମ୍ଭାବନା ରହିଛି ।

ଗୋବିନ୍ଦପାଲି ଠାରୁ ମୋଟୁ ୧୫୮ କିଲୋମିଟରରେ ରହିଛି ୯ଟି ନୀଚା ପୋଲ । ପ୍ରତିବର୍ଷ ବର୍ଷା ଦିନେ ଏହି ପୋଲଗୁଡିକ ବନ୍ୟା ପାଣିରେ ବୁଡ଼ିଯାଇ ମାଲକାନଗିରି, କାଲିମେଲା, ମୋଟୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାନବାହାନ ଚଳାଚଳ ଓ ଯାତାୟାତରେ ବାଧା ସୃଷ୍ଟି ହୋଇଥାଏ । ତେଣୁ ଏ ସବୁ ସ୍ଥାନରେ ଗତ ତିନିବର୍ଷ ହେଲା ଉଚ୍ଚା ପୋଲ ନିର୍ମାଣ ଚାଲିଛି ହେଲେ କାମ ସରୁନାହିଁ । ଜାତୀୟ ରାଜପଥରେ ଯୋଗାଯୋଗ ବିଚ୍ଛିନ୍ନ ହେଉଥିବାରୁ ଏହାର ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ପାଙ୍ଗାମ, ପୋଟେରୁ, କାଙ୍ଗୁରକୋଣ୍ଡା, ଏମଭି-୯୦ ଏବଂ ଏମଭି-୯୬ ପୋଲ ନିର୍ମାଣ ପାଇ ୭୯ କୋଟି ବ୍ୟୟବରାଦ ହୋଇଥିବା ବେଳେ ଏହାକୁ ବିଳାସପୁରର ବ୍ରିଜେଶ ଅଗ୍ରୱାଲ କମ୍ପାନୀ ନିର୍ମାଣ କରୁଛି । ଏହି ପୋଲ ନିର୍ମାଣ କାମ ସରିବାର ଅବଧି ୨୦୨୪ ମସିହା ଜୁନ ମାସ ଶେଷ ସମୟ ରହିଥିଲା ହେଲେ ଏହି ବ୍ରିଜ୍‌ଗୁଡିକ ମାତ୍ର ୩୫ ପ୍ରତିଶତ କାମ ହୋଇଛି । ଏହି ୫ଟି ପୋଲ କାମ ଠିକା ନେଇଥିବା ପୂର୍ବରୁ କାମ କରୁଥିବା କମ୍ପାନୀକୁ ଚଳିତ ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରେ ବାତିଲ କରାଯାଇ ନୂଆ ଟେଣ୍ଡର ଡକା ଯାଇଥିବାର ଜଣା ପଡିଛି ।

ଠିକ ସେହିପରି ଏମଭି-୭, ଏମଭି-୧୯, ଅମଲାଯୋଡ଼ି ଏବଂ ମହାରାଜପାଲ୍ଲୀ ପୋଲ ନିର୍ମାଣ ପାଇଁ ୩୭ କୋଟି ମଞ୍ଜୁର ହୋଇଥିଲା । ଏହି ପୋଲଗୁଡ଼ିକ ଛତିଶଗଡ଼ ବିଜାପୁର ଜିଲ୍ଲାର ଶିବଶକ୍ତି ଇଂଜିନିୟର ୱାର୍କସ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଛି । ୨୦୨୫ ମସିହା ମେ ମାସରେ ସମାପ୍ତ ହେବ ବୋଲି ସମୟ ଧାର୍ଯ୍ୟ ରହିଥିଲେ ମଧ୍ୟ କାମ ସରିନାହିଁ, ଏହି ୪ଟି ପୋଲ କାମ ମାତ୍ର ୩୫ ପ୍ରତିଶତ ହୋଇଛି । ଅମଲାଯୋଡ଼ି ଓ ମହାରାଜପାଲୀ ପୋଲ ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ ପରିବେଶ ଅନୁମତି ଓ ଜମି ଅଧିଗ୍ରହଣ ହୋଇପାରୁନଥିବାରୁ ବିଳମ୍ବ ହେଉଥିବାର ଜଣାପଡିଛି । ଅନ୍ୟ ୭ଟି ପୋଲ ନିର୍ମାଣ କାମ ମନ୍ଥର ଗତିରେ ଚାଲୁଥିବାର ଜଣାପଡ଼ିଛି । ଏହି ପୋଲ ଗୁଡିକ ତୁରନ୍ତ ନିର୍ମାଣ ନ ହେଲେ ପୂର୍ବପରି ପୋଲଗୁଡିକ ବନ୍ୟା ଓ ବର୍ଷା ପାଣିରେ ବୁଡି ମାଲକାନଗିରି, କାଲିମେଲା, ଏମଭି ୭୯, ମୋଟୁ, ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହେବ । ତେଣୁ ତୁରନ୍ତ ଏହି ପୋଲଗୁଡିକ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।





# ରାସ୍ତାରେ ଜମୁଛି ଆଣ୍ଠୁଏ ଉଚ୍ଚରେ ବର୍ଷାଜଳ:ଯାତାୟାତ ଠପ୍



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଅନ୍ତର୍ଗତ ଇନ୍ଦୁପୁର ବଜାରରେ ବର୍ଷାଜଳ ନିଷ୍କାସନ ହୋଇନପାରି ଆଣ୍ଠୁଏ ଲେଖା ଜଳ ଛିଡା ହୋଇ ରହୁଥିବା ସରପଞ୍ଚଙ୍କ ସମେତ ଶତାଧିକ ବ୍ୟକ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଇନ୍ଦୁପୁର ପଞ୍ଚାୟତ ଦେଇ ଯାଇଥିବା ଯାଜପୁର-କେନ୍ଦ୍ରାପଡା ମୁଖ୍ୟ ରାସ୍ତା ଉପରେ ଇନ୍ଦୁପୁର ବଜାର ଠାରୁ ମା' ରାମଚଣ୍ଡୀ ଦେବୀ ପୀଠ ପର୍ଯ୍ୟନ୍ତ ଆଣ୍ଠୁଏ ଲେଖା ବର୍ଷାଜଳ ଜମି ରହୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଇନ୍ଦୁପୁର ଏକ ଜନବହୁଳ ବ୍ୟବସାୟ ପେଣ୍ଠସ୍ଥଳି ଥିବାବେଳେ ଏଠାରେ ଅନେକ ସ୍କୁଲ୍, କଲେଜ୍, ସରକାରୀ କାର୍ଯ୍ୟାଳୟ ଏବଂ ବଜାର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ତାଛଡା ସପ୍ତାହରେ ଦୁଇଦିନ ପରିବା ହାଟ ହୁଏ । ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ମା' ଚଣ୍ଡିଦେବୀ ଉକ୍ତ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ଅଟନ୍ତି । ରାସ୍ତାଟି ଦୁଇଟି ଜିଲ୍ଲାକୁ ସଂଯୋଗ କରୁଥିବାରୁ ଦୈନିକ ହଜାର ହଜାର ସାଧାରଣ ବ୍ୟକ୍ତି ଯାତାୟାତ କରନ୍ତି । ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୁତାରଙ୍କ ସମେତ ରାମ ନାରାୟଣ ସିଂ, ସମିତି ସଭ୍ୟ ସୁନନ୍ଦା ମଲ୍ଲିକ, ବିଜୟ କୁମାର ଜେନା, ହୃଦାନନ୍ଦ ମହାରଣା, ଧନଞ୍ଜୟ ରାଉତ, ଦିଲ୍ଲୀପ କୁମାର ମଲ୍ଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଅଭିଯୋଗ କରି ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି ।

# ପୋଲିସ ନିକଟରେ ଆତ୍ମସମର୍ପଣ କଲେ ୩ ହାର୍ଡକୋର୍ ମାଓବାଦୀ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୋଲିସକୁ ମିଳିଛି ଆଉ ଏକ ସଫଳତା । ପୋଲିସ ନିକଟରେ ଆତ୍ମସମର୍ପଣ କଲେ ଦୁଇ ମହିଳା କ୍ୟାଡରଙ୍କ ସମେତ ତିନି ଜଣ ହାର୍ଡକୋର ମାଓବାଦୀ । ଏନେଇ ସୋମବାର କନ୍ଧମାଳ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତିନ ଶେଖର । ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହେଲେ ବିଜିଏନ ସଙ୍ଗଠନର ଡିଭିଜନାଲ କମିଟି ମେମ୍ବର ମାନେ ବେଟି ଓରଫ ଚମ୍ପା, କେକେବିଏନ୍ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମୋ ମାଧବୀ ଓରଫ ମଞ୍ଜୁ । ଚମ୍ପା ୨୦୦୯ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ୍ ହୋଇଥିଲେ । ଏମାନେ ସମସ୍ତେ ଛତିଶଗଡ଼ କ୍ୟାଡରର



ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ । ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃ ସକ୍ରିୟ କରିବା ଦିଗରେ ଏମାନେ କାମ କରୁଥିଲେ । ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ଏମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି । ସୁରକ୍ଷା ବାହିନୀ ପକ୍ଷରୁ ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବିତସ୍ପୃହ ହୋଇ ପୋଲିସ ପାଖରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି ତିନି ମାଓବାଦୀ । ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ୍ ମଧ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି । ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୋଲିସ ସହିତ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି । ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି । ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିସି ଏବଂ ବାଲିଗୁଡା ସ୍ଥିତ ୧୨୭ ସିଆର୍‌ପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଙ୍ଗଗତ ବିସ୍ମୟକୁ ନେଇ ଏକ ସଫଳ ଆଲୋଚନା




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୈଶିଷ୍ଟ୍ୟ ତ୍ରୈମାସିକ ପ୍ରସଙ୍ଗ ଭିତ୍ତିକ ପତ୍ରିକା ତରଫରୁ 'ଲିଙ୍ଗଗତ ପ୍ରକାର ଭେଦ ଏବଂ ଲିଙ୍ଗଗତ ପରିଚୟ:ଏକ ବିସ୍ମୟ ନା ଏକ ଅସମଞ୍ଜତା ! 'ବିଷୟବସ୍ତୁକୁ ନେଇ ରବିବାର ଜୁଲାଇ ୬ ତାରିଖରେ ଆଭାସୀ ଆସର ଆୟୋଜିତ ହୋଇଥିଲା । ବୈଶିଷ୍ଟ୍ୟର ଏଇ ଭିନ୍ନ ଏବଂ ନିଆରା ପ୍ରୟାସରେ କିନ୍ନର, ଲିଙ୍ଗ, ଲୈଙ୍ଗିକତା ଉପରେ ଆଳାପ ଏବଂ ଆଲୋଚନା ହୋଇଥିଲା । Transgender ଓ ସେମାନଙ୍କ ସମସ୍ୟା, ସରକାରୀ ସାହାଯ୍ୟ, ଲିଙ୍ଗଗତ ପ୍ରକାର ଭେଦ, Gender transition, ଯୌନତା, bi-sexual, LGBTQ, gender non-conforming ଏମିତି ଅନେକ ବିବିଧତାକୁ ସାହିତ୍ୟ ସହିତ ଯୋଡ଼ିବାର ପ୍ରୟାସରେ ଅତିଥି ଏବଂ ଶ୍ରୋତାମାନଙ୍କ ଭିତରେ ପ୍ରଶ୍ନୋତ୍ତର ପର୍ଯ୍ୟାୟ ହୋଇଥିଲା । ଆଭାସୀ ଆସରଟି ବହୁତ ସୁନ୍ଦର ଏବଂ ସଫଳତାର ସହିତ ସମ୍ପାଦିତ ହୋଇଥିଲା । ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଡ଼ ଚିନ୍ମୟୀ ଦାସ, ବିଶିଷ୍ଟ ଔପନ୍ୟାସିକା ଲକ୍ଷ୍ମୀ ଚାନ୍ଦ, ଯୁବକବି ଦିପୁନ୍ ପୁହାଣ, ଯୁବ ଗାଳ୍ପିକ ସୁବ୍ରତ କୁମାର ସେନାପତି ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ । ଆସରରେ ନିମନ୍ତ୍ରିତ ଅତିଥି ସ୍ରଷ୍ଟା ଗାଳ୍ପିକା ମୀନା ସ୍ୱାଇଁ, ନାରୀକବୀ ବିଜୟା ପାଣିଗ୍ରାହି, ନାରୀକବୀ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଏବଂ ନାରୀକବୀ ଭାଗ୍ୟଶ୍ରୀ ପଟ୍ଟନାୟକ କିନ୍ନରଙ୍କ ଉପରେ ସୁନ୍ଦର ଗଳ୍ପ ଏବଂ କବିତା ପଠନ କରିଥିଲେ । ଆସର ପରିଚାଳକ ଓ ସଂଯୋଜିକା ଭାବେ ଯଥାକ୍ରମେ କାର୍ଯ୍ୟକ୍ରମଟିକୁ ସୂଚାରୁରୂପେ ତୁଲାଇଥିଲେ ଔପନ୍ୟାସିକ ସ୍ୱରୂପ କୁମାର ନାୟକ ଏବଂ ଗାଳ୍ପିକା ରଶ୍ମିତା ବେହେରା ଚିନୁ । ବୈଶିଷ୍ଟ୍ୟ ସମ୍ପାଦିକା ଶ୍ୱେତପଦ୍ମା ପାଢୀ ତ୍ରିପାଠୀ ଏବଂ ଯୁବ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟଙ୍କ ସହିତ ଯୁବକବି ବିନେଶ ସାମଲ ବିଷୟବସ୍ତୁ ଚୟନରେ ସହଯୋଗ କରିଥିଲେ ।

## ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିଛନ୍ତି । ଏହା ପୂର୍ବରୁ, ଡ଼ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜିକୃତ ହୋଇଛି । ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କ ଅଫିସକୁ ଯାଇ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା



କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ସ୍ମାରକପତ୍ର ପ୍ରଦାନ ପରେ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ, ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ, ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି । ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧି ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି । ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି । ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଛି । ସରକାର ଏକ ବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଛନ୍ତି । କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି । ଗତ ଏକ ବର୍ଷ ହେଲାଣି, ରାଜ୍ୟ ମହିଳା କମିଶନ ପଦ ଖାଲି ପଡିଛି । ମହିଳା କମିଶନ ଅଫିସ୍‌ରେ ସମ୍ପାଦକ ମଧ୍ୟ ନାହାନ୍ତି । ଆମେ ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ପ୍ରଦାନ କଲୁ । ଆଶା କରୁଛୁ, ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ । ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଲେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ । ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ ।

# ବର୍ଷା ଜଳ ଘେରରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାବିଦ୍ୟାଳୟ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସରକାର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ପାଇଁ ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବାବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ରାଇସୁଆଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ରାଇସୁଆଁ କଲେଜ ଓ ହନୁମାନ ମନ୍ଦିର ଯିବା ରାସ୍ତାରେ ଆଣ୍ଠୁଏ ପାଣିରେ ଲୋକେ ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି । କେବଳ ଯେ ଗ୍ରାମର ଲୋକେ ତାହା ନୁହେଁ ରୋଗୀ ଓ ଛାତ୍ରଛାତ୍ରୀ ମାନେ ମଧ୍ୟ କଲେଜ ଓ ଡକ୍ତରଖାନା ଯିବାକୁ ବାଧ୍ୟ ହେଉଛନ୍ତି । ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉପରେ ରାଇସୁଆଁ, ଗୋପୀନାଥପୁର, ମାହାଦେଇଯୋଡ଼ା, ମୁକୁନା, ବାଉରିପଦା, ସଂକିରି ଆଦି ଅଞ୍ଚଳର ରୋଗୀ ନିର୍ଭର କରୁଥିବା ବେଳେ ଏବେ ଏହାର କାନ୍ଥ ସବୁ ଫାଟି ବିପଦ ସଙ୍କୁଳ ଅବସ୍ଥାରେ ପହଞ୍ଚିଲାଣି । ପ୍ରତିଦିନ ଏହି ଚିକିତ୍ସାଳୟକୁ ୧୫୦ରୁ ଅଧିକା ରୋଗୀ ଆସୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାପାଇଁ ଭଲ ରାସ୍ତାଟିଏ ହୋଇପାରିନାହିଁ । ଏବେ ଲଘୁଚାପ



ପ୍ରଭାବରେ ଚାଲିଥିବା ଲଗାଣ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଥିବା ହେତୁ ରୋଗୀମାନେ ଯିବା ଆସିବା କରିବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ରାଇସୁଆଁ ମହାବିଦ୍ୟାଳୟକୁ ଶତାଧିକ ଛାତ୍ରଛାତ୍ରୀ ଓ ହନୁମାନ ମନ୍ଦିରକୁ ଶ୍ରଦ୍ଧାଳୁ ଯିବା ଆସିବା କରୁଥିବା ବେଳେ ରାସ୍ତାର ଏହି ଅବସ୍ଥା ଯୋଗୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ମହାବିଦ୍ୟାଳୟରେ ଥିବା ମହିଳା ଛାତ୍ରାବାସରେ ରହୁଥିବା ଛାତ୍ରୀମାନଙ୍କୁ କୌଣସି ଦରକାରୀ ଜିନିଷ ଆଣିବା ପାଇଁ ରାଇସୁଆଁ ବଜାରକୁ ଆସିବା ପାଇଁ ହେଲେ ଏହି ପାଣି ଦେଇ ଆସିବା ପାଇଁ ପଡୁଥିବାରୁ ଅଭିଭାବକମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ଓ ଖବର ପ୍ରସାରଣ ପରେ ଗତବର୍ଷ ଗୋପିନାଥପୁର ସମିତିସଭ୍ୟ ଓ ବ୍ଲକ୍ ଯନ୍ତ୍ରୀ ଏହିରାସ୍ତା ପରିଦର୍ଶନ କରିଥିଲେ କିନ୍ତୁ ତାପରେ ବି ବର୍ଷା ପୂର୍ବରୁ ଏହିରାସ୍ତାରେ ମାଟିମୁଠେ ପଡ଼ିପାରିଲାନାହିଁ । ତେଣୁ ପ୍ରଶାସନ ଦ୍ୱାରା ଏହିରାସ୍ତାକୁ ତୁରନ୍ତ କରାନଗଲେ କଲେଜ୍ ପିଲାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଅଣ୍ଟା ଭିଡିଲେଣି ଅଞ୍ଚଳବାସୀ ।

# ଦୀର୍ଘ ସ୍ଥାୟିତ୍ୱ ଓ ମାନବ ଅଧିକାର ପ୍ରତି ଟାଟା ଷ୍ଟିଲ୍ ଦୃଢ ପ୍ରତିବଦ୍ଧ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ ପକ୍ଷରୁ ମୂଲ୍ୟବୋଧ ନୀତି ଆଧାରରେ ମାନବ ଅଧିକାର ଓ ପରିବେଶ ଉପଯୋଗୀ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇ ବ୍ୟବସାୟ ଅଭ୍ୟାସକୁ ନୂଆ ଆକାର ପ୍ରଦାନ କରାଯାଉଛି । ସହଭାଗୀମାନଙ୍କ ସହ ଆଲୋଚନା ଜରିଆରେ ପରିବେଶ ଅନୁକୂଳ ଦିଗରେ ଦୀର୍ଘ ମିଆଦି ରଣନୀତି ପ୍ରସ୍ତୁତ କରାଯାଇ ସାମାଜିକ ଓ ପରିବେଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରାଥମିକତାର ସହ ସମାଧାନ କରାଯାଉଛି । କାର୍ଯ୍ୟକ୍ଷେତ୍ରରେ ପରିବେଶ ପ୍ରଦୂଷଣ ହ୍ରାସ କରିବା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଅନେକ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଇଣ୍ଡଷ୍ଟ୍ରିଆଲ୍ ବାଇ-ପ୍ରଡକ୍ଟସ୍ ମ୍ୟାନେଜମେଣ୍ଟ ଡିଭିଜନ ଓ ଷ୍ଟିଲ୍ ରିସାଇକ୍ଲିଂ ବ୍ୟବସାୟ ସ୍କ୍ରାପ୍ ବ୍ୟବହାରରେ ଉନ୍ନତି ଆଣିବା ସହିତ ବାଇ-ପ୍ରଡକ୍ଟ (ଉପ ଉତ୍ପାଦ)ର ପୁନଃ ବ୍ୟବହାର କରାଯାଇ ବର୍ଜ୍ୟ ପରିଚାଳନା ପ୍ରତି ପ୍ରଭାବଶାଳୀ ଯୋଗଦାନ ପ୍ରଦାନ କରାଯାଇପାରୁଛି । ଏଥିରେ କମ୍ପାନୀ





ପକ୍ଷରୁ ଲୁଧିଆନାରେ ଏକ ଲୋ-ଏମିସନ ଇସ୍ପାତ ଉତ୍ପାଦନ କାରଖାନା ସ୍ଥାପନ କରାଯାଇଥିବା ବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍ ପରିଚାଳନାକୁ ଡିକାର୍ବୋନାଇଜ୍ କରାଯାଇଛି । ସେହିପରି ରିଡ୍ୟୁସ୍, ରିୟୁଜ୍, ରିସାଇକଲ୍ ଓ ରିପ୍ଲେନିସ୍‌କୁ ନେଇ ପ୍ରସ୍ତୁତ '୪-ଆର୍ ଫ୍ରେମ୍‌ୱର୍କ' ଟାଟାଷ୍ଟିଲ୍‌କୁ ମଧୁର ଜଳ ଉପଯୋଗ କମ୍ କରିବା ଏବଂ ବର୍ଷାଜଳ ସରଞ୍ଜନ ଜରିଆରେ ଭୂତଳ ଜଳସ୍ତରରେ ଉନ୍ନତି ଆଣିବାରେ ମାର୍ଗଦର୍ଶନ କରୁଛି । ଓ୍ୱେଷ୍ଟ୍ ହିଟ୍ ରିକଭରି ଓ ଅକ୍ଷୟ ଶକ୍ତି ପାଇଁ କମ୍ପାନୀ ଅଭିନବ ପ୍ରଯୁକ୍ତି ଗ୍ରହଣ କରିଛି, ଯାହା ପରିଚାଳନା ଶକ୍ତି ଦକ୍ଷତାରେ ଉନ୍ନତି ଆଣୁଛି । ଟାଟାଷ୍ଟିଲ୍‌ର ଜୈବ ବିବିଧତା ନୀତିରେ କାର୍ଯ୍ୟକ୍ଷେତ୍ର ଭିତ୍ତିକ ଜୈବ ବିବିଧତା ପରିଚାଳନା ଯୋଜନା (ବିଏମ୍‌ପି) ରହିଛି, ଯାହାର ଲକ୍ଷ୍ୟ ହେଉଛି ପରିବେଶ ପ୍ରଭାବକୁ ଏଡ଼ାଇବା, ମୁକାବିଲା କରିବା ଏବଂ ପୁନରୁଦ୍ଧାର କରିବା । ପରିବେଶ ଓ ଜୈବ ବିବିଧତାର ଯତ୍ନ ନେବା ସହିତ କମ୍ପାନୀ ପକ୍ଷରୁ କର୍ମଚାରୀ ଓ ପରିପାର୍ଶ୍ୱିକ ସମୁଦାୟର କଲ୍ୟାଣକୁ ପ୍ରାଥମିକତା ପ୍ରଦାନ କରାଯାଉଛି । ଟାଟା ଷ୍ଟିଲ୍ ପକ୍ଷରୁ ଅଭିବୃଦ୍ଧି, ମାନ୍ୟତା ଓ ସନ୍ତୁଷ୍ଟି ଉପରେ ଧ୍ୟାନ ଦେଉଥିବା ଏକ ବ୍ୟାପକ ଏଚ୍‌ଆର୍ (ମାନବ ସମ୍ବଳ) ନୀତି ସହିତ କାର୍ଯ୍ୟ କରୁଛି । ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଶାଖା ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଜରିଆରେ ମହିଳା, ଶିଶୁ ଓ ଆଦିବାସୀ ସମୁଦାୟ ଭଳି ଅନଗ୍ରସର ବର୍ଗ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା ଉପରେ ଗୁରୁତ୍ୱାରୋପ କରାଯାଉଛି । ମାନବିକ ଅଧିକାର ପ୍ରତି ଟାଟା ଷ୍ଟିଲ୍ ଗଭୀର ଭାବେ ପ୍ରତିବଦ୍ଧ ରହିଛି । କମ୍ପାନୀ ପକ୍ଷରୁ ୧୮ ବର୍ଷକୁ ସର୍ବନିମ୍ନ ନିଯୁକ୍ତି ବର୍ଷ ଭାବେ ଲାଗୁ କରାଯାଇଛି ଏବଂ ଶିଶୁ ଶ୍ରମିକ ପ୍ରଥାର ମୂଳ ସମସ୍ୟାର ମୁକାବିଲା କରିବା ଲାଗି ଶିକ୍ଷାଗତ କାର୍ଯ୍ୟକ୍ରମରେ ନିବେଶ କରାଯାଉଛି । ଟାଟା ଷ୍ଟିଲ୍ ବଳ ପୂର୍ବକ ଶ୍ରମ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ବେଳେ କୌଣସି କର୍ମଚାରୀଙ୍କ ବ୍ୟକ୍ତିଗତ ଦସ୍ତାବିଜକୁ ଜବତ ରଖାଯାଉନାହିଁ । ଏକ ଉତ୍ସର୍ଗୀକୃତ କଂଟ୍ରାକ୍ଟର୍ସ ସେଲ୍ ଉଚିତ୍ ଶ୍ରମ ଅଭ୍ୟାସକୁ ସମର୍ଥନ କରୁଛି । କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କୁ ସ୍ୱଚ୍ଛ ଓ ପାରଦର୍ଶୀତା ଅନୁଯାୟୀବେତନ ପ୍ରଦାନ କରାଯାଉଛି ଯାହା ଆଇନଗତ ହାରଠାରୁ ଅଧିକ । ଟାଟା ଷ୍ଟିଲ୍ ପକ୍ଷରୁ ବାର୍ଷିକ ରିପୋର୍ଟ ଜରିଆରେ ସ୍ୱଚ୍ଛତା ସୁନିଶ୍ଚିତ କରାଯାଉଛି, ଯେଉଁଥିରେ ଶ୍ରମ ଅଭ୍ୟାସରେ ହୋଇଥିବା ପ୍ରଗତି ଓ ପରିବେଶ ପ୍ରଦର୍ଶନ ଉପରେ ଆଲୋକପାତ କରାଯାଉଛି । ଆଇଏସ୍‌ଓ ସାର୍ଟିଫିକେସନ ଭଳି ଅନ୍ତର୍ଜାତୀୟ ମାନକକୁ ପାଳନ କରି କମ୍ପାନୀ ନିଜର ପ୍ରଶାସନିକ ଢାଞ୍ଚା ବା ଗଭର୍ଣ୍ଣାସ୍‌ଫ୍ରେମ୍‌ୱର୍କକୁ ସୁଦୃଢ଼ କରୁଛି । ବିଶ୍ୱସ୍ତରୀୟ ମାନକ ଓ ସହଭାଗୀଙ୍କ ଆଶା ଅନୁସାରେ ନିଜ କାର୍ଯ୍ୟକ୍ଷେତ୍ର ପରିଚାଳନାକୁ ସମନ୍ୱିତ କରି ଟାଟା ଷ୍ଟିଲ୍ ଏକ ସମ୍ମାଜନକ, ସ୍ଥାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ଭବିଷ୍ୟତକୁ ସୁଦୃଢ଼ କରିବାକୁ ପ୍ରତିବଦ୍ଧ ରହିଛି । ଦାୟିତ୍ୱବାନ ଅଭ୍ୟାସ ଓ ସମୁଦାୟ ସହ ସମ୍ପୃକ୍ତି ଜରିଆରେ କମ୍ପାନୀ ସମାଜ ଓ ପରିବେଶ ଉପରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ।

# ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ଠୁଙ୍କିଲେ ଗ୍ରାମବାସୀ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ସ୍କୁଲ୍‌ରୁ ଟ୍ରାନ୍ସଫରମର ହୋଇଥିବା ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର ଯୋଗଦେବାକୁ ଦିଆନଯିବା ନେଇ ତୁରୁଡି ଗ୍ରାମବାସୀ ସ୍କୁଲରେ ତାଲା ମାରି ମୁଖ୍ୟ ଫାଟକ ସାମ୍ନାରେ କରିଥିଲେ ବିକ୍ଷୋଭ । ନୂଆରେ ଆସିଥିବା ପ୍ରଧାନ ଶିକ୍ଷକ ଯେ କି ଗତ ମାସ ୨୫ ତାରିଖରେ ଯୋଗଦେଇଥିଲେ ସେହିଁ ଏଠାରେ ରହିବେ ଏହାଥିଲା ଗ୍ରାମବାସୀ ତଥା ଛାତ୍ରଛାତ୍ରୀଙ୍କ ଦାବି । ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ସ୍ଥାନୀୟ ବିଇଓ ବିକାଶ ଚନ୍ଦ୍ର ସରକାର । ଗ୍ରାମବାସୀ ତଥା ଛାତ୍ରୀଙ୍କୁ ବୁଝାଇବାକୁ ଚେଷ୍ଟା କରିବା ସହ ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଥିଲା । ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ ଦେଓ ଦାସ ଶତନାମି ସବୁବେଳେ ସ୍କୁଲ୍‌କୁ ନିଶା ସେବନ କରିଆସୁଥିଲେ । ସ୍କୁଲ ପରିବେଶ ଠିକ୍ ରଖୁନଥିଲେ । ଗତବର୍ଷ ପିଲାମାନଙ୍କୁ ଡ୍ରେସ୍ ଦେଇନଥିଲେ । ଏହିପରି ଅଭିଯୋଗ ମାନ ଆଣିବା ସହ ବର୍ତ୍ତମାନ ନୂତନ ଭାବେ ଗତ ମାସ ୨୫ ତାରିଖରେ ଯୋଗଦେଇଥିବା କ୍ରିଷ୍ଣା ପଦ ମଣ୍ଡଳ ହିଁ ଏଠାରେ ରୁହନ୍ତୁ ଏବଂ ମାତ୍ର କେଇଟା ଦିନରେ କିପରି ପୁଣି ଥରେ ବଦଳି ତାଲିକା ବାହାରି ନିଜ ନିଜ ଜାଗାକୁ ଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠିକଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରୁଡି ଗ୍ରାମର ବିଶ୍ୱଜିତ ମଜୁମଦାର, ଗୌତମ ଢାଲି, ସୁରେଶ ସରକାର, ପଙ୍କଜ ସାନା, ରତନ ସିଂ, ସମୀର ସିଂ, ଲିଲିମା ବାଲା, ଜୁଲି ସରକାର ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ପ୍ରକାଶ ଥାଉକି ଗତ ମାସ ଅର୍ଥାତ୍ ଜୁନ୍ ମାସ ୧୬ ତାରିଖରେ ତୁରୁଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଚନ୍ଦାହାଣ୍ଡି ଯୁଜି ଉଚ୍ଚ ବିଦ୍ୟାଳୟ ବେହେରାମୁଣ୍ଡାକୁ ବଦଳି ନିର୍ଦ୍ଦେଶ ହୋଇଥିବାବେଳେ ତେନ୍ତୁଳୀଖୁଣ୍ଟି ବ୍ଲକ ସ୍ଥିତ ଝରିଗୁମା କାଶୀ ପ୍ରସାଦ ସାହୁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ କୃଷ୍ଣପଦ ମଣ୍ଡଳଙ୍କୁ ତୁରୁଡି ଉଚ୍ଚ ବିଦ୍ୟାଳୟକୁ ବଦଳି ନିର୍ଦ୍ଦେଶ ହୋଇଥିଲା । ଏହାପରେ ପ୍ରଧାନ ଶିକ୍ଷକ କୃଷ୍ଣପଦ ଜୁନ୍ ୨୫ ତାରିଖରେ ତୁରୁଡ଼ି ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରି ପ୍ରଧାନ ଶିକ୍ଷକ ଭାବେ କାମ କରିଆସୁଥିଲେ । ପୁନର୍ବାର ଆଉ ଏକ ନିର୍ଦ୍ଦେଶ ଜିଲ୍ଲା ଶିକ୍ଷାଧିକାରୀ ଜୁଲାଇ ୩ ତାରିଖରେ କରିଥିଲେ ଯେ ପୂର୍ବରୁ ଥିବା ସ୍ଥାନକୁ ଯାଇ ଯୋଗ ଦେବାପାଇଁ ଏହି ଖବରପାଇ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଫାଟକରେ ତାଲା ପକାଇଥିବା ଜଣାପଡିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ ଶୁ / ଲ ରବି | ୧୧ | ଶ ୧୦ / ରା ୯ |
| ୨ ବୁ | ୧୯ / ୯ | ୮ |
| ୩ କେତୁ / ୪ | ୫ | ଚ ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୭।୨୦୨୫, ଆଷାଢ଼ ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୪।୦୬** **ଚନ୍ଦ୍ରୋଦୟ- ସଂଘ ୫।୨୮।୨୨**

**ଚତୁର୍ଦ୍ଦଶୀ-** ରାଘ ୧।୩୭ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ନିଘ ୪।୫୦ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧।୩୭ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୬ ଗତେ ଘ ୮।୩୪ ମଧ୍ୟେ । ଦିଘ ୨।୦୩ ଗତେ ଘ ୫।୩୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଶିବଶୟନୋତ୍ସବ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ।



**ମେଷ:** ମନରେ ଭକ୍ତିଭାବ ଆସିବ । ସାର୍ବଜନୀନ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା ।



**ବୃଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମକ୍ଲାନ୍ତିରୁ କର୍ମହାନୀର ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।



**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।



**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।



**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ତର ଶିକାର ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।



**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା । କର୍ମକ୍ଷେତ୍ରରେ କାର୍ଯ୍ୟ ହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଲାଭ ହେବ । ଶରୀର ସୁସ୍ଥ ରହିବ ।



**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମିରେ ପଡ଼ିପାରନ୍ତି । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ । ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆଶ୍ୱସ୍ତି ଲାଭ କରିବେ । ମହିଳାମାନେ ଗର୍ବୀ ହେବେ ।



**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।



**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରରେ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦ ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ହଠାତ୍ ବିପର୍ଣ୍ଣ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ । ଆୟରେ ବାଧା ସୃଷ୍ଟି ହେବ । ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଶରୀର ଅସୁସ୍ଥ ରହିବାର ସୂଚନା ।



**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।



# ମନ୍ଦିର ବିଜେ ହେଲେ ଶ୍ରୀ ଦଧିବାମନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥର ତିନି ଠାକୁର ରତ୍ନ ମଣ୍ଡପ ସୋନପୁର ଘୋଡ଼ା ଘାଟ ପଡ଼ାରେ ପହଞ୍ଚିଥିଲେ । ମଝିପଡ଼ା ଠାରୁ ରଥ ଟଣା ହୋଇ କଇଁଥତଳ ଛକ ଯାଏ ପ୍ରଭୁଙ୍କୁ ଶୃଙ୍ଖଳାରେ ଅଣାଯାଇଥିଲା । ପରେ ପରେ ମହାପ୍ରଭୁ ତିନି ଠାକୁରଙ୍କୁ ଭଜନ ନାମ କିର୍ତ୍ତନ ସହ ବ୍ରାହ୍ମଣ ସମାଜ ପକ୍ଷରୁ ମହା ସମାରୋହରେ ପହଣ୍ଡିରେ ରତ୍ନ ମଣ୍ଡପକୁ ନିଆଯାଇଛି । ପହଣ୍ଡି ସମୟରେ ପ୍ରତି ଘର ଆଗରେ ପ୍ରଭୁଙ୍କୁ ପୂଜା ଅର୍ଚ୍ଚନା ଓ ଉପନ ଭୋଗ ଲାଗି କରଯାଇଛି । ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ହଜାର ହଜାର ମହିଳା ଭକ୍ତ ଦୀପ ଜାଳି ଶହ ଶହ ପ୍ରକାର ଉପନ ଭୋଗ ଅର୍ପଣ ସହ ପ୍ରଭୁଙ୍କୁ ସ୍ୱାଗତ କରିଥିଲେ । ନାମ, କୀର୍ତ୍ତନ, ଘଣ୍ଟ, ଶଙ୍ଖ, ହୁଳହୁଳିରେ କମ୍ପି ଉଠିଥିଲା ଏ ଅଞ୍ଚଳ । ଭୋଗ ଲାଗି ପରେ ମହା ଆଳତୀ କରଯାଇଥିଲା ଓ ପ୍ରଭୁଙ୍କୁ ମନ୍ଦିର ବିଜେ କରାଯାଇଥିଲା । ବଡ ଏକାଦଶୀ ତିଥି ଥିବାରୁ ଅଧର ପଣା ଭୋଗ ଅର୍ପଣ ସହ ମଧ୍ୟ ରାତ୍ରରେ ଦଧି ବାମନ ମନ୍ଦିରରେ ମହାଦୀପ ଉଠିଥିଲା । ଏ ସୁନ୍ଦର ମନୋରମ ଦୃଶ୍ୟ ସବୁକୁ ଉପଭୋଗ ଓ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ଦେବୋତ୍ତର ବିଭାଗର ସଦସ୍ୟ ଶ୍ରୀବତ୍ସ ମଲ୍ଲିକଙ୍କ ସମେତ ମନ୍ଦିର କମିଟିର ପ୍ରଦୀପ ବକ୍ସି, ତାରା ଭୂଷଣ ସାହୁ, କାର୍ତ୍ତିକ ପଧାନ, ଦଧିବାମନ ପୁଝାରୀ, ଅଶୋକ ପୂଝାରୀ, କଲ୍ୟାଣ ପାଢ଼ୀ, ଶିବ ସରାଫ, ରବି ସରାଫ ପ୍ରମୁଖ ସମସ୍ତ ସଦସ୍ୟ ଏ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଯୁଦ୍ଧର ନିଆଁ ବାଣିଜ୍ୟକୁ ପ୍ରଭାବିତ କରୁଛି

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦର ପ୍ରଭାବ ଏବେ ଭାରତର ବାସୁମତୀ ଚାଉଳ ଶିଳ୍ପ ଉପରେ ଦେଖାଯାଉଛି। ଇରାନକୁ ପଠାଯିବାକୁ ଥିବା ପ୍ରାୟ ୧ ଲକ୍ଷ ଟନ୍ ବାସୁମତୀ ଚାଉଳ ଗୁଜୁରାଟର କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ ଫସି ରହିଛି। କାରଣ ଇରାନ ପାଇଁ ନା ପରିବହନ ଜାହାଜ ଉପଲବ୍ଧ ଅଛି ନା ବୀମା କମ୍ପାନୀଗୁଡ଼ିକ ସେହି ପରିବହନକୁ କଭର କରୁଛନ୍ତି। ସାଉଦି ଆରବ ଭାରତରୁ ବାସୁମତୀ ଚାଉଳ ଆମଦାନୀ କରିବା କ୍ଷେତ୍ରରେ ସବୁଠାରୁ ବଡ଼ ଗ୍ରାହକ ହୋଇଥିବା ବେଳେ ଇରାନ ଦ୍ୱିତୀୟ ସ୍ଥାନରେ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ମାର୍ଚ୍ଚ ସୁଦ୍ଧା, ଭାରତ ଇରାନକୁ ପ୍ରାୟ ୧୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଥିଲା। ଏଥିମଧ୍ୟରୁ, ବର୍ତ୍ତମାନ ୧୮-୨୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ ଲକ୍ଷ ଟନ୍ ଚାଉଳ ବନ୍ଦରଗୁଡ଼ିକରେ ଫସି ରହିଛି। ପିଟିଆଇରେ ଦେଇଥିବା ଏକ ସାକ୍ଷାତକାରରେ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟର୍ସ ଆସୋସିଏସନ୍‌ର ସଭାପତି ସତୀଶ ଗୋୟଲ୍ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ଏହା ବ୍ୟବସାୟୀମାନଙ୍କ ପାଇଁ ଏକ ବଡ଼ କ୍ଷତି ହୋଇପାରେ। ସତୀଶ ଗୋୟଲ ପିଟିଆଇକୁ କହିଛନ୍ତି ଯେ ବର୍ତ୍ତମାନ ଇରାନ ପାଇଁ କୌଣସି ଜାହାଜ ଉପଲବ୍ଧ ନାହିଁ ଏବଂ ବୀମା କଭରେଜ୍ ମଧ୍ୟ ଉପଲବ୍ଧ ନାହିଁ। ପ୍ରକୃତରେ, ଯୁଦ୍ଧ ପରି ପରିସ୍ଥିତିରେ ଅନ୍ତର୍ଜାତୀୟ ବୀମା ପଲିସିଗୁଡ଼ିକ କଭରେଜ୍ ପ୍ରଦାନ କରୁ ନାହିଁ ଏବଂ ଏହି କାରଣରୁ ବ୍ୟବସାୟୀମାନଙ୍କୁ ଚାଉଳ ପଠାଯିବାକୁ ଅନୁମତି ଦିଆଯାଉନାହିଁ। ଏବେ କେବଳ ଚାଉଳ ଅଟକି ଯାଇଛି ତାହା ନୁହେଁ, ବରଂ ଦେୟ ଅନିଶ୍ଚିତତା ମଧ୍ୟ ବୃଦ୍ଧି ପାଇଛି। ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ଦେଖାଯାଉଛି। ବାସୁମତୀ ଚାଉଳର ମୂଲ୍ୟ କିଲୋ ପିଛା ୪ ରୁ ୫ ଟଙ୍କା ହ୍ରାସ ପାଇଛି। ଯେହେତୁ ଚାଉଳ ବିଦେଶକୁ ଯାଉନାହିଁ, ତେଣୁ ସ୍ଥାନୀୟ ଯୋଗାଣ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ମୂଲ୍ୟ ହ୍ରାସ ପାଉଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ ଯଦି ଶୀଘ୍ର ସମାଧାନ ନ ମିଳେ, ତେବେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିପାରେ, ବିଶେଷକରି ଯେଉଁ ବ୍ୟବସାୟୀମାନେ ଇରାନ ସହିତ ଚୁକ୍ତି ଚୂଡ଼ାନ୍ତ କରିସାରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି, ଅଖିଳ ଭାରତୀୟ ଚାଉଳ ରପ୍ତାନିକାରୀ ସଂଘ ଏପିଇଡିଏ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ନିରନ୍ତର ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗରେ ଜୁନ୍ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକ ପ୍ରସ୍ତାବିତ ହୋଇଛି। ଏହି ବୈଠକରେ କେବଳ ବର୍ତ୍ତମାନର ସଙ୍କଟ ଉପରେ ଆଲୋଚନା ହେବ ନାହିଁ, ବରଂ ଭବିଷ୍ୟତରେ ଏପରି ପରିସ୍ଥିତିକୁ ରୋକିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇପାରେ। କେବଳ ୨୦୨୪-୨୫ରେ ଭାରତ ପ୍ରାୟ ୬୦ ଲକ୍ଷ ଟନ୍ ବାସୁମତୀ ଚାଉଳ ରପ୍ତାନି କରିଛି, ଯାହା ମଧ୍ୟରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଦେଶଗୁଡ଼ିକୁ ଯାଇଛି। ପ୍ରମୁଖ ଗ୍ରାହକ ଦେଶଗୁଡ଼ିକ ମଧ୍ୟରେ ସାଉଦି ଆରବ, ଇରାନ, ଇରାକ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ରହିଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଯୁଦ୍ଧର ନିଆଁ କେବଳ ସୀମା ପର୍ଯ୍ୟନ୍ତ ପହଞ୍ଚେ ନାହିଁ, ବରଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରେ। ଭାରତର ବାସୁମତୀ ଚାଉଳ ରପ୍ତାନିକାରୀମାନେ ଏହି ସମୟରେ ଦ୍ୱିଗୁଣିତ ଆଘାତର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ପରିବହନ ଏବଂ ବୀମା ସମସ୍ୟା ରହିଛି, ଅନ୍ୟପଟେ ଘରୋଇ ବଜାରରେ ମୂଲ୍ୟ ହ୍ରାସ ଏବଂ ଦେୟ ସଙ୍କଟ ରହିଛି। ଯଦି ଆଗାମୀ ସପ୍ତାହଗୁଡ଼ିକରେ ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ଭାରତର ଚାଉଳ ଶିଳ୍ପ ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ।



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

# ଅଭିଶପ୍ତା

ମୋ କାର୍ଯ୍ୟାଳୟରେ ସହାୟିକା ଥିଲା ଅନୂଢ଼ା ସୀପ୍ରା ମହାପାତ୍ର। ଆନୁମାନିକ ବୟସ ୨୬। କାଳିଦାସଙ୍କ ନାୟିକା ବର୍ଣ୍ଣନା ସହ ତାହାର ରୂପ ମିଳିଯାଉଥିଲେ ମଧ୍ୟ ସେ ଥିଲା ଚମ୍ପକ ବର୍ଣ୍ଣା। ମାତ୍ର ମେଘଦୂତ କାବ୍ୟରେ ନାୟିକାର ରୂପ ବର୍ଣ୍ଣନା କରିବାକୁ ଯାଇ ମହାକବି ଶ୍ୟାମାଙ୍ଗୀକୁ ରୂପସୀ ଭାବେ ଗ୍ରହଣ କରିନେଇଛନ୍ତି। ତେଣୁ ମହାକବିଙ୍କ ବର୍ଣ୍ଣନାକୁ ହିଁ ମାନି ନେବାକୁ ହେବ। ସେ ଯାହାହେଉ ସୀପ୍ରା ଥିଲା ରୂପସୀ ଆଉ ଗୁଣବତୀ। ଶିକ୍ଷାଗତ ଯୋଗ୍ୟତାରେ ହିନ୍ଦୀ ଓ ଇଂରାଜୀରେ ସେ ଏମ୍.ଏ. ପାସ୍ କରି କମ୍ପ୍ୟୁଟର ବିଦ୍ୟାରେ ଏମ୍.ସି.ଏ. ପଢ଼ିବା ନିମନ୍ତେ ଇଗ୍ନୋରେ ନାମ ଲେଖାଇଦେଇଥିଲା। ବକ୍ତୃତା ପ୍ରତିଯୋଗିତାମାନଙ୍କରେ ସେ ସର୍ବଦା ପ୍ରଥମ ବା ଦ୍ୱିତୀୟରେ ରହୁଥିଲା। କୌଣସି ବୟସ୍କ ବ୍ୟକ୍ତିର ଜଣେ ନାରୀର ରୂପ ବର୍ଣ୍ଣନାକୁ କେହି ଅଶାଳୀନ ମନେ କରିପାରନ୍ତି ମାତ୍ର ସ୍ରଷ୍ଟାଙ୍କ ସୃଷ୍ଟିକୁ ନିରୀକ୍ଷଣ କରି ମତ ଦେବାର ଅଧିକାର ତ ରହିଛି? ଚାକିରି କରି ପାଠ ପଢ଼ାର ଯେଉଁ ଉଦ୍ୟମ ଥିଲା ସେଥିପାଇଁ ଝିଅଟିକୁ ପ୍ରଶଂସା ଦେବାର କଥା। ତାର ବାପା ଥିଲେ ଜଣେ କମ୍ ଦରମା ପ୍ରାପ୍ତ ସରକାରୀ କିରାଣୀ। ଭୂସଂପତ୍ତି କିଛି ନାହିଁ କହିଲେ ଚଳେ। ପାଉଥିବା ମାସିକ ଦରମାରୁ କଟିଯାଇ ଯାହା କିଛି ବଳେ ସେଥିରେ ହିଁ ତାଙ୍କର ଘର ଚଳିଥାଏ। ପରିବାର କହିଲେ ବାପା, ମା' ଓ ଗୋଟିଏ ଭାଇ ବ୍ୟତୀତ ସୀପ୍ରାର ଆଉ କେହି ନଥିଲେ। ଝିଅର ବିବାହ ନିମନ୍ତେ ତାର ବାପା ମୋ ପାଖକୁ ବହୁଥର ଆସିଛନ୍ତି। ତେବେ ସୀପ୍ରା ଭଳି ଝିଅର ତ ପୁଣି ଉପଯୁକ୍ତ ବରପାତ୍ର ଯୋଗାଡ଼ କରିବାର ଅଛି। ଏହିପରି ଆଶ୍ୱାସନା ଦେଇ ମୁଁ ତାଙ୍କୁ ଫେରାଇ ଦେଇଛି। ମାତ୍ର ଝିଅର ବିବାହ ନିମନ୍ତେ ବାପା ଓ ମା ଯେତେ ଉଦ୍‌ବିଗ୍ନ ହୋଇପଡ଼ନ୍ତି ଅନ୍ୟମାନେ ଏତେଟା ବ୍ୟଗ୍ର ବା ବ୍ୟସ୍ତ ହେବାର ଦେଖାଯାଏ ନାହିଁ। ତାହାତ ସାମାଜିକ ରୀତି ଓ ବନ୍ଧନ। ତେବେ ପରୋକ୍ଷରେ ମୋତେ ଶୁଣିବାକୁ ମିଳିଲା ଯେ ସୀପ୍ରା ତାହାର ମନପସନ୍ଦର ବରଟିଏ ବାଛି ନେଇଥିଲା। ଏକାଠି କଲେଜରେ ପାଠ ପଢୁଥିବାବେଳେ ପିଲାଟି ଥିଲା ତାହାର ସହପାଠୀ। ଉଭୟଙ୍କର ଚେହେରା ବହୁତ ଭଲ ମାନୁଥିଲା। ମାତ୍ର ତାହାର ପିତାମାତା ଏପରି ପ୍ରସ୍ତାବରେ ଆଦୌ ଏକମତ ନଥିଲେ। କାରଣ ପୁଅ ପିଲାଟି ଥିଲା ଜାତିରେ ବୈଶ୍ୟ। ଏକ ରକ୍ଷଣଶୀଳ କରଣ ପରିବାରରେ ଜନ୍ମିତ ସୀପ୍ରା କ'ଣ କେବେ ଜଣେ ବୈଶ୍ୟ ଜାତିର ପିଲାକୁ ବିବାହ କରିପାରିବ? ଏହାହିଁ ଥିଲା ପରିବାରର ପ୍ରଶ୍ନ? କରଣ ସମାଜର ବଡ଼ପଣ୍ଡାମାନେ ଏହାକୁ କ'ଣ କେବେ ସହଜରେ ଗ୍ରହଣ କରିନେବେ? ସୀପ୍ରା ଏହି ପ୍ରସ୍ତାବକୁ ଆଗେଇ ନେବା ନିମନ୍ତେ ବହୁ ଉଦ୍ୟମ ବି କରିଛି। ହେଲେ ତାର ବାପା ମା ଓ ବନ୍ଧୁବାନ୍ଧବମାନେ ଏପରି ପ୍ରସ୍ତାବକୁ ଆଦୌ ଗ୍ରହଣ କଲେ ନାହିଁ। ସହଜେ ବନ୍ଧୁମାନେ ଅନ୍ୟର ଭଲ ଦେଖିବାକୁ ଆଦୌ ଚାହାନ୍ତି ନାହିଁ। ତେଣୁ ପରିବାରର ବନ୍ଧୁମାନେ ଏପରି ପ୍ରସ୍ତାବକୁ କ'ଣ ସହଜରେ ଗ୍ରହଣ କରି ନେଇଥାନ୍ତେ? ପରୋକ୍ଷରେ ଯାହା ଶୁଣୁଥିଲି ତାହା ଦିନେ ଆଗକୁ ଆସିଗଲା। ଦିନେ ସୀପ୍ରା ବି ବ୍ୟସ୍ତ ହୋଇ ତାହା ମନର ଆବେଗ କଥା ମୋ ଆଗରେ କହିପକାଇଲା। ମୁଁ ତାହାର ବାପାଙ୍କୁ ତୁରନ୍ତ ଡକାଇଲି ଓ ସୀପ୍ରାର ଅକୁହା କଥାଗୁଡ଼ିକ ତାଙ୍କୁ କହିଦେଲି। ଯେହେତୁ ବାପା, ମା ଓ ପରିବାରର ଲୋକେ ଏପରି ପ୍ରସ୍ତାବକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇ ସାରିଛନ୍ତି ସେପରି ସ୍ଥଳେ ମୋ ପରାମର୍ଶକୁ ସେମାନେ କାହିଁକି ବା ଗ୍ରହଣ କରିବେ? ଏପରି ଘଟଣା ପରେ ସୀପ୍ରା କିଛିଦିନ ଛୁଟିରେ ରହିଲା ଓ ପରେ ଆଉ ଆସିଲା ନାହିଁ। ଟେଲିଫୋନ୍ ସଂଯୋଗ କଲେ ମଧ୍ୟ ସେ କେବଳ ନମସ୍କାର କରି କାନ୍ଦିବା ଆରମ୍ଭ କରୁଥିଲା। ଶେଷକୁ ତାର ଟେଲିଫୋନ୍ ସ୍ୱିଚ୍ ଅଫ୍ ହେବା ଦେଖାଗଲା। ଦେଖିଲି ଯେ ତାହାର ବାପା ବା ପରିବାରର ଲୋକେ ମୋ କଥା ଆଉ ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ସେଥିପାଇଁ ସମ୍ଭବତଃ ତାକୁ ଚାକିରିରୁ ବାଧ୍ୟ କରି ନେଇଗଲେ। ତାହାପରେ ସୀପ୍ରା ଉପରେ ପୂରା କଟକଣା ଲଗାଇଦିଆଗଲା। ପୁଅ ପିଲାଟି ବି ମୋ ପାଖକୁ ଦୁଇଥର ଆସିଥିଲା। ମୁଁ ତାକୁ ମୋର ଅସହାୟତା ଜଣାଇଦେଲି। ଆଉ ତା ପରେ ପିଲାଟିକୁ ଆସିବାର ଦେଖିନାହିଁ। ତେବେ ସୀପ୍ରାର ମନ ବୁଝିବା ପାଇଁ ତାହାର ବାପା କୁଆଡ଼େ ପିଲାଟିର ଜାତକ ମଗାଇଥିଲେ। ମାତ୍ର ତାହା କୁଆଡ଼େ ନର-ରାକ୍ଷସ ପଡ଼ିଲା ବୋଲି ତାକୁ ଜଣାଇ ଦିଆଗଲା। ସାବାସ୍ ଗଣନାକାରୀ ଜ୍ୟୋତିଷ ଓ ତାଙ୍କର ବିଦ୍ୟା। ପିତା ଆଉ ପରିବାରଙ୍କର ଦୁଇଟି ମନ ମିଳୁଥିବା ଜୀବନକୁ ଏକାଠି କରି ଦେବାରେ କଣ ଥିଲା ଅସୁବିଧା? ଏହା ଥିଲା ବଂଶ ମର୍ଯ୍ୟାଦାକୁ ନେଇ ପାରମ୍ପରିକ ସାମାଜିକ କୁପ୍ରଥା। ଗୋଟିଏ ଝିଅ ଓ ପୁଅ ନୂଆ ଜୀବନକୁ ନେଇ ଏତେ ବିରୋଧ କାହିଁକି? ତେବେ ଏପରି ଜଟିଳ ଅବସ୍ଥାରେ ମୁଁ ଆଉ ମୁଣ୍ଡ ଖେଳାଇବାଟା ଠିକ୍ ବୋଲି ନଭାବି ନୀରବ ରହିଗଲି। ସୀପ୍ରାଠାରୁ କେତେବେଳେ କେମିତି ଟେଲିଫୋନ୍ ଆସେ "ସାର୍ କିଛି କରନ୍ତୁ। ମୁଁ କଣ ଆପଣଙ୍କର ଝିଅ ନୁହେଁ" ଇତ୍ୟାଦି। ସମୟ ଗଡ଼ିଯାଇଛି। ଏହା ଭିତରେ ପ୍ରାୟ ଦୁଇବର୍ଷ ବିତି ଗଲାଣି। ହଠାତ୍ ସୀପ୍ରାଠାରୁ ଟେଲିଫୋନ୍ ପାଇଲି- "ସାର୍ ନମସ୍କାର, ଆପଣ ଆମ ଘରକୁ ଆସନ୍ତୁ"। ତାହାର ଠିକଣା ବି କହିଦେଲା। ଠିକଣାଟି ଟିପି ନେଇ ଡ୍ରାଇଭରକୁ ଦେଲି ଓ ସେହି ଦିନ ଅପରାହ୍ନରେ ସୀପ୍ରାର ଗ୍ରାମ ଆଡ଼େ ବାହାରିଲି। ଘର ପାଇବାରେ ଅସୁବିଧା ନଥିଲା। ଦେଖିଲି ମଳିନ ବେଶଧାରୀ ସୀପ୍ରା ଛୋଟ ଛୁଆଟିଏ ଧରି ଦାଣ୍ଡ ଅଗଣାରେ ପଡ଼ିଥିବା ଏକ ଚୌକିରେ ବସିଛି। ଗାଡ଼ି ଶବ୍ଦ ଶୁଣି ସେ ଉଠି ଗେଟ୍ ପାଖକୁ ଆସି ମୋତେ ଦେଖି ଘରକୁ ଡାକିନେଲା। ଏହି ଛୋଟ ପିଲାଟି କିଏ ବୋଲି କୌତୁହଳରେ ପଚାରିବାରୁ ଉତ୍ତର ମିଳିଲା "ସେ ମୋ ଝିଅ। ପ୍ରାୟ ଦେଢ଼ ବର୍ଷ ହେଲା ମୋର ବାହାଘର ପୁରୀରେ ହୋଇସାରିଛି"। ମୁଁ ପଚାରିଲି ଯେ ଅନ୍ତତଃ ବିଭାଘର ଉତ୍ସବରେ ମୋତେ ଖଣ୍ଡିଏ ନିମନ୍ତ୍ରଣ ପତ୍ର ତ ପଠାଇ ପାରିଥାନ୍ତ? ସେ କହିଲା ଯେ ତାକୁ ଏକ ପ୍ରକାର ଜବରଦସ୍ତରେ ବିବାହ କରି ଦିଆଯାଇଛି ଇତ୍ୟାଦି। ସାମାନ୍ୟ ଜଳଯୋଗ ପରେ ତାହା ସହ ଏକାନ୍ତରେ କଥା ହେବାପାଇଁ ତାଙ୍କ କୋଠା ଘରର ଛାତ ଉପରକୁ ଗଲି। ଯାହା ଶୁଣିଲି ସେଥିରୁ ଜାଣିଲି ଯେ ଜାତିର ଅଭିମାନକୁ ନେଇ ସ୍ୱଜାତିରେ ତାହାର ବିବାହ ଦିଆଯାଇଛି। ବରଟି ବି.ଏ. ପାସ୍ କରିନି। ବାହାରେ ଇଲେକ୍‌ଟ୍ରିକ୍ ରିପାୟରିଂ କାମ କରି ଯାହା କିଛି ଦୈନିକ ରୋଜଗାର ହୁଏ ସେଥିରେ ହିଁ ସେମାନଙ୍କର ଘର ଚଳେ। ଘରେ ଥିଲେ ତାର ଶାଶୂ ଓ ଶ୍ୱଶୁର। ଶାଶୂ ଅତି କଳିହୁଡ଼ୀ। ଘରର ସମସ୍ତ କାର୍ଯ୍ୟ ସୀପ୍ରାକୁ ହିଁ କରିବାକୁ ପଡ଼ିଥାଏ। କାମରେ ଟିକେ ଊଣା ହେଲେ ଶାଶୂଙ୍କଠାରୁ ଅକଥ୍ୟ ଗାଳି ଶୁଣିବାକୁ ମିଳିଥାଏ। ରାତିରେ ଶୋଇବାକୁ ଯିବା ପୂର୍ବରୁ ଶାଶୂ, ଶ୍ୱଶରଙ୍କ ସେବା। ସେଥିରେ ପୁଣି ଗରମ ତେଲ ବୋଲି ସେମାନଙ୍କର ଗୋଡ଼ମୋଡ଼ା କରିଥାଏ। ଉଭୟଙ୍କର ଏପରି ସେବାରେ ପ୍ରତିଦିନ ପ୍ରାୟ ଦୁଇଘଣ୍ଟା ସମୟ ପ୍ରତ୍ୟେକ ଦିନ ତାହାର ଯାଇଥାଏ। ଏପରି କଡ଼ା ଶାସନ ଯେ ଟେଲିଫୋନ୍ ସେ ଧରି ପାରିବ ନାହିଁ କି କାହା ସହ କଥା ହୋଇପାରିବ ନାହିଁ। ବାହାର ଲୋକ ଏପରିକି ବାପ ଘରର ଲୋକ ଆସିଲେ ବି ଶାଶୂଙ୍କ ବିନା ଅନୁମତିରେ ସେମାନଙ୍କ ସହ କଥା ହେବା ମନା ଇତ୍ୟାଦି। ଏତିକି କହିବାବେଳେ ସୀପ୍ରା ଆଖିରୁ ଧାର ଧାର ଲୁହ ଗଡ଼ିଯାଉଥିଲା। କହୁଥିଲା "ସାର୍! ଏତେ ପାଠ ପଢ଼ିଲି, ଏବେ ଏହାହିଁ ହେଉଛି କ'ଣ ମୋର ଭାଗ୍ୟ"। ତାର ଏପରି କଥାରେ ମୋ ଆଖିରେ ବି ଜକେଇ ଆସିଲା ଲୁହ। ଏହାପରେ ସୀପ୍ରାର ବାପା, ମା ଓ ଦାଦା ମୋ ପାଖକୁ ଆସିଲେ। ମୁଁ ସେମାନଙ୍କୁ କିଛି କହିବା ପୂର୍ବରୁ ସେମାନେ କ୍ଷମା ମାଗିନେଲେ। "ସାର୍! ସୀପ୍ରା ପାଇଁ ଯାହା କରିଗଲୁ ତାହା ଆମର ବହୁତ ଭୁଲ୍ ହୋଇଗଲା। ଝିଅ ଏବେ କାନ୍ଦୁଛି। ତାକୁ ଜଗନ୍ନାଥେ ଏପରି ଦଣ୍ଡ କାହିଁକି ଦେଲେ? ଆମର ଏପରି ଭ୍ରମ କାହିଁକି ଆସିଲା? ସୀପ୍ରା ଆଉ ସେଠାକୁ ଯିବ ନାହିଁ। ସେ ତାହାର ପାଠପଢୁ। ଆମେ ଆଉ ତାହାର ପ୍ରତିବନ୍ଧକ ହେବୁ ନାହିଁ। ଆପଣ ଆମର ଗୁରୁଜନ ତୁଲ୍ୟ। ଟିକିଏ ସାହସ ଦିଅନ୍ତୁ" ଇତ୍ୟାଦି।

ଉଭୟଙ୍କର କଥା ଶୁଣିବା ପରେ ସେମାନଙ୍କୁ କହିଥିଲି "ଯାହା ହୋଇଯାଇଛି ତାହା ଆଉ ଚାହିଁଲେ ବି ଫେରି ଆସିବ ନାହିଁ। ସୀପ୍ରାକୁ ତାହାର ଶାଶୂ ଘରକୁ ପଠାଇ ଦିଅ ଓ ସେମାନଙ୍କ ସହିତ ଉପୁଜିଥିବା ସମସ୍ତ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କର। ଆବଶ୍ୟକ ହେଲେ ମୋତେ ଡାକିବ। ଏପରି ହଠାତ୍ ଆହୁରି ଏକ ସମସ୍ୟା ସୃଷ୍ଟି କରନାହିଁ"। କଥାଟା ଅବଶ୍ୟ ସମସ୍ତଙ୍କ ମନକୁ ପାଇଲା।

ତେବେ ସୀପ୍ରା ଭଳି ଜଣେ ଉଚ୍ଚ ଶିକ୍ଷିତା ଝିଅର ଜୀବନକୁ ଏପରି କାହିଁକି ବରବାଦ୍ କରି ଦିଆଗଲା? ଯେଉଁମାନେ ଏଥିପାଇଁ ଦାୟୀ ସମାଜ ସେମାନଙ୍କୁ କୌଣସି ଦଣ୍ଡ ଦେଲା କି? ନା ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଏହାଦ୍ୱାରା ଆଡ଼େଇ ହୋଇଗଲା? ଏହିପରି ବହୁ ପ୍ରଶ୍ନ ମନକୁ ଆସିଯାଏ। ବହୁ ସୀପ୍ରା ଏହିଭଳି ଯନ୍ତ୍ରଣା ଭୋଗୁଛନ୍ତି। ସେମାନଙ୍କ ପାଇଁ କହିବାକୁ କେହି ନାହିଁ। କେବଳ ନିଜର ଭାଗ୍ୟ ବା ଭଗବାନଙ୍କ ଦୋଷ ଦେଇ ସେମାନେ ସମାଜରେ ବଞ୍ଚି ରହିଛନ୍ତି। ଯେଉଁମାନେ ଏପରି କଳଙ୍କିତ ପ୍ରଥାର ପୁରୋଧା ସାଜିଛନ୍ତି ଓ ପ୍ରୋତ୍ସାହନ ଦେଇଆସୁଛନ୍ତି ସେମାନଙ୍କୁ ସମାଜ ବାସନ୍ଦ କରିବା ଉଚିତ। ଏହି ଧରାଧୂଳିରେ କେହି ରହିନାହାନ୍ତି କି ରହିବେ ବି ନାହିଁ। ତଥାପି ଜଣେ ଚିନ୍ତା କରୁଛି ଯେ ସେ ହେଉଛି ଅନ୍ୟର ଭାଗ୍ୟ ନିୟନ୍ତକ। ଏହିପରି ଅଭିଶପ୍ତା ନାରୀର ବ୍ୟଥାର ଗାଥା ସମାଜକୁ ପରିଚାଳିତ କରୁଥିବା ପୁରୋଧାମାନଙ୍କ ନିକଟରେ ପହଞ୍ଚିଲେ ହୁଏତ କିଛିଟା ପରିବର୍ତ୍ତନ ହୋଇପାରନ୍ତା।



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail: mayadharnayak2014@gmail.com

# ଭଡ଼ାଟିଆ ସୈନ୍ୟବାହିନୀ

ଭଡ଼ାଟିଆ ଶବ୍ଦ ସମଗ୍ରବିଶ୍ୱରେ ଘରେ ଘରେ ପ୍ରଚଳିତ। ବହୁ ଜିନିଷ, ବ୍ୟକ୍ତିଙ୍କୁ ଭଡାରେ ଆଣି କାମ ଚଳାଯାଏ। ବିନିମୟରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ। ମୂର୍ଖଠାରୁ ପାଠୁଆପର୍ଯ୍ୟନ୍ତ, ଭିକାରୀଠାରୁ କୋଟିପତିପର୍ଯ୍ୟନ୍ତ 'ଭଡା' ବିନା ଚଳିପାରିବେନାହିଁ। କିନ୍ତୁ ଭଡ଼ାଟିଆ ସୈନ୍ୟବାହିନୀ କଥାଟା ଅଧିକାଂଶ ଜାଣିନାହାଁନ୍ତି। ଏବେ କିନ୍ତୁ ରୁଷରେ ଭଡ଼ାଟିଆ ସୈନ୍ୟବାହିନୀ ଘଟଣା ହାଟରେ ପଡି ଦାଣ୍ଡରେ ଗଡଗଡ ହେଉଛି। ସଂପ୍ରତି ରୁଷିଆରେ ୱାଗନର ସେନାବାହିନୀର ଅଭ୍ୟୁତ୍‌ଥାନ୍ ଏବଂ ମସ୍କୋ ଦଖଲପାଇଁ ଆଗେଇଯିବା ପୃଥିବୀ ଇତିହାସରେ ବିରଳ। ରକ୍ତବୃତର ପରିଧିରେ ରୁଷ ଆତଙ୍କିତ ହୋଇପଡିଛି।

ପ୍ରାୟ ୫୦ହଜାର ଦୁର୍ଦ୍ଦାନ୍ତ ଭୟଙ୍କର ଭଡ଼ାଟିଆ ସୈନ୍ୟବାହିନୀର ମୁଖ୍ୟ ପ୍ରିଗୋଜିନ୍ ଦିନେ ପୁଟିନ୍‌ଙ୍କର ରୋଷେୟା ଥିଲେ। ଘଟଣାଚକ୍ରରେ ସେ ପ୍ରାଇଭେଟ୍ ଆର୍ମି ଗଢିତୋଳିଥିଲେ। ସଫଳ ବ୍ୟବସାୟୀ ପାଲଟିଲେ ବଡ଼ ହୋଟେଲକରି। ତାଙ୍କ ଖାଦ୍ୟର ମହକରେ ସମସ୍ତେ ଟାଣିହୋଇଆସୁଥିଲେ। ସେ ପୁଟିନ୍‌ଙ୍କର ବନ୍ଧୁ ପାଲଟିଗଲେ। ପୁଟିନ୍ ତାଙ୍କୁ ସ୍କୁଲପିଲା ଓ କର୍ମଚାରୀ ଖାଦ୍ୟଯୋଗାଣ ଦାୟିତ୍ୱ ଦେଲେ। ଧନୀରୁ ମହାଧନୀ ହୋଇଗଲେ। ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ତାଙ୍କ ଭଡ଼ାଟିଆ ସୈନ୍ୟବାହିନୀକୁ ଯୁଦ୍ଧକୁ ପଠାଇଲେ। ପ୍ରତିବଦଳରେ ବହୁ ଅର୍ଥ ଦେବାକୁ ପଡୁଥିଲା। ଯେଉଁ ଭଡ଼ାଟିଆ ସୈନ୍ୟବାହିନୀର ମୁଖ୍ୟ ପୁଟିନଙ୍କ ଆଖିର ମଣି ଥିଲେ – ସେଇ ସୈନ୍ୟବାହିନୀ ବନ୍ଧୁଙ୍କର ନଳି ପୁଟିନ୍ ଆଡକୁ ଘୂରେଇଦେଲେ – ଏହା ବାସ୍ତବିକ ଅନେକଙ୍କୁ ହତଚକିତ କରିଦେଇଛି। ଆଦିମକାଳରୁ ବିଭିନ୍ନ ଦେଶରେ ଭଡ଼ାଟିଆ ସୈନ୍ୟମାନେ ଯୁଦ୍ଧ କରିବାର ମୂଳଲକ୍ଷ୍ୟ ଅର୍ଥ। ଭଡ଼ାଟିଆ ସୈନ୍ୟଙ୍କର କୌଣସି ପକ୍ଷ ନାହିଁ – କୌଣସି ରଙ୍ଗ ନାହିଁ। କୁରୁକ୍ଷେତ୍ର ଯୁଦ୍ଧରେ ନାରାୟଣୀ ସେନା କେଉଁପକ୍ଷରେ ରହିବେ – ଯାକୁ ନେଇ ବହୁ ଘଟଣା ଘଟିଯାଇଛି।

ଏବେ ସୈନ୍ୟମାନଙ୍କୁ ଦେଶପ୍ରେମୀ କହିହେବନି। ଏମାନେ ଚାକିରିଆ – ଭଡ଼ାଟିଆ। ବିଶ୍ୱବ୍ୟାପୀ ସବୁ ବଡ଼ବଡ଼ ଦେଶରେ ଭଡ଼ାଟିଆ ସୈନ୍ୟ ରଖୁଛନ୍ତି। ଯେମିତି ଶିଳ୍ପପତିମାନେ ପ୍ରାଇଭେଟ୍ ସିକ୍ୟୁରିଟି ରଖନ୍ତି। କେହି କାହାକୁ ହତ୍ୟାକରିବା ପାଇଁ ମଧ୍ୟ ଭଡ଼ାରେ 'କିଲର୍' ମିଳନ୍ତି। ଭଡ଼ାଟିଆମାନଙ୍କୁ ଯିଏ ଅଧିକ ଅର୍ଥ ଦେବେ ସେ ସେଇଆଡ଼େ ପଳେଇଯିବେ।

ପୁଟିନ୍ ନିଜକୁ ସବୁବେଳେ 'ହିରୋ' ମନେକରୁଥିଲେ। ତାଙ୍କ ରାଜତ୍ୱରେ ଦୁଇନମ୍ବର ବ୍ୟକ୍ତିର ସ୍ଥାନ ନାହିଁ। ଏକଦା ପୁଟିନଙ୍କର ଘନିଷ୍ଠ ବନ୍ଧୁ ପ୍ରିଗୋଜିନ୍ ହିଁ ବିଦ୍ରୋହର ନାୟକ। ସେ ବହୁ ଦୁର୍ନୀତି ଓ ଅପରାଧରେ ଜେଲ ଗଲେ। ଜେଲରେ ଦୁର୍ଦ୍ଦାନ୍ତ ଗୁଣ୍ଡା ଓ ବନ୍ଦୀଥିବା ସୈନ୍ୟମାନଙ୍କୁ ନେଇ ଘରୋଇ ସୈନ୍ୟବାହିନୀ ୱାଗନର ଗ୍ରୁପ୍ ଗଠନ କଲେ। ଏହି ଗ୍ରୁପ୍‌କୁ ମଧ୍ୟ ପୁଟିନ୍ ଲିବ୍ୟା, ସିରିଆ, ମାଲି ଆଦି ଅନେକ ଦେଶରେ ଯୁଦ୍ଧକାର୍ଯ୍ୟରେ ଭଡ଼ାରେ ନେଇଥିଲେ। ରୁଷ-ୟୁକ୍ରେନ୍ ଯୁଦ୍ଧରେ ମଧ୍ୟ ଏହି ଭଡ଼ାଟିଆ ଦୁର୍ଦ୍ଦାନ୍ତ, ନରଖାଦକ ସୈନ୍ୟଙ୍କୁ ପୁଟିନ୍ ନିୟୋଜିତ କରିଥିଲେ। ରୁଷିଆ ସୈନ୍ୟମାନେ ୱାଗନର୍ ଗ୍ରୁପ୍ ସୈନ୍ୟଛାଉଣୀରେ ଆକ୍ରମଣ, ହଜାରହଜାର ସଂଖ୍ୟାରେ ରୁଷିଆ ସୈନ୍ୟଙ୍କ ମୃତ୍ୟୁ, ରକ୍ଷାମନ୍ତ୍ରୀ, ମିଲିଟାରୀ ଜେନେରାଲଙ୍କ ଅପାରଗତା ବିରୋଧରେ ସ୍ୱରଉତ୍ତୋଳନକରି ପ୍ରିଗୋଜିନ୍ ପୁଟିନ୍‌କୁ ହୁସିଆରିବାଣୀ ଶୁଣାଇଥିଲେ। ସମୟକ୍ରମେ ପୁଟିନ୍-ପ୍ରିଗୋଟିନ୍‌ଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବଢିଚାଲିଲା। ଯେଉଁଠି ପାରସ୍ପରିକ ସନ୍ଦେହ, ଅବିଶ୍ୱାସର ବାତାବରଣ ସୃଷ୍ଟିହୁଏ, ସେ ଦେଶର ପତନ ଅବଶ୍ୟମ୍ଭାବୀ।

ଯେଉଁ ରୁଷ ଦିନେ ସାରାବିଶ୍ୱକୁ ଚମକାଇଦେଇ ସାମ୍ରାଜ୍ୟବାଦ, ପୁଞ୍ଜିବାଦର ବକ୍ଷ ବିଦାରି ସମାଜବାଦ ପ୍ରତିଷ୍ଠା କରିଥିଲା ୧୯୧୭ ମସିହାରେ, ଏବେ ସେଠାରେ ୧୦୬ବର୍ଷ ପରେ ସମାଜବାଦକୁ କବରଦେଇ ଦୀର୍ଘ ୨୩ବର୍ଷ ହେଲା ସାମ୍ରାଜ୍ୟବାଦୀ, ଫାସିବାଦୀ ଶାସନ ବିରୁଦ୍ଧରେ ପ୍ରଳୟଙ୍କର ବିଦ୍ରୋହ। ମହାନ୍ ବୈଜ୍ଞାନିକ, ଦାର୍ଶନିକ କାର୍ଲ ମାର୍କ୍ସଙ୍କ ତତ୍ତ୍ୱକୁ ନୀତିଆଦର୍ଶ ଭାବେ ଗ୍ରହଣ ଓ କାର୍ଯ୍ୟକାରୀ କରି ମହାନ୍ ମାର୍କ୍ସବାଦୀ ଲେନିନ୍, ଷ୍ଟାଲିନ୍ ନଭେମ୍ବର ବିପ୍ଳବକରି ରୁଷରେ ସମାଜବାଦ ପ୍ରତିଷ୍ଠା କରିଥିଲେ। ସେତେବେଳେ ରୁଷର ୧୬ଟି ରାଜ୍ୟ ଅଲଗାଅଲଗା ଥିଲେ। ସମସ୍ତଙ୍କୁ ଏକତ୍ରକରି ସୋଭିଏତ୍ ୟୁନିୟନ୍ ଅଫ୍ ରୁଷ ଗଠନ କଲେ। ସେ ସମୟରେ ୟୁକ୍ରେନ୍ ମଧ୍ୟ ରୁଷରେ ଥିଲା। ରୁଷ ପ୍ରଭାବରେ ପୂର୍ବ ୟୁରୋପର ଦେଶେଦେଶେ ସମାଜବାଦୀ ରାଷ୍ଟ୍ର ମୁଣ୍ଡଟେକିଲେ। ୧୯୫୦ ମସିହାରେ ଏସିଆ ମହାଦେଶର ଚୀନରେ ମହାନ୍ କ୍ରାନ୍ତିକାରୀ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ସମାଜବାଦ ପ୍ରତିଷ୍ଠା ହେଲା। ଏବେ ସେ ଚୀନରେ ସମାଜବାଦ ବଦଳରେ ପୁଞ୍ଜିବାଦ ପ୍ରବେଶ କରିଛି। ରୁଷ ରାଷ୍ଟ୍ରପତି ପୁଟିନଙ୍କ ୨୩ବର୍ଷ ଶାସନକାଳରେ ସବୁଠୁ ବଡ଼ ବିପର୍ଯ୍ୟୟ ତାଙ୍କ ନିଜ ବନ୍ଧୁ ବ୍ୟବସାୟୀ ୫୦ହଜାର ଘରୋଇ ଦୁର୍ଦ୍ଦାନ୍ତ ସୈନ୍ୟ ୱାଗନର ଗ୍ରୁପର ମୁଖ୍ୟ ପ୍ରିଗୋଜିନ୍‌ଙ୍କ ପଛପଟୁ ଛୁରିକାଘାତ। କମ୍ୟୁନିଷ୍ଟ ରାଷ୍ଟ୍ର ରୁଷରେ ମଧ୍ୟ ପୂର୍ବରୁ ବହୁ ରାଷ୍ଟ୍ରମୁଖ୍ୟଙ୍କୁ ନାଟକୀୟ ଢଙ୍ଗରେ ଗାଦିଚ୍ୟୁତ କରାଯାଇଛି। ଏହା ଇତିହାସର ପୁନରାବୃତ୍ତି। ହଠାତ୍ ବିଦ୍ରୋହରେ ପୁଟିନ୍ ଛାନିଆ ହୋଇପଡିଛନ୍ତି। ପୁଟିନ୍‌ଙ୍କ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଛି। ରୁଷ ଜନଗଣ ବର୍ତ୍ତମାନ ଦୁଇଭାଗରେ ବିଭକ୍ତ। ମସ୍କୋରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି। ୱାଗନର ଗ୍ରୁପର ୫୦ହଜାର ସୈନ୍ୟ ରକ୍ତମୁଖା। ଏ ଗୃହଯୁଦ୍ଧ କେଉଁଠି ପହଞ୍ଚିବ – ତାହା ଆଗକୁ ଜଣାପଡିବ। ଏ ଅବସ୍ଥାରେ ୟୁକ୍ରେନ୍, ଆମେରିକା, 'ନାଟୋ' ଦେଶସମୂହ ଯାହା ଚାହୁଁଥିଲେ – ରୁଷରେ ସେ ଘଟଣାମାନ ଘଟିଚାଲିଛି। ପୁଟିନ୍ ଯେକୌଣସି ମୁହୂର୍ତ୍ତରେ ଭସ୍ମାସୁର ପାଲଟିଯାଇପାରନ୍ତି। ସଂପ୍ରତି 'ନାଟୋ' ଦେଶମାନେ ଯୁଦ୍ଧର ହୁଙ୍କାର ଦେଲେଣି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ। ୧୬ମାସ ୟୁକ୍ରେନରେ ରକ୍ତତାଣ୍ଡବ ନୃତ୍ୟକରି ମଧ୍ୟ ୨ଦିନରେ ଜୟଲାଭ ସ୍ୱପ୍ନ ଭାଙ୍ଗିଯାଇଛି। ନିଜ ଦେଶରେ ସଶସ୍ତ୍ର ବିଦ୍ରୋହର ସମ୍ମୁଖୀନ। ବିଦ୍ରୋହୀମାନେ ରୁଷିଆର ସେନାମୁଖ୍ୟ କାର୍ଯ୍ୟାଳୟକୁ ଦଖଲ କରିନେଲେ। ୨୫ହଜାର ଦୁର୍ଦ୍ଧର୍ଷ ଭଡ଼ାଟିଆ ସୈନ୍ୟବାହିନୀ ମସ୍କୋଆଡକୁ ମାଡିଚାଲିଲେ। ରୁଷିଆରେ ପୁଟିନଙ୍କର ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ପ୍ରିଗୋଜିନ୍ ରାଗିଯାଇଥିଲେ। ପୁଟିନଙ୍କୁ ଗାଦିଚ୍ୟୁତ କରିବାକୁ ଘୋଷଣା କରିଥିଲେ। ଏ ଗୃହଯୁଦ୍ଧ ସାମୟିକ ଭାବେ ମଧ୍ୟସ୍ଥିଙ୍କ ଦ୍ୱାରା ବନ୍ଦ ରହିଛି – କିନ୍ତୁ ଯୁଦ୍ଧ ସରିନି। ପୁଟିନଙ୍କ ବନ୍ଧୁ ବେଲାରୁଷ ରାଷ୍ଟ୍ରପତି ଲୁକାଶୋଙ୍କ ମଧ୍ୟସ୍ଥତାରେ ଚୁକ୍ତି ହୋଇଛି। ପ୍ରିଗୋଜିନ୍‌ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବନି। ସେ ଏବଂ ତାଙ୍କ ସୈନ୍ୟବାହିନୀ ବେଲାରୁଷରେ ରହିବେ।

ଆଣବିକ ଯୁଦ୍ଧର ଧମକ ଦେଉଥିବା ଏକଛତ୍ରବାଦୀ, ଫାସିଷ୍ଟ ପୁଟିନ୍ ସବୁଠୁ ବଡ଼ ବିପଦରେ ସମ୍ମୁଖୀନ। ଏକଦା ଜର୍ମାନୀର ଫାସିଷ୍ଟ ହିଟଲର୍ ରୁଷ ଦଖଲ କରିବାକୁ ଆସି ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ୨ୟ ବିଶ୍ୱଯୁଦ୍ଧରେ ହାରିଗଲା। ହିଟଲର ଆତ୍ମହତ୍ୟା କଲା। ଏବେ ସେଇ ରୁଷରେ ଫାସିଷ୍ଟ ପୁଟିନଙ୍କୁ ନିଜଦେଶର ଭଡ଼ାଟିଆ ସୈନ୍ୟବାହିନୀଙ୍କ ସହ ମୁକାବିଲା କରିବାକୁ ହେଉଛି। ପୁଟିନଙ୍କ ମୁଣ୍ଡ ଆଉ କାମ କରୁନି। ସେ କାହାକୁ ବିଶ୍ୱାସ କରୁନାହାଁନ୍ତି। ବେଲାରୁଷ ରାଷ୍ଟ୍ରପତିଙ୍କ ମଧ୍ୟସ୍ଥିରେ କିଛିସମୟ ପାଇଁ ଗୃହଯୁଦ୍ଧ ବିରତି ରହିଛି। ପୁଣି ସଜବାଜହୋଇ ଯେକୌଣସି ମୁହୂର୍ତ୍ତରେ ରୁଷିଆ ବିରୁଦ୍ଧରେ ଗରିଲାଯୁଦ୍ଧ ହୋଇଯାଇପାରେ।

ଆମେରିକାର ସବୁଦେଶରେ ନାକ ଗଳାଇବାର ଅଭ୍ୟାସ ଅଛି। ରୁଷ ବିରୁଦ୍ଧରେ ୱାଗନର ଗ୍ରୁପ୍‌କୁ ଲଗାଇବାଭଳି ଚୀନ୍‌କୁ ଦବାଇବାପାଇଁ ଆମେରିକା ପ୍ରାଣପଣେ ଲାଗିଯାଇଛି। ଚୀନ୍ ମଧ୍ୟ ଭଡ଼ାଟିଆ ସୈନ୍ୟ ରଖିଛି। ଭାରତ ସରକାର କିଛି ବୁଝିପାରୁନି। ଖାଲି ଭାଷଣରେ ଯୁଦ୍ଧ ଡାକରା ଦେଉଛନ୍ତି। ଏହା ଭାରତ ପାଇଁ ଘାତକ ହୋଇପାରେ।

ରୁଷ ବିରୋଧରେ ଆମେରିକା -'ନାଟୋ'ର ୩୨ଟି ଦେଶ ୟୁକ୍ରେନକୁ ସହଯୋଗ କରୁଛନ୍ତି। ଆମ ଭାରତବର୍ଷ ରୁଷିଆରୁ ଡିଜେଲ ଆଣୁଥିବାରୁ ବିରୋଧକରିପାରୁନି। ୟୁକ୍ରେନକୁ ସାହାଯ୍ୟ କରିବା ଦୂରର କଥା। ସାରାବିଶ୍ୱ ବର୍ତ୍ତମାନ ରୁଷିଆ ଉପରେ ନଜର ରଖିଛି। ଯଦିଓ ଏ ଗୃହଯୁଦ୍ଧ, ରକ୍ତତାଣ୍ଡବ ରୁଷିଆରେ ଦୁଇଗୋଷ୍ଠୀ ମଧ୍ୟରେ ଚାଲିଛି – କେତେକ ଦେଶ ଏହାକୁ ଉପରେ ଉପରେ ଆଭ୍ୟନ୍ତରୀଣ ସମସ୍ୟା କହି ଭିତରେ ଭିତରେ ରୁଷିଆର ଧ୍ୱଂସ ଚାହୁଁଛନ୍ତି। ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ୟୁକ୍ରେନ୍ ରୁଷିଆର ଏ ଦୁର୍ଦ୍ଦଶା ଦେଖି ଖୁସିହେବା ସ୍ୱାଭାବିକ।

ଯୁଦ୍ଧ କିନ୍ତୁ ସରିନି। ସମଗ୍ର ବିଶ୍ୱ ବର୍ତ୍ତମାନ ଯୁଦ୍ଧମୁହାଁ। ଯେକୌଣସି ମୁହୂର୍ତ୍ତରେ ୩ୟ ବିଶ୍ୱଯୁଦ୍ଧ ଲାଗିଯାଇପାରେ। ପୁଟିନ୍ ପାଗଳହୋଇ ଯଦି ରାଗରେ ଆଣବିକବୋମା ବଟନ୍ ଦବେଇ ଦିଅନ୍ତି – ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ। ବିଶ୍ୱଧ୍ୱଂସର କାରଣ ହେବ। ରୁଷିଆକୁ ଅଟକାଇବାକୁ ହେବ। ହେଲେ ଅଟକାଇବ କିଏ? ଚୀନ୍, ଉତ୍ତରକୋରିଆ ପାଖରେ ଆଣବିକ ବୋମା ଅଛି। ସେମାନେ ପରୋକ୍ଷରେ ରୁଷିଆକୁ ସମର୍ଥନ ଦେଉଛନ୍ତି। ଏ ତିନିଦେଶ ପାଖରେ ଯାହା ଆଣବିକବୋମା ଅଛି – ଅନ୍ୟ ଦେଶସମୂହ ନିକଟରେ କମ୍ ଅଛି। ଆଜି ବିଜ୍ଞାନ ବିକାଶର ରାସ୍ତାରୁ ବିନାଶର ରାସ୍ତାରେ ପାଦଦେଇଛି। ସତେ କ'ଣ ପୃଥିବୀର ଜୀବଜଗତ ଧ୍ୱଂସ ପାଇଯିବେ?



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ବ୍ୟକ୍ତିର ସୁଯୋଗ ଓ ଗୋଷ୍ଠୀର ପ୍ରତିନିଧିତ୍ୱ

ଭାରତୀୟ ସମ୍ବିଧାନ ଉଭୟ ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଏ। ସମାନ ସୁଯୋଗ କହିଲେ ସମସ୍ତ ନାଗରିକଙ୍କୁ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସମାନ ସୁଯୋଗ ପ୍ରଦାନ କରେ। ସମାନ ପ୍ରତିନିଧିତ୍ୱ କହିଲେ ସମାଜରେ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀକୁ ସମାନ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଏ। ଗୋଟିଏ ପଟେ ଜାତି, ଧର୍ମ, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ଭେଦରେ କୌଣସି ପ୍ରତିବନ୍ଧକ ରଖେ ନାହିଁ। ଅର୍ଥାତ୍ ସମସ୍ତେ ସମାନ ସୁଯୋଗ ପାଆନ୍ତି। ଅନ୍ୟପଟେ ଏହି ସୁଯୋଗକୁ ସଂକୁଚିତ କରାଯାଇ ପାରିବ ଯଦି ଜାତି, ଧର୍ମ, ସମ୍ପ୍ରଦାୟ ଓ ଲିଙ୍ଗ ଭେଦରେ କୌଣସି ଗୋଷ୍ଠୀ ବିକାଶର ଦୌଡରେ ପଛରେ ପଡିଥାନ୍ତି। ସମ୍ବିଧାନର ଏହି ପ୍ରକ୍ରିୟାକୁ ପରସ୍ପରର ବିରୋଧୀ ତତ୍ତ୍ୱ ବୋଲି ଅନେକେ ଯୁକ୍ତି କରିଥାନ୍ତି। ବାସ୍ତବରେ ଏହା ପରସ୍ପରର ବିରୋଧୀ ତତ୍ତ୍ୱ ନୁହେଁ। ଏହା ଗୋଟିଏ ତତ୍ତ୍ୱର ଭିନ୍ନ ଭିନ୍ନ ପ୍ରୟୋଗ। ଏହା ବ୍ୟକ୍ତିକୁ ଯେଉଁପରି ସମାନ ସୁଯୋଗ ପ୍ରଦାନ କରେ, ସେହିପରି ଅନଗ୍ରସର ଗୋଷ୍ଠୀକୁ ମଧ୍ୟ ସମାନ ପ୍ରତିନିଧିତ୍ୱ କାରିବାର ସୁଯୋଗ ପ୍ରଦାନ କରେ। ଆମ ସମ୍ବିଧାନ ସମତାଭିତ୍ତିକ ସମାଜର ପରିକଳ୍ପନା କରେ।

ସମ୍ବିଧାନର ଧାରା ୧୬ ଦେଶର ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରେ। ଏଥିପାଇଁ ଧର୍ମ, ଜାତି, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ପ୍ରତିବନ୍ଧକ ହୁଏ ନାହିଁ। ଧାରା ୧୪ ରୁ ୧୮ ପର୍ଯ୍ୟନ୍ତ ସମାନତାକୁ ସାମ୍ବିଧାନିକ ଅଧିକାରଭାବେ ସୁନିଶ୍ଚିତ କରାଯାଇଛି। ଏହା ବ୍ୟକ୍ତିଗତ ସମାନତାକୁ ଗୁରୁତ୍ୱ ଦିଏ। ଅନ୍ୟପଟେ ସମ୍ବିଧାନର ଧାରା ୩୪୦, ୩୪୧ ଓ ୩୪୨ ଗୋଷ୍ଠୀଗତ ମାନ୍ୟତା ପ୍ରଦାନ କରେ ଓ ଏହାରି ମାଧ୍ୟମରେ ସମାନତାକୁ ସୁନିଶ୍ଚିତ କରେ। ଧାରା ୩୪୦ ଓବିସି ମାନଙ୍କୁ, ଧାରା ୩୪୧ ଏସସିମାନଙ୍କୁ ଓ ଧାରା ୩୪୨ ଏସଟିମାନଙ୍କୁ ଚିହ୍ନଟ କରେ ଏବଂ ବିଭିନ୍ନ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ପ୍ରଦାନ କରେ। ଏହା କେବଳ ରାଜନୀତି କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ତିଆରି କରେ ତାହା ନୁହେଁ, ଏହା ସହିତ ଚାକିରି ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପ୍ରତିନିଧିତ୍ୱର ବ୍ୟବସ୍ଥା କରେ। ସମ୍ବିଧାନ ଗୋଟିଏ ପଟେ ବ୍ୟକ୍ତିଗତ ସମାନତା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଗୋଷ୍ଠୀଗତ ସମାନତାକୁ ମଧ୍ୟ ଗୁରୁତ୍ୱ ଦିଏ। ଏହା ପରସ୍ପରର ବିରୋଧୀ ନୁହେଁ, ବରଂ ପରସ୍ପରର ପରିପୂରକ। ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ସହିତ ସାମାଜିକ ବିକାଶର ଏକ ମିଳିତ ପ୍ରଚେଷ୍ଟା।

ସାମାଜିକ ଅସମାନତାରୁ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ ତିଆରି ହୋଇଛି। ଏଗୁଡ଼ିକ ହେଉଛି ଏସଟି, ଏସସି ଓ ଓବିସି। ଏହି ଗୋଷ୍ଠୀଗୁଡିକର ପରିଚୟ ହେଉଛି ଏମାନେ ଅନଗ୍ରସର ବର୍ଗର। ବିଭିନ୍ନ ପ୍ରକାର ସାମାଜିକ ସ୍ଥିତି ଓ ତାରତମ୍ୟକୁ ନେଇ ଏହି ପ୍ରକାର ବର୍ଗର ସୃଷ୍ଟି ହୋଇଛି। ଜାତିବ୍ୟବସ୍ଥା ଭାରତୀୟ ସମାଜର ଜଟିଳ ସୃଷ୍ଟି। ଏହା ସାମାଜିକ, ଧାର୍ମିକ, ପାରମ୍ପରିକ ଓ ଆର୍ଥିକ ଚେତନାର ମିଳିତ ପରିପ୍ରକାଶ। ଯାହା ସାମାଜିକ ବିଭେଦକୁ ଚିରନ୍ତନ କରିଛି। ସ୍ୱାଧୀନୋତ୍ତର ଭାରତରେ ଏହି ବିଭେଦକୁ ହଟାଇବାରେ ଗୋଟିଏ ପ୍ରଭାବଶାଳୀ ମାଧ୍ୟମ ହେଉଛି ଗୋଷ୍ଠିଗତ ସାମ୍ୟତା ସ୍ଥାପନ। ଅର୍ଥାତ ବିକାଶ ଦୃଷ୍ଟିରୁ ଅନଗ୍ରସର ବର୍ଗ ଓ ଅଗ୍ରସର ବର୍ଗ ମଧ୍ୟରେ ସମାନତା ସ୍ଥାପନ। ଦେଶରେ ଯଦି ଜାତବ୍ୟବସ୍ଥା ନଥାନ୍ତା ଓ ଏହାକୁ ନେଇ ସାମାଜିକ ତାରତମ୍ୟ ସୃଷ୍ଟି ହୋଇନଥାନ୍ତା ତେବେ ଗୋଷ୍ଠୀଗତ ସମାନତାର ଆବଶ୍ୟକତା ନଥାନ୍ତା। ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ତୁଲ୍ୟ ଭାରତରେ ଜାତିବିହୀନ ସମାଜ ଥିଲେ ଧାରା ୩୪୦ ରୁ ୩୪୨ ପର୍ଯ୍ୟନ୍ତ ଆବଶ୍ୟକତା ପଡ଼ନ୍ତା ନାହିଁ।

ସମ୍ବିଧାନରେ ଯଦି ଗୋଷ୍ଠୀଗତ ସମାନତା ସ୍ଥାପନ ପାଇଁ ବ୍ୟବସ୍ଥା ନଥାନ୍ତା ତେବେ ଭାରତୀୟ ସମାଜ କ୍ରମେ ଅଧିକରୁ ଅଧିକ ଅସନ୍ତୁଳିତ ହୋଇଯାଆନ୍ତା। ଦେଶର ସମସ୍ତ ସୁବିଧା ସୁଯୋଗ ଅଗ୍ରସର ବର୍ଗ ହାତକୁ ଚାଲିଯାଆନ୍ତା। ଅନଗ୍ରସର ବର୍ଗ ଆହୁରି ତଳକୁ ଚାଲିଯାଆନ୍ତା। ଅନଗ୍ରସର ବର୍ଗରୁ ଆସୁଥିବା ବ୍ୟକ୍ତିବିଶେଷ କଦାପି ଅଗ୍ରସର ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ପ୍ରତିଯୋଗିତା କରିପାରନ୍ତେ ନାହିଁ। ହୁଏତ ଦୁଇଚାରି ଜଣ ପ୍ରତିଯୋଗୀତାକୁ ଆସନ୍ତେ, କିନ୍ତୁ ବିରାଟ ସମୁଦାୟ ପୂର୍ବପରି ପଛରେ ପଡିଥାଆନ୍ତା। ଆଜି ଅନଗ୍ରସର ବର୍ଗରୁ ଯେଉଁ କେତେକେ ମୁଖ୍ୟ ସ୍ରୋତକୁ ଆସିବାର ସୁଯୋଗ ପାଇଛନ୍ତି ତାହା ସମ୍ଭବପର ହୁଅନ୍ତା ନାହିଁ। ଏବେବି ସମାଜରେ ଗୋଷ୍ଠୀଗତ ସମାନତା, ଅର୍ଥାତ ଅଗ୍ରସର ଓ ଅନଗ୍ରସର ବର୍ଗ ମଧ୍ୟରେ ସମାନତା ଆସିଛି ବୋଲି କୁହାଯାଇ ପାରିବ ନାହିଁ। ହୁଏତ ରାଜନୀତି କ୍ଷେତ୍ରରେ ଅନୁସୂଚୀତ ବର୍ଗ ସମାନ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଉଛନ୍ତି ସଂରକ୍ଷିତ ଆସନରୁ ନିର୍ବାଚନ ଲଢ଼ି, କିନ୍ତୁ ପ୍ରକୃତ ନେତୃତ୍ୱ ଏମାନଙ୍କ ହାତରେ ନାହିଁ। ଓବିସିମାନେ ବିଭିନ୍ନ ରାଜ୍ୟରେ ନିଜସ୍ୱ ନେତୃତ୍ୱ ନିର୍ମାଣରେ କିଛି ମାତ୍ରାରେ ସଫଳ ହୋଇଛନ୍ତି। ଏଯାଏଁ ଦେଶରେ ଅନଗ୍ରସର ବର୍ଗଙ୍କ ମିଳିତ ନେତୃତ୍ୱ ତିଆରି ହୋଇନାହିଁ। ରାଜନୈତିକ କ୍ଷମତା ଦୃଷ୍ଟିରୁ ଏମାନେ ଏଯାଏଁ ସମାନ ଭାଗିଦାରୀରୁ ପଛରେ ଅଛନ୍ତି।

ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏସଟି, ଏସସି ଓ ଓବିସିମାନେ ଏଯାଏଁ ସମାନ ଭାଗିଦାରୀ ହୋଇପାରି ନାହାଁନ୍ତି। ଉଚ୍ଚ ସାଧାରଣ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏମାନେ ଏବେବି ପଛରେ ପଡ଼ିଛନ୍ତି। ଡାକ୍ତରୀ ଓ ଇଞ୍ଜିନିୟରିଂ ତଥା ବିଶ୍ୱବିଦ୍ୟାଳୟ ସ୍ତରୀୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏମାନଙ୍କ ସଂଖ୍ୟାର ପରିସଂଖ୍ୟାନ କଲେ ଜଣାପଡ଼ିଯିବ ଏମାନେ ସମାନ ଭାଗିଦାରୀଠାରୁ କେତେ ତଳେ ଅଛନ୍ତି। ସଂରକ୍ଷଣ ସୁବିଧା ସତ୍ତ୍ୱେ ଏମାନେ ସମତୂଲ୍ୟ ଅବସ୍ଥାକୁ ଆସିପାରି ନାହାଁନ୍ତି। ସେହିପରି ଚାକିରି କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଅନୁସୂଚୀତ ବର୍ଗ ଓ ଓବିସି ବର୍ଗର କେତେ ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଚାକିରିରେ ଅଛନ୍ତି ତାହାର ମଧ୍ୟ ହିସାବ କରାଯାଇ ପାରିବ। ଏ କ୍ଷେତ୍ରରେ ମଧ୍ୟ ନୈରାଶ୍ୟ ଜନକ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ଏମାନଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ହତାଶା ଜନକ। ଓଡ଼ିଶାରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ଅନୁସୂଚୀତ ବର୍ଗର ପ୍ରାର୍ଥୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଓଜେଏସ୍ ପରୀକ୍ଷା ଫଳ ଆହୁରି ଦୟନୀୟ।

ଅନଗ୍ରସର ବର୍ଗଙ୍କ ଅନଗ୍ରସରତାର କାରଣ ବହୁ ପୁରାତନ। ହଜାର ହଜାର ବର୍ଷର ସାମାଜିକ ଓ ଅର୍ଥନୈତିକ ତାଡନାର ଫଳ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଅନେକାଂଶରେ ତାର ପରିବେଷ୍ଟିତ ସାମାଜିକ ଅବସ୍ଥାର ପ୍ରଭାବ ଦ୍ୱାରା ନିୟନ୍ତ୍ରିତ ହୁଏ। ବ୍ୟକ୍ତିତ୍ୱର ବିକାଶରେ ସମାଜର ପ୍ରଭାବକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଯେଉଁମାନେ ଦୀର୍ଘ ସମୟ ଧରି ସାମାଜିକ ଓ ଆର୍ଥିକଭାବେ ତଳେ ପଡ଼ିଛନ୍ତି ସେମାନେ ଏତେଶୀଘ୍ର ବ୍ୟକ୍ତିତ୍ୱର ପ୍ରତିଯୋଗିତାରେ ସମତୂଲ୍ୟ ହୋଇ ପାରିବେ ନାହିଁ। ତେଣୁ ସମସ୍ତଙ୍କୁ ସମାନ ସମାନତାର ସୁଯୋଗ ଅନଗ୍ରସର ବର୍ଗ ପାଇଁ ଲାଭଦାୟକ ହେବ ନାହିଁ। ବରଂ ଏହା ବିଷମ ସମାଜକୁ କ୍ଷୀପ୍ରତର କରିବ। ଯେଉଁଦିନ ଅନଗ୍ରସର ବର୍ଗ ଶିକ୍ଷା, ଚାକିରି, ରାଜନୀତି ଓ ଆର୍ଥିକ ସ୍ଥିତି ଦୃଷ୍ଟିରୁ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ସେହିଦିନଠାରୁ ଏ ସମସ୍ତ ବର୍ଗର ଆବଶ୍ୟକତା ପଡିବ ନାହିଁ। ଏପରି ପରିସ୍ଥିତିରେ ସମାନ ପ୍ରତିନିଧିତ୍ୱର ପ୍ରଶ୍ନ ମଧ୍ୟ ଉଠିବ ନାହିଁ। ତେଣୁ ଆମ ସମ୍ବିଧାନ ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱର ଏକ ସୁନ୍ଦର ସମନ୍ୱୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଜୁଲାଇ ୨୦୨୫ ବୁଧବାର



# ବର୍ଷା ଦିନରେ ଛୋଟ ଛୁଆଙ୍କୁ ହୋଇପାରେ ସଂକ୍ରମଣ



ବର୍ଷାଦିନ ଆସିବା କ୍ଷଣୀ ସଂକ୍ରମଣ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ବିଶେଷ ଭାବରେ ବର୍ଷା ଦିନରେ ଛୋଟ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ସଂକ୍ରମଣ ବଢ଼ିଥାଏ । ଯେମିତି କି ଅଧିକାଂଶ ସମୟରେ ଜୀବାଣୁ ଜନିତ ରୋଗ, ଭାଇରାଲ ଓ ଫଙ୍ଗସ ଇନଫେକ୍ସନ୍ ବଢ଼ିଥାଏ। ଏହାର ଅନେକ କାରଣ ଥାଏ । ବର୍ଷା ଦିନେ ଛୁଆମାନଙ୍କ ଦେହପା’ ପ୍ରତି ଧ୍ୟାନ ନ ଦିଆ ଗଲେ ପରିସ୍ଥିତି ଖୁବ୍ ଜଟିଳ ହୋଇଯାଏ । ତେଣୁ ବର୍ଷାଦିନେ ପିଲାମାନଙ୍କ ସଠିକ ବାବରେ ଯତ୍ନ ନିଆ ନ ଗଲେ ବିଭିନ୍ନ ରୋଗର ଆଶଙ୍କା ବଢ଼ିଯାଏ।

## ବର୍ଷା ଦିନରେ ଛୋଟ ପିଲାଙ୍କୁ ସଂକ୍ରମଣର ପ୍ରଭାବ



◆ ଅନେକ ସମୟରେ ଛୋଟ ପିଲାମାନେ ବିଭିନ୍ନ ରୋଗରେ ପଡିଥାନ୍ତି । ଯାହାକୁ କମନ୍ କୋଲ୍ଡ କହିଥାଉ । ଯେପରି ପିଲାଟିର ନାକରୁ ପାଣି ବାହାରିବା, କାଶ ହେବା, ତଣ୍ଟି ବଥା ହେବା ସହ ଦେହ ଉଷୁମ ରହିବା ଆଦି ଦେଖାଯାଇଥାଏ । ପିଲାମାନଙ୍କ ପାଖରେ ଏଭଳି ଲକ୍ଷଣ ଦେଖାଗଲା ଡାକ୍ତରଙ୍କୁ ପରାମର୍ଶ କରିବା ସହ ଔଷଧ ଦେବା ଆବଶ୍ୟକ । ଅଧିକ ମାତ୍ରାରେ କମନ୍ କୋଲ୍ଡ ହେବା ଦ୍ୱାରା ନିମୋନିଆ, ଅସ୍ଥମା ଓ ଟିବି ମଧ୍ୟ ଆକ୍ରମଣ କରିପାରେ । ବର୍ଷା ଦିନେ ସାଧାରଣ ଭାବରେ ୫ ବର୍ଷରୁ କମ୍ ବୟସର ଛୋଟ ଛୋଟ ପିଲାଙ୍କ କ୍ଷେତ୍ରରେ ଅଧିକ ବିପଦ ଦେଖାଯାଇଥାଏ । ବର୍ଷା ଦିନେ ସାଧାରଣ ଭାବରେ ୧ ବର୍ଷେ ତଳକୁ ପିଲାଙ୍କୁ ବାହାରକୁ ବାହାର କରନ୍ତୁ ନାହିଁ । ଛୋଟ ପିଲାଙ୍କୁ ସଂକ୍ରମଣ ଶୀଘ୍ର ହୋଇଥାଏ । ତେଣୁ ବର୍ଷାଦିନେ ସେମାନଙ୍କ ଉପରେ ବିଶେଷ ଧ୍ୟାନ ଦେବା ଉଚିତ ।

## ସଂକ୍ରମଣ ବଢ଼ିବାର ବିଶେଷ କାରଣ

◆ ବର୍ଷାଦିନେ ସ୍କୁଲ ଖୋଲିଯାଏ । ଯେଉଁଠି ଅଧିକ ମାତ୍ରାରେ ଗହଳି ହୋଇଥାଏ । ବର୍ଷା ଦିନ ହେତୁ ମାଆମାନେ ପିଲାମାନଙ୍କୁ ଗାଧେଇ ନଥାନ୍ତି । ତେଣୁ ପିଲାଙ୍କର ଚର୍ମ ରୋଗ ବିଭିନ୍ନ ସମୟରେ ଦେଖାଯାଇଥାଏ । ଏହି ସମୟରେ ଭାଇରାଲ୍ ସଂକ୍ରମଣ ଅଧିକ ମାତ୍ରାରେ ହୋଇଥାଏ। ଇନଫ୍ଲୁଏଞ୍ଜା, ଆଡିନୋ ଭାଇରସ, ଡେଙ୍ଗୁ ଓ ମ୍ୟାଲେରିଆ ବଢ଼ିଥାଏ । ଏହି ସମସ୍ତ ସଂକ୍ରମଣ ପାଇଁ ବର୍ଷା ଋତୁ ସମୟରୁ ବୃଦ୍ଧି ପାଇଥାଏ । ଯଦି କ୍ଲାସ ରୁମରେ ଜଣଙ୍କର ଥଣ୍ଡା ହୋଇଥାଏ ତେବେ ଅନ୍ୟ ପିଲାଙ୍କୁ ମଧ୍ୟ ଥଣ୍ଡା ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ପିଲାମାନଙ୍କୁ ନ ଗାଧୋଇଲେ ବି ସ୍ୱଚ୍ଛ କପଡାରେ ଧୀରେ ଧୀରେ ଶରୀରକୁ ପୋଛିନିଅନ୍ତୁ ।

## ସଠିକ ଭାବରେ ଛୋଟ ପିଲାଙ୍କୁ ଟୀକାକରଣ କରାଇବା

◆ ପିଲାଙ୍କୁ ଠିକ ସମୟରେ ଟୀକାକରଣ ଆବଶ୍ୟକ । ଯଦି ସଂକ୍ରମଣ ଅଧିକ ଥାଏ ରୋଗ ପ୍ରତିରୋଧକ ଶକ୍ତି କମ ଥାଏ ତେବେ ରୋଗ ବଢ଼ିଯାଇଥାଏ । ରାଜ୍ୟରେ ଏବେବି ଅନେକ ପିଲା ଟୀକାକରଣ ଠିକ ଭାବରେ ନେଇ ନାହାନ୍ତି । ଯଦି ପିଲାଟି ଟିକା ନେଇ ନାହିଁ ତେବେ ତୁରନ୍ତ ଟିକା ନେବା ଆବଶ୍ୟକ । କ୍ୟାଚୋ ଭ୍ୟାକ୍ସିନ ଯାହା ୫-୧୦ ବର୍ଷ ବୟସର ପିଲାଙ୍କୁ ଦେଇ ହେବ । ଡାକ୍ତରଙ୍କ ପରାମର୍ଶ କ୍ରମେ ଛୋଟ ପିଲାଙ୍କୁ ଟୀକାକରଣ କରିବା ଆବଶ୍ୟକ ।

## ପିଲାଙ୍କ ଖାଦ୍ୟ ପେୟ ଉପରେ ଧ୍ୟାନ ଦେବା ଆବଶ୍ୟକ

◆ ଯଦି ଗୋଟିଏ ପିଲାର ରୋଗ ପ୍ରତିରୋଧକ ଶକ୍ତି ତାହାର ଖାଦ୍ୟପେୟ ଉପରେ ନିର୍ଭର କରେ । ଯେଉଁ ଖାଦ୍ୟରେ ଭଲ ଭାବରେ ଭିଟାମିନ ରହିଥିବ ସେହି ଖାଦ୍ୟ ଛୋଟ ପିଲାଙ୍କୁ ଦେବା ଆବଶ୍ୟକ । ଯେମିତି କି କ୍ୟାଲସିୟମ, କପର, ଜିଙ୍କ ଓ ଆଇରନ ଆଦି ଖାଦ୍ୟରେ ରହିଥିବା ଆବଶ୍ୟକ । ପିଲାଙ୍କୁ ସବୁବେଳେ ଗୋଟିଏ ପ୍ରକାର ଖାଦ୍ୟ ନଦେଇ ଖାଦ୍ୟ ତାଲିକାରେ ଭିନ୍ନଭିନ୍ନ ଖାଦ୍ୟ ରଖନ୍ତୁ । ସବୁବେଳେ ଗୋଟିଏ ପ୍ରକାରର ଖାଦ୍ୟ ଛୋଟ ପିଲାଙ୍କୁ ଦେଲେ ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କମିବାର ମଧ୍ୟ ସମ୍ଭାବନା ରହିଛି ।

## ବିଶେଷ ପ୍ରତିକାର

ଯଦି ପିଲାଙ୍କ ଶରୀରରେ ଇନଫେକ୍ସନ ହୁଏ ତେବେ ପିଲାଟିକୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଦ୍ୱାରା ଔଷଧ ଦେବା ଆବଶ୍ୟକ । ବର୍ଷା ଦିନ ସମୟରେ ସ୍କୁଲକୁ ଯାଉଥିବା ପିଲାଙ୍କୁ ଠିକ ଭାବରେ ଟୀକାକରଣ କରିବା ଆବଶ୍ୟକ । ଏପରିକି ନିମୋନିଆ ପାଇଁ ମଧ୍ୟ ସରକାରୀ ସ୍ତରରେ ଟୀକାକରଣ କରାଯାଉଛି । ତାହା ତୁରନ୍ତ କରିବା ଆବଶ୍ୟକ । ନିମୋନିଆ କିମ୍ବା ଡାଇରିଆ ହେଲେ ପାଖାପାଖି ୯୦ ପ୍ରତିଶତ ପିଲାଙ୍କ ମୃତ୍ୟୁ ଘଟିଥାଏ । ଯଦି ଘରର କେଉଁ ସଦସ୍ୟଙ୍କୁ ଏଭଳି ସଂକ୍ରମଣ ହୋଇଛି ସେମାନଙ୍କ ଠାରୁ ଛୋଟ ପିଲାଙ୍କୁ ଦୂରେଇ ରଖିବା ଆବଶ୍ୟକ । ଯାହା ଫଳରେ ଛୋଟ ପିଲା ସୁସ୍ଥ ରହିପାରିବେ ।

# ଗୁଡ଼ ଏବଂ ଗୋଲମରିଚ ବର୍ଷା ଦିନେ ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ଦେଇଥାଏ





ବର୍ତ୍ତମାନ ଦେଶରେ ମୌସୁମୀ ଋତୁ ଚାଲିଛି । ଏହି ସମୟରେ ଲୋକ ପ୍ରାୟତଃ ସଂକ୍ରମଣ ଭଳି ଅନେକ ରୋଗର ଶିକାର ହୋଇଥାନ୍ତି । ବର୍ଷା ଋତୁରେ ଥଣ୍ଡା, ଜ୍ୱର, ମୁଣ୍ଡବିନ୍ଧା ଏବଂ ଅନ୍ୟାନ୍ୟ ରୋଗ ହୋଇଥାଏ । ଏପରି ସମୟରେ ରୋଷେଇ ଘରେ ଥିବା ଅନେକ ଜିନିଷ ଆମର ବେଶ ଉପକାରରେ ଆସିଥାଏ । ଏହି ତାଲିକାରେ ଗୁଡ଼ ଏବଂ ଗୋଲମରିଚ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ପ୍ରଦାନ କରିଥାଏ । ଉଭୟ ଗୁଡ଼ ଏବଂ ଗୋଲମରିଚରେ ଅତ୍ୟଧିକ ଗରମ ଗୁଣ ଥାଏ । ଗୋଲମରିଚ ସହ ଗୁଡ଼ ଏକାଠି ଖାଇବା ଦ୍ୱାରା ସଂକ୍ରମଣ, ମୁଣ୍ଡବିନ୍ଧା ଭଳି ସମସ୍ୟା ଦୂର ହୋଇଥାଏ । କେବଳ ଏତିକି ନୁହେଁ ଗଣ୍ଠି ଯନ୍ତ୍ରଣା, ଋତୁସ୍ରାବ ଯନ୍ତ୍ରଣାରୁ ମଧ୍ୟ ଆରାମ ଦେଇଥାଏ ।

**ସଂକ୍ରମଣରୁ ଆରାମ ମିଳିବ**

ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ଉଭୟ ଗୁଡ଼ ଏବଂ ଗୋଲମରିଚରେ ମିଳିଥାଏ ଯାହା ସଂକ୍ରମଣ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଯଦି ଆପଣ ସଂକ୍ରମଣ ସମସ୍ୟା ସହ ସଂଘର୍ଷ କରୁଛନ୍ତି ତେବେ ଗୋଟିଏ ଚାମଚ ଗୁଡ଼ ସହ ଦୁଇଟି ଗୋଲମରିଚ ଖାଆନ୍ତୁ । ଏହା ଆପଣଙ୍କ ସଂକ୍ରମଣ ସମସ୍ୟା ଦୂର କରିବ।

**ଗଣ୍ଠି ଯନ୍ତ୍ରଣା ହ୍ରାସ କରେ**

ଗୁଡ଼ ଏବଂ ଗୋଲମରିଚ ଖାଇବା ଦ୍ୱାରା ଆପଣଙ୍କ ଗଣ୍ଠି ଯନ୍ତ୍ରଣା କମିଯାଏ, କାରଣ ଏଥିରେ ବହୁ ପରିମାଣରେ ଆଇରନ୍ ଏବଂ କ୍ୟାଲସିୟମ୍ ଥାଏ । ସେହିପରି ଗୋଲମରିଚରେ ପେପରାଇନ୍ ନାମକ ଏକ ଉପାଦାନ ରହିଥାଏ । ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ । ଯଦି ଆପଣଙ୍କର ଗଣ୍ଠି ଯନ୍ତ୍ରଣା ହେଉଛି, ତେବେ ଗୁଡ଼ ଏବଂ କଳା ଲଙ୍କା ଖାଇବା ଆରମ୍ଭ କରନ୍ତୁ ।

**ଋତୁସ୍ରାବ ଯନ୍ତ୍ରଣାରୁ ଦିଏ ମୁକ୍ତି**

ଋତୁସ୍ରାବ ସମୟରେ ପେଟ ଯନ୍ତ୍ରଣା, ଗ୍ୟାସ୍ ଭଳି ଅନେକ ସମସ୍ୟା ହୋଇଥାଏ । ଏହି ସମୟରେ ଯଦି ଗୁଡ ସହ ଗୋଲମରିଚ ଖାଇବା ଉଚିତ୍। ଏଥିପାଇଁ ଆପଣ ଗୁଡ ସହ ଗୋଲମରିଚ ଚା’ ତିଆରି କରି ପିଇପାରିବେ । ଏହାଦ୍ୱାରା ପେଟରେ ଯନ୍ତ୍ରଣା, ଗ୍ୟାସ୍ ସମସ୍ୟା ଇତ୍ୟାଦିରୁ ମୁକ୍ତି ମିଳିଥାଏ ।

**ପେଟ ରୋଗରୁ ମୁକ୍ତି**

ସଠିକ୍ ପରିମାଣରେ ଗୁଡ ଏବଂ ଗୋଲମରିଚ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ । ଗୋଟିଏ ଚାମଚ ଗୁଡରେ ଅଧା ଚାମଚ ଗୋଲମରିଚ ଗୁଣ୍ଡ ମିଶାଇ ଖାଆନ୍ତୁ । ଏହା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ । ଏହା ବ୍ୟତୀତ ଏହା ଆପଣଙ୍କ ଭୋକକୁ ମଧ୍ୟ ବଢାଇଥାଏ । ଗୁଡ ଏବଂ ଗୋଲମରିଚ ଏକାଠି ଖାଇବା ଦ୍ୱାରା ଅନ୍ତନଳୀ ଫୁଲା, ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ।

**ମୁଣ୍ଡବିନ୍ଧା ଏବଂ ନାକ ସମସ୍ୟା ଦୂର କରେ**

ମୁଣ୍ଡବିନ୍ଧା ଏବଂ ନାକ ଫୁଲିବା, ନାକରୁ ରକ୍ତ ବାହାରିବା ସମସ୍ୟାକୁ ଦୂର କରିବା ପାଇଁ, ଆପଣ ଗୁଡ ସହ ଗୋଲମରିଚ ଖାଇପାରିବେ । ଏଥିପାଇଁ ଦହିରେ କିଛି ଗୁଡ ସହ ଗୋଲମରିଚ ପାଉଡର ମିଶାଇ ଏହାକୁ ଖାଆନ୍ତୁ । ଏହା ନାକରୁ ରକ୍ତସ୍ରାବ ବନ୍ଦ କରିବ ଏବଂ ମୁଣ୍ଡବିନ୍ଧାରୁ ମୁକ୍ତି ମଧ୍ୟ ଦେବ ।

**ଆଲର୍ଜି ଦୂର କରେ**

କେବଳ ଏତିକି ନୁହେଁ, ଉଭୟ ଗୁଡ ଏବଂ ଗୋଲମରିଚ ଖାଇବା ଦ୍ୱାରା ବାନ୍ତି, ଆଲର୍ଜି ଏବଂ ପେଟ ସମ୍ବନ୍ଧୀୟ ସମସ୍ୟା ଉପଶମ ହୋଇପାରିବ । ଯଦି ଆପଣଙ୍କର ଏହି ସମସ୍ୟାର କୌଣସିଟି ଅଛି ତେବେ ଆପଣ ଏହାକୁ ବ୍ୟବହାର କରିପାରିବେ।

**ଗଳା ଯନ୍ତ୍ରଣାରେ ମଧ୍ୟ ପ୍ରଭାବଶାଳୀ**

ଅନେକ ପୋଷକ ତତ୍ତ୍ୱ ଗୁଡ ଏବଂ ଗୋଲମରିଚରେ ଥାଏ, ଯାହା ଗଳା ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଯଦି ତୁମର ଗଳାରେ ଯନ୍ତ୍ରଣା ହେଉଛି ତେବେ ଗୁଡ ଏବଂ ଗୋଲମରିଚ ଖାଆନ୍ତୁ । ଏହା ଆପଣଙ୍କ ଗଳାକୁ ଆରାମ ଦେବ । ଏଥିପାଇଁ ପ୍ରାୟ ୮୦ ଗ୍ରାମ ଗୁଡ ନେଇ ସେଥିରେ ୨୦ ଗ୍ରାମ ଗୋଲମରିଚ ମିଶାଇ ଗ୍ରାଇଣ୍ଡ କରି ଖାଆନ୍ତୁ । ଏଥିରେ ଆପଣ ୪୦ ଗ୍ରାମ ଡାଳିମ୍ବ ଚୋପାକୁ ମଧ୍ୟ ମିଶାଇପାରିବେ । ଏହା ଗଳାକୁ ଆରାମ ଦେଇଥାଏ ।

# ନିୟମିତ ଲେମ୍ବୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ ହୁଏ



ସାଧାରଣତଃ ଲେମ୍ବୁର ବ୍ୟବହାର ବିଭିନ୍ନ ପୂଜା, ଦେବ କାର୍ଯ୍ୟ, ନୂତନ ବାସଗୃହରେ ପ୍ରବେଶ ବେଳେ, ଯାନବାହନ ଆଦିର ପୂଜା ତଥା ଯେ କୌଣସି ଶୁଭାଶୁଭ ପୂଜା କାର୍ଯ୍ୟରେ ହୋଇଥାଏ। ଲେମ୍ବୁରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଲେମ୍ବୁ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇଥାଏ। ଏହାବ୍ୟତୀତ ଉଷୁମପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ ମୋଟାପଣ ହ୍ରାସ ପାଇଥାଏ। ଏହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। କିଡ୍‌ନୀ ଷ୍ଟୋନ୍‌କୁ ପ୍ରତିରୋଧ କରିବାର ଶକ୍ତି ମଧ୍ୟ ଏହାର ରହିଛି। ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଦୃଢ଼ କରିବା ସହ ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ହେଲେ ଆବଶ୍ୟକତାଠାରୁ ମାତ୍ରାଧିକ ଲେମ୍ବୁରସ ସେବନ କରିବା ଅନୁଚିତ। ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି, ଓକାର ଲାଗିବା ସହ ଆମାଶୟ ଜନିତ ସମସ୍ୟା ଦେଖାଯାଏ। ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁ ସାମିଲ କଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ତଥା ନୀରୋଗ ରଖିପାରିବା।

# ହିନ୍ଦୁ ଧର୍ମରେ ଏକାଦଶୀର ମହତ୍ତ୍ୱ



ହିନ୍ଦୁ ଧର୍ମରେ ଏକାଦଶୀର ମହତ୍ତ୍ୱ ଅନେକ ରହିଛି । ଜୁଲାଇରେ ଯୋଗିନୀ ଏକାଦଶୀ ପାଳନ କରାଯାଉଛି । ଧାର୍ମିକ ଅନୁସାରେ ବିଶ୍ୱାସ କରାଯାଏ ଯେ ଯୋଗିନୀ ଏକାଦଶୀରେ ଉପବାସ କରିବା ଦ୍ୱାରା ଅନେକ ପାପର ବିନାଶ ହୋଇଥାଏ । ଏହି ଉପବାସ ଜୀବନରେ ସୁଖ ଏବଂ ସମୃଦ୍ଧତା ଆଣିଥାଏ । ବିଶ୍ୱାସ କରାଯାଏ ଯେ ଏହି ଉପବାସ କରିବା ଯାହା ୮୮,୦୦୦ ବ୍ରାହ୍ମଣ ଭୋଜନ ସହିତ ସମାନ । ଏକାଦଶୀ ଦିନ, ଚନ୍ଦ୍ର ଆକାଶରେ ଏକାଦଶ ଅକ୍ଷରେ ରୁହନ୍ତି ଏବଂ ଏହି ସମୟରେ ମାନସିକ ସ୍ଥିତି ଅତ୍ୟନ୍ତ ଚଳଚଞ୍ଚଳ ହୋଇଥାଏ। ତେଣୁ ଏକାଦଶୀ ଦିନ ଉପବାସ କରିଲେ ମନରେ ଥିବା ଅସ୍ଥିରତାକୁ ନିୟନ୍ତ୍ରିତ କରିହୁଏ। ଜ୍ୟୋତିଷଙ୍କ ମତରେ ବିବେକ ଆଗରେ କେହି ବନ୍ଧୁ ନୁହଁନ୍ତି ଏବଂ ଏକାଦଶୀଠାରୁ ବଡ ବ୍ରତ ଆଉ କିଛି ନୁହେଁ। ଶାସ୍ତ୍ର ଏବଂ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ ସମସ୍ତ ପୂଜା-ପାଠ-ରୀତିନୀତି-ଉପାସନା-ଉପବାସ ଇତ୍ୟାଦିର କେବଳ ଗୋଟିଏ ଉଦ୍ଦେଶ୍ୟ ହେଉଛି ମନକୁ ଏକାଗ୍ରଚିତ କରିବା । କାରଣ ଯେପର୍ଯ୍ୟନ୍ତ ମନ ଏକାଗ୍ରଚିତ ହୋଇନାହିଁ ସେପର୍ଯ୍ୟନ୍ତ ଆପଣଙ୍କ ସଂକଳ୍ପ ଦୃଢ ହେବା ନାହିଁ। ଆପଣଙ୍କ ସଂକଳ୍ପ ଦୃଢ ନହେବା ପର୍ଯ୍ୟନ୍ତ ଜୀବନରେ ସଫଳତା ମିଳିବ ନାହିଁ । ତେଣୁ ଯେଉଁମାନେ ଏହି ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ, ପାଞ୍ଚଟି କର୍ମ ଇନ୍ଦ୍ରିୟ ଏବଂ ଗୋଟିଏ ମନରେ ନିୟନ୍ତ୍ରଣ ରଖିପାରେ ସେ ଏକାଦଶୀ ପରି ପବିତ୍ର ଓ ଦୟାବାନ ହୋଇଥାଏ । ଶାସ୍ତ୍ର ଅନୁସାରେ ଆମ ଶରୀର ହେଉଛି ରଥ ଆଉ ସେହି ରଥର ସାରଥି ହେଲା ବୁଦ୍ଧି । ଆମ ଶରୀରରେ ମୋଟ ୧୧ଟି ଇନ୍ଦ୍ରିୟ ରହିଛି ଏବଂ ମନ ହେଉଛି ଏକାଦଶ ଇନ୍ଦ୍ର ।

**କାହିଁକି ଭାତ ଖାଇବା ମନା**

ଭାତରେ ଜଳର ଉପାଦାନର ପରିମାଣ ଅଧିକ ରହିଥାଏ । କାରଣ ଖେତରେ ସମ୍ପୂର୍ଣ୍ଣ ପାଣିରେ ଧାନକୁ ରୋଇବା ପରେ ଚାଷ କରାଯାଏ । ତେଣୁ ଏଥରେ ଜଳର ପ୍ରଭାବ ଅଧିକ ଏବଂ ଚନ୍ଦ୍ର ଜଳ ଉପରେ ବହୁତ ପ୍ରଭାବ ପକାଇଥାନ୍ତି। ଚାଉଳ ଖାଇବା ଦ୍ୱାରା ଶରୀରରେ ଜଳର ପରିମାଣ ବଢିଥାଏ । ଏହା ମନକୁ ବିଭ୍ରାନ୍ତ କରିଥାଏ ଏବଂ ଅଶାନ୍ତ କରିଥାଏ । ଏହାର କାରଣ ହେଉଛି ଚନ୍ଦ୍ର ଜଳ ସହିତ ଜଡିତ, ଏହା ନିଜ ଆଡକୁ ଜଳକୁ ଆକର୍ଷିତ କରିଥାଏ । ଯଦି ଜଣେ ବ୍ୟକ୍ତି ଏକାଦଶୀ ଦିନ ଚାଉଳରେ ପ୍ରସ୍ତୁତ ଭାତ କିମ୍ବା ଅନ୍ୟାନ୍ୟ ଖାଦ୍ୟ ଖାଆନ୍ତି ତେବେ ଚନ୍ଦ୍ରଙ୍କ କିରଣ ତାଙ୍କ ଶରୀରରେ ସମସ୍ତ ଜଳୀୟ ଅଂଶକୁ ବିକିରଣ କରିଥାଏ । ଫଳରେ ସେ ଉପବାସ କରିଥିଲେ ମଧ୍ୟ ରୀତିନୀତି ଅନୁସାରେ ପୂଜାପାଠ ଓ ମନ୍ତ୍ରଜପ ଇତ୍ୟାଦି ଏକାଗ୍ରତା ସହିତ କରିପାରିବେ ନାହିଁ । ମନ ଅସ୍ଥିର ରହିବାରୁ ଉପବାସର ନିୟମ ପାଳନ କରିବାରେ ବାଧା ସୃଷ୍ଟି କରିଥାଏ । ତେଣୁ ଚାଉଳ ଖାଇବା ଏକାଦଶୀରେ ନିଷେଧ ।

# ବାତ ରୋଗର ଉପଚାର



ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୁଏ। ବାତ ବିକୃତି କାରଣରୁ ପକ୍ଷାଘାତ (ପାରାଲିସିସ୍), ଆମବାତ (ରୁମାଟଏଡ୍ ଆଥରରାଇଟିସ୍), ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଇପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସରଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ। ବାତ ବ୍ୟାଧି ରୋଗୀ କାର୍ଯ୍ୟକ୍ଷମ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୂଷା ନ ମିଳେ, ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ରସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ବା ପରିବାର ସଦସ୍ୟ ଆନ୍ତରିକତା ଭାବସମ୍ପନ୍ନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ।

ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା ବା ଡେଟେକ୍ସିକେସନ୍ କରିବା ଉଚିତ୍। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ୍। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ୍ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ପ ଦିଆଯାଏ। ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା’ପରେ ଏକ ମୁଖ ଘୋଡ଼ଣୀ ଥିବା ହାଣ୍ଡି ବା ବଡ଼ ପ୍ରେସରକୁକୁରରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଠପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶୈନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା’ ପରେ ସେହି ବାମ୍ପକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି। ଏଥିସହ ରୋଗୀର ବଳାବଳକୁ ଦେଖି ପ୍ରତି ତିନି ଦିନରେ ଥରେ ବିରେଚନା ପାଇଁ ଔଷଧ ବା ଏନିମା ଦିଆଯାଏ। ରୋଗୀକୁ ଦୈନିକ ଉଷୁମ ଜଳରେ ସ୍ନାନ କରାଯାଇଥାଏ।

# ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଡେଙ୍ଗୁ ରୋଗୀ ଦୁଇ ଗୁଣା



ମୌସୁମୀ ଆସିଲା ପରେ ରାଜ୍ୟରେ ଚିନ୍ତା ବଢ଼ାଇଛି ଡେଙ୍ଗୁ । ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ବଢ଼ି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ପୂର୍ବ ବର୍ଷ ଅପେକ୍ଷା ଡେଙ୍ଗୁ ପରୀକ୍ଷା ବଢିବା ସହ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ସମୟ ମଧ୍ୟରେ ଦୁଇ ଗୁଣା ରୋଗୀ ଚିହ୍ନଟ ହୋଇଛନ୍ତି । ତେବେ ରାଜ୍ୟରେ ଅନେକ ଜିଲ୍ଲାରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ଅନେକ ଲୋକଙ୍କର ଡେଙ୍ଗୁରେ ମୃତ୍ୟୁ ଘଟୁଥିବା ନେଇ ମଧ୍ୟ ଅଭିଯୋଗ ଆସୁଛି ।

ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ‘ପ୍ରତି ଅର୍ବାନ ଅଞ୍ଚଳରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଡେଙ୍ଗୁର ବାହକ ମଶା ଯେପରି ନକାମୁଡ଼େ, ସେଥିପାଇଁ ନିଜକୁ ଆବଦ୍ଧ କରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଉଛି । ବର୍ଷା ଦିନ ଆସିଲାଣି, ବିଭିନ୍ନ ସ୍ଥାନରେ ପାଣି ଜମିବା ଭଳି ପରିସ୍ଥିତି ଉପୁଜୁଥାଏ । ଏହି ସମୟରେ ମଶାମାନେ ବିଶେଷ ଭାବରେ ବଂଶ ବିସ୍ତାର କରିଥାନ୍ତି । ତେଣୁ ଏଥିପ୍ରତି ସତର୍କ ରହିବା ସହ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଏନେଇ ସମସ୍ତ ଜିଲ୍ଲା ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି । ଭୁବନେଶ୍ୱର ଓ କଟକରେ ଜନସଂଖ୍ୟା ଅଧିକ । ତେଣୁ ଆଲର୍ଟ ଅଛୁ । ଗତ ବର୍ଷ ତୁଳନାରେ ପରୀକ୍ଷା ଅଧିକ ହୋଇଛି । ତେଣୁ ଦୁଇ ଗୁଣା ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି ।’

**ଡେଙ୍ଗୁର ଇତିହାସ:** ବିଶ୍ୱରେ ବିଭିନ୍ନ ଦେଶରେ ଦେଖାଯାଉଛି ଡେଙ୍ଗୁ । ବିଶେଷ ଭାବରେ ଏହି ଡେଙ୍ଗୁ ରୋଗ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ମଧ୍ୟରେ ବ୍ୟାପିଥାଏ । ଏହି ରୋଗ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ କରିଥାଏ । ଭାରତରେ ଡେଙ୍ଗୁ ପ୍ରଥମେ ୧୭୮୦ ମସିହାରେ ଦେଖାଯାଇଥିଲା। ଯାହା ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ସହରରେ ଚିହ୍ନଟ କରାଯାଇଥିଲା ।

**ଡେଙ୍ଗୁର ଲକ୍ଷଣ:** ସାଧାରଣ ଭାବରେ ଡେଙ୍ଗୁ ରୋଗ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ସମସ୍ତ ବର୍ଗର ଲୋକଙ୍କୁ ସଂକ୍ରମିତ ହୋଇଥାଏ । ଏଡିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ ଡେଙ୍ଗୁ । ତେବେ ସୁସ୍ଥ ମଣିଷଠାରେ ପ୍ରାୟ ୪ରୁ ୧୦ ଦିନ ଭିତରେ ଲକ୍ଷଣ ଦେଖାଯାଇଥାଏ। ଶରୀରରେ ତାପମାତ୍ରା ୧୦୪ ଫାରେନ୍‌ହାଇଟ୍ ବୃଦ୍ଧି ପାଇବା ସହ ମାଂସପେଶୀ, ହାଡ଼ ଓ ଖଞ୍ଜା ଆଦିରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାସହ ଆଖିପତା ବ୍ୟଥା, ମୁଣ୍ଡବ୍ୟଥା ଆଦି ଲକ୍ଷଣ ଦେଖାଦେଇଥାଏ । ଶରୀରରେ ଲାଲ ଦାଗ ଦେଖାଦେବା ସହିତ କେତେକ ସ୍ଥଳରେ ବାନ୍ତି ହୋଇଥାଏ ।

**ଏଡିସ୍ ମଶାର ଉତ୍ପତ୍ତି ସ୍ଥାନ:** ଏଡିସ୍ ମଶାର ପ୍ରାଦୁର୍ଭାବ ସାଧାରଣତଃ ବର୍ଷା ଋତୁରେ ଦେଖାଦେଇଥାଏ । ଏଡିସ୍ ମଶା ଦୀର୍ଘ ଦିନ ଧରି ଜମି ରହିଥିବା ପାଣିରେ ବଂଶ ବିସ୍ତାର କରିଥାନ୍ତି । ଘରେ ପଡ଼ି ରହିଥିବା ଭଙ୍ଗା ଆସବାବପତ୍ର, ଅର୍ଦ୍ଧଭଙ୍ଗା ହାଣ୍ଡି, କାଚ, ନଡ଼ିଆ ଶଢ଼େଇ, ଆଇସ୍‌କ୍ରିମ ଖୋଳ, ପଥର ଖାଲ, ପୁରୁଣା ଟାଇଲରେ ବର୍ଷା ପାଣି ରହିଥିଲେ ସେହି ସ୍ଥାନରେ ଏହି ପ୍ରକାରର ମଶା ବଂଶ ବିସ୍ତାର କରିଥାଆନ୍ତି । ଡେଙ୍ଗୁ ରୋଗରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କୁ ଏକ ଏଡିସ୍ ମଶା କାମୁଡ଼ିବା ପରେ ଜଣେ ସୁସ୍ଥ ଲୋକଙ୍କୁ କାମୁଡ଼ିଲେ ଉକ୍ତ ଲୋକ ମଧ୍ୟ ଡେଙ୍ଗୁରେ ସଂକ୍ରମିତ ହେବାର ସମ୍ଭାବନା ରହିଥାଏ ।

**ଏହାର ପ୍ରତିକାର:** ଏଡିସ୍ ମଶା ଠାରୁ ଦୂରେଇ ରହିବା ପାଇଁ ଶୋଇବା ସମୟରେ ମଶାରୀ ଟାଙ୍ଗି ଶୋଇବା ଆବଶ୍ୟକ । ଶରୀରକୁ ସମ୍ପୂର୍ଣ୍ଣ ଭାବରେ ପୋଷାକ ଆଚ୍ଛାଦିତ କରି ରଖିବା ଆବଶ୍ୟକ । ଗୋଡ଼ରେ ନିମ୍ବତେଲ ଲଗାଇବା ଆବଶ୍ୟକ । ଘର ଚାରି ପାଖରେ ସଫା ସୁତୁରା ରଖିବା ଆବଶ୍ୟକ, ଯେପରି କୌଣସି ସ୍ଥାନରେ ପାଣି ଜମି ନରହିବ । ଏହାସହ ପାଣି ରଖିଥିବା ପାତ୍ର, ପାଣି ଟାଙ୍କି, କୁଲର ଇତ୍ୟାଦିକୁ ୨ରୁ ୩ ଦିନ ମଧ୍ୟରେ ଥରେ ସଫାକରି ପାଣି ବଦଳାଇବା ଆବଶ୍ୟକ । ଡେଙ୍ଗୁ ରୋଗ ଏକ ମାରାତ୍ମକ ରୋଗ । ତେଣୁ ଏହାର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହ ପରାମର୍ଶକ୍ରମେ ଔଷଧ ଖାଇବା ଆବଶ୍ୟକ ।

**ସରକାରୀ ରିପୋର୍ଟ:** ରାଜ୍ୟରେ ଡେଙ୍ଗୁ ଚିହ୍ନଟରେ ଖୋର୍ଦ୍ଧା ଜିଲ୍ଲା ଆଗରେ ରହିଛି । ପ୍ରତିଦିନ ୬/୭ ଜଣ ରୋଗୀ ଚିହ୍ନଟ ହେଉଛନ୍ତି । ପଟିଆ, ଜାଗମରାରେ ସର୍ବାଧିକ ଡେଙ୍ଗୁ ରୋଗୀ ଦେଖିବାକୁ ମିଳିଛି । ଆଇଆରସି ଭିଲେଜ୍‌ରେ ସ୍ଥିତି ସାଂଘାତିକ ରହିଛି । ବସ୍ତି, ଆପାର୍ଟମେଣ୍ଟ, ସରକାରୀ କାର୍ଯ୍ୟାଳୟ ସବୁଠି ଡେଙ୍ଗୁ ମଶାଙ୍କ ଆତଙ୍କ ଦେଖିବାକୁ ମିଳିଛି ।

ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ନିୟମିତ ମଶା ଧୂଆଁ ଦିଆହେଉନି । ମଶା ତେଲ ପଡୁନି । ବିଏମ୍‌ସି ପକ୍ଷରୁ କେବଳ ଫଟୋ ଉଠାଚାଲିଛି । ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍କୁଲରେ ସଚେତନତା କରାଯାଇଛି । ଅର୍ବାନ ମେଟ୍ରୋପଲିଟାନ୍ ସର୍ଭେଲାନ୍ସ ୟୁନିଟ୍ ପକ୍ଷରୁ ଏକ ଘରୋଇ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଡେଙ୍ଗୁ ମଶା ଲାର୍ଭା କିପରି ନଷ୍ଟ କରାଯିବ ତାହା ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଦିଆଯାଇଛି ।

# ଆଲର୍ଜି ସମସ୍ୟା ପାଇଁ ଭିଟାମିନ୍-ଇ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ

ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ। ବିଶେଷ ଭାବରେ ଏଥିରେ ତତ୍ତ୍ୱ ରହିଛି ଯାହା ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ-ଇ ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ ‘ଇ’ ପ୍ରଚୁର ମାତ୍ରାରେ ଭରି ରହିଛି।



# ୫୩ ବର୍ଷରେ ଦାଦା



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟରେ ଯେବେ 'ଦାଦା' କୁହାଯାଏ, କେବଳ ଗୋଟିଏ ନାମ ଆସେ ସେ ହେଉଛନ୍ତି ସୌରଭ ଗାଙ୍ଗୁଲି । ଭାରତର ପୂର୍ବତନ ଅଧିନାୟକ, ଚମତ୍କାର ବ୍ୟାଟ୍ସମ୍ୟାନ, ନିର୍ଭୀକ କ୍ୟାପ୍ଟେନ୍ ସୌରଭ ଗାଙ୍ଗୁଲି ୫୩ ବର୍ଷରେ ପଦାର୍ପଣ କରିଛନ୍ତି । ତାଙ୍କର ଅନେକ ରେକର୍ଡ ହୋଇଛି ଯାହାକୁ ଅନ୍ୟ କେହି ଖେଳାଳି ଭାଙ୍ଗି ପାରିନାହାନ୍ତି ।

ସୌରଭ ଗାଙ୍ଗୁଲି ଶେଷ ଥର ପାଇଁ ପଡ଼ିଆରେ ପାଦ ଦେବାର ଅନେକ ବର୍ଷ ବିତିଯାଇଛି । କିନ୍ତୁ ତାଙ୍କର ସଫଳତା ଏବେବି କ୍ରିକେଟ୍ ପ୍ରଶଂସକଙ୍କ ହୃଦୟରେ ଜୀବିତ ଅଛି । ସେ କେବଳ ରନ୍ ସ୍କୋର କରି ନ ଥିଲେ, ବରଂ ଟିମ୍ ଇଣ୍ଡିଆକୁ ପ୍ରାଧାନ୍ୟ ବିସ୍ତାର କରିବାର ସାହସ ମଧ୍ୟ ଦେଇଥିଲେ । ତାଙ୍କ ଜନ୍ମଦିନରେ ଆସନ୍ତୁ ଜାଣିବା 'ଦାଦା'ଙ୍କ ସେହି ୫ଟି ରେକର୍ଡ ଯାହା ଏବେ ବି ରହିଛି । ହୁଏତ ଭବିଷ୍ୟତରେ କେହି ଏହାକୁ ଭାଙ୍ଗିପାରିବେ ନାହିଁ । ଯେତେବେଳେ ସୌରଭ ଗାଙ୍ଗୁଲି ଏବଂ ସଚିନ୍ ତେନ୍ଦୁଲକର କ୍ରିଜ୍‌ରେ ଥିଲେ, ସେତେବେଳେ ବିପକ୍ଷ ଦଳର ବୋଲର ନାକରେ କାନ୍ଦୁଥିଲେ । ଏହି ଦୁଇ କିମ୍ବଦନ୍ତୀ ମିଶି ୧୭୬ ଇନିଂସରେ ୮,୨୨୭ ରନ୍ କରିଥିଲେ । ଏପର୍ଯ୍ୟନ୍ତ କୌଣସି ଯୋଡ଼ି ଏକଦିବସୀୟ କ୍ରିକେଟରେ ୬୦୦୦ ରନ୍ ଛୁଇଁ ନାହାନ୍ତି । ଗାଙ୍ଗୁଲି ୨୦୦୭ରେ ପାକିସ୍ତାନ ବିପକ୍ଷରେ ୨୩୯ ରନର ଇନିଂସ ଖେଳିଥିଲେ । ଏହି ଇନିଂସ ଏଯାଏ କେହି ଭାରତୀୟ ବାମହାତୀ ବ୍ୟାଟରଙ୍କ ଦ୍ୱାରା ସର୍ବୋତ୍ତମ ଟେଷ୍ଟ ସ୍କୋର । ଅନେକ ବଡ଼ ଖେଳାଳି ଆସିଛନ୍ତି ଏବଂ ଯାଇଛନ୍ତି, କିନ୍ତୁ ଏହି ରେକର୍ଡ ଆଜି ବି ଅକ୍ଷୁର୍ଣ୍ଣ ରହିଛି । ୧୯୯୭ରେ ସୌରଭ ଗାଙ୍ଗୁଲି ଏପରି କିଛି କରିଥିଲେ ଯାହା ଆଜି ପର୍ଯ୍ୟନ୍ତ କେହି କରିନାହାନ୍ତି । ସେ ଲଗାତାର ୪ଟି ଦିନିକିଆ ମ୍ୟାଚ୍‌ରେ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଟାଇଟଲ୍ ଜିତିଥିଲେ । ଏହା ଏବେବି ଏକ ବିଶ୍ୱ ରେକର୍ଡ । ଫର୍ମରେ ରହିବା ଏବଂ ଶୀର୍ଷରେ ରହିବା ଗାଙ୍ଗୁଲିଙ୍କ ବିଶେଷତ୍ୱ ଥିଲା । ଚାମ୍ପିଅନ୍ସ ଟ୍ରଫି ୨୦୦୦, ଯାହାକୁ ମିନି ବିଶ୍ୱକପ୍ ମଧ୍ୟ କୁହାଯାଏ, ଫାଇନାଲରେ ସୌରଭ ଗାଙ୍ଗୁଲି ୧୧୭ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ । ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଏହି ଇନିଂସ ଏବେ ବି ସର୍ବାଧିକ ସ୍କୋର । ଏତେ ବଡ଼ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଏମିତିକା ପ୍ରଦର୍ଶନ ବହୁତ କମ୍ ଦେଖିବାକୁ ମିଳେ । ୧୯୯୯ ବିଶ୍ୱକପରେ ସୌରଭ ଗାଙ୍ଗୁଲି ଶ୍ରୀଲଙ୍କା ବିପକ୍ଷରେ ୧୮୩ ରନ କରିଥିଲେ । ବିଶ୍ୱକପରେ ଏହି ଇନିଂସ ଏବେ ବି ଭାରତର କୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ସର୍ବାଧିକ ସ୍କୋର । ରୋହିତ, ବିରାଟ ଏବଂ ସେହ୍ୱାଗଙ୍କ ଭଳି ମହାନ୍ ଖେଳାଳିଙ୍କ ସତ୍ତ୍ୱେ, ଗାଙ୍ଗୁଲିଙ୍କ ରେକର୍ଡ ଏବେବି ଅତୁଟ ରହିଛି ।





## ୟୁନେକ୍ସ ସନରାଇଜ ସିନିୟର ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍

# ଭାଗ ନେଲେ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ଼ମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବାଦ୍ୱାରା ସର୍ବ ଭାରତୀୟ ସ୍ତରରେ ବ୍ୟାଡ଼ମିଣ୍ଟନ ଖେଳାଳିମାନେ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହିତ ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରୁଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ଼ମିଣ୍ଟନ ର୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ, ଡ଼ବଲ୍ସ, ମିକ୍ସଡ଼ ଡ଼ବଲ୍ସ ଆଦି କ୍ୟାଟାଗୋରୀରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ଜୁଲାଇ ୮ ତାରିଖ ଠାରୁ ଆରମ୍ଭ ହୋଇ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ବଢ଼ିଲା ଆଇପିଏଲ୍‌ର ଭାଲ୍ୟୁଏସନ : ଶୀର୍ଷରେ ଆରସିବି



**ମୁମ୍ବାଇ**

ଭାରତୀୟ ପ୍ରିମିୟର ଲିଗ୍ (ଆଇପିଏଲ)ର ବ୍ୟବସାୟିକ ମୂଲ୍ୟ ୧୨.୯ ପ୍ରତିଶତ ବୃଦ୍ଧି ପାଇ ୧୮.୫ ବିଲିୟନ ଡଲାର (ପ୍ରାୟ ୧.୫୬ ଟ୍ରିଲିୟନ ଟଙ୍କା)ରେ ପହଞ୍ଚିଛି ବୋଲି ବିଶ୍ୱସ୍ତରୀୟ ନିବେଶ ବ୍ୟାଙ୍କ ହୌଲିହାନ ଲୋକେଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ରିପୋର୍ଟ ଅନୁଯାୟୀ, ଆଇପିଏଲର ସ୍ୱତନ୍ତ୍ର ବ୍ରାଣ୍ଡ ମୂଲ୍ୟ ଗତ ବର୍ଷ ତୁଳନାରେ ୧୩.୮ ପ୍ରତିଶତ ବୃଦ୍ଧି ପାଇ ୩.୯ ବିଲିୟନ ଡଲାର (ପ୍ରାୟ ୩୨,୭୨୧ କୋଟି ଟଙ୍କା)ରେ ପହଞ୍ଚିଛି ।

ରିପୋର୍ଟରେ ଆଇପିଏଲର ବୃଦ୍ଧି ପାଉଥିବା ଆକର୍ଷଣ ଉପରେ ଜୋର ଦିଆଯାଇଛି । ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଚାରୋଟି ସହଯୋଗୀ ପ୍ରାୟୋଜକ ସ୍ଲଟ ବିକ୍ରି କରି ୧,୪୮୫ କୋଟି ଟଙ୍କା ଆୟ କରିଛି, ଯାହା ପୂର୍ବ ଚକ୍ର ତୁଳନାରେ ୨୫ ପ୍ରତିଶତ ଅଧିକ । ଏହା ସହିତ ଟାଟା ଗ୍ରୁପ୍ ସହିତ ୨୦୨୮ ପର୍ଯ୍ୟନ୍ତ ପାଞ୍ଚ ବର୍ଷିଆ ଟାଇଟଲ ପ୍ରାୟୋଜକ ଚୁକ୍ତି ୩୦୦ ମିଲିୟନ ଡଲାର (ପ୍ରାୟ ୨,୫୦୦ କୋଟି ଟଙ୍କା)ରେ ସମ୍ପ୍ରସାରିତ ହୋଇଛି ।

ଫ୍ରାଞ୍ଚାଇଜି ମୂଲ୍ୟାୟନ କ୍ଷେତ୍ରରେ, ୨୦୨୫ର ଚାମ୍ପିୟନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୨୬୯ ମିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ଶୀର୍ଷ ସ୍ଥାନ ଦଖଲ କରିଛି, ଯାହା ଗତ ବର୍ଷ ୨୨୭ ମିଲିୟନ ଡଲାର ଥିଲା । ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ୨୦୪ ମିଲିୟନ ଡଲାରରୁ ୨୪୨ ମିଲିୟନ ଡଲାର ହୋଇ ଦ୍ୱିତୀୟ ସ୍ଥାନରେ ରହିଛି । କିନ୍ତୁ, ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ୨୩୫ ମିଲିୟନ ଡଲାର ବ୍ରାଣ୍ଡ ମୂଲ୍ୟ ସହ ତୃତୀୟ ସ୍ଥାନକୁ ଖସି ଆସିଛି । ରିପୋର୍ଟ ଅନୁଯାୟୀ, ପଞ୍ଜାବ କିଙ୍ଗ୍ସ (ପିବିକେଏସ) ଗତ ବର୍ଷ ତୁଳନାରେ ୩୯.୬ ପ୍ରତିଶତ ବୃଦ୍ଧି ସହ ସର୍ବାଧିକ ବାର୍ଷିକ ବୃଦ୍ଧି ହାସଲ କରିଛି ।

ଦର୍ଶକ ସଂଖ୍ୟା କ୍ଷେତ୍ରରେ, ୨୦୨୫ ଆଇପିଏଲ ଫାଇନାଲ ଜିଓ ହଟଷ୍ଟାରରେ ୬୭.୮ କୋଟିରୁ ଅଧିକ ଭ୍ୟୁ ରେକର୍ଡ କରିଛି, ଯାହା ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମ୍ୟାଚ୍‌ଠାରୁ ଅଧିକ ।

ହୌଲିହାନ ଲୋକେଙ୍କ ଆର୍ଥିକ ଓ ମୂଲ୍ୟାୟନ ପରାମର୍ଶ ନିର୍ଦ୍ଦେଶକ ହର୍ଷ ତାଲିକୋଟି କହିଛନ୍ତି, "ଆଇପିଏଲ କ୍ରୀଡ଼ା ବ୍ୟବସାୟରେ ମାନଦଣ୍ଡ ସ୍ଥାପନ କରୁଛି । ଫ୍ରାଞ୍ଚାଇଜି ମୂଲ୍ୟାୟନ ଅଭୂତପୂର୍ବ ଉଚ୍ଚତାରେ ପହଞ୍ଚିଛି, ମିଡିଆ ଅଧିକାର ଚୁକ୍ତି ରେକର୍ଡ ସ୍ତରରେ ରହିଛି ଏବଂ ବ୍ରାଣ୍ଡ ସହଭାଗିତା ବିଭିନ୍ନ କ୍ଷେତ୍ରରେ ବିସ୍ତାରିତ ହୋଇଛି ।" ଆଇପିଏଲ ୨୦୨୫ର ଏହି ସଫଳତା ଏହାର ବିଶ୍ୱସ୍ତରୀୟ କ୍ରୀଡ଼ା ବ୍ୟବସାୟ ଭାବେ ସ୍ଥିତିକୁ ଆହୁରି ଦୃଢ଼ କରିଛି ।

# ୧୦ରୁ ତୃତୀୟ ଟେଷ୍ଟ : ଖେଳିବେ ବୁମ୍‌ରା, ବାଦ୍‌ପଡ଼ିପାରନ୍ତି ପ୍ରସିଦ୍ଧ କ୍ରିଷ୍ଣା

**ବର୍ମିଂହାମ୍**



ଏଜ୍‌ବାଷ୍ଟନରେ ବିଜୟୀ ହେବା ସତ୍ତ୍ୱେ, ଭାରତର ପ୍ଲେଇଂ ୧୧ରେ ଗୋଟିଏ ପରିବର୍ତ୍ତନ ନିଶ୍ଚିତ ହୋଇଛି । କାରଣ ଶୁବମନ ଗିଲ ନିଶ୍ଚିତ କରିଛନ୍ତି ଯେ, ଜସ୍‌ପ୍ରିତ ବୁମ୍‌ରା ଲର୍ଡସରେ ଖେଳିବେ । ବୁମ୍‌ରା ଦ୍ୱିତୀୟ ଟେଷ୍ଟରେ ଖେଳି ନ ଥିଲେ, ତାଙ୍କ ସ୍ଥାନରେ ଆକାଶ ଦୀପଙ୍କୁ ସୁଯୋଗ ମିଳିଥିଲା । ତୃତୀୟ ଟେଷ୍ଟ ୧୦ ଜୁଲାଇରୁ ଖେଳାଯିବାକୁ ଅଛି । ବୁମ୍‌ରା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ମୋଟ ୩ ଟେଷ୍ଟ ଖେଳିବେ, ସେ ଲିଡ୍ସରେ ପ୍ରଥମ ଟେଷ୍ଟ ଖେଳିଥିଲେ । ସେ ଏଥିରେ ଏକମାତ୍ର ପ୍ରଭାବଶାଳୀ ବୋଲର ଥିଲେ, ଯଦିଓ ଭାରତ ସେହି ମ୍ୟାଚ୍ ୫ ୱିକେଟରେ ହାରିଥିଲା । ଏହା ପରେ ବୁମ୍‌ରା ଏଜବାଷ୍ଟନରେ ଖେଳି ନ ଥିଲେ, ତାଙ୍କ ସମେତ ମୋଟ ୩ ଖେଳାଳିଙ୍କୁ ପ୍ଲେଇଂ ୧୧ରୁ ବାଦ୍ ଦିଆଯାଇଥିଲା । ଆକାଶ ଦୀପ, ୱାଶିଂଟନ ସୁନ୍ଦର ଏବଂ ନୀତିଶ କୁମାର ରେଡ୍ଡି ଖେଳାଯାଇଥିଲା । ଭାରତ ଏହି ଟେଷ୍ଟକୁ ୩୩୬ ରନରେ ଜିତିଥିଲା ।

ଗିଲଙ୍କୁ ଏଜବାଷ୍ଟନରେ ପ୍ଲେୟାର ଅଫ ଦି ମ୍ୟାଚ୍ ମନୋନୀତ କରାଯାଇଥିଲା, ସେ ପ୍ରଥମ ଇନିଂସରେ ୨୬୯ ରନ ଏବଂ ଦ୍ୱିତୀୟ ଇନିଂସରେ ୧୬୧ ରନ କରିଥିଲେ । ସେ ମୋଟ ୪୩୦ ରନ କରି ଇତିହାସ ସୃଷ୍ଟି କରିଥିଲେ, ସେ ଭାରତ ପାଇଁ ଏକ ଟେଷ୍ଟରେ ୪୦୦ ରନ କରିଥିବା ପ୍ରଥମ ଖେଳାଳି ହୋଇଥିଲେ । ଏହି ଐତିହାସିକ ଇନିଂସ ପାଇଁ ଅଧିନାୟକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ କରାଯାଇଥିଲା ।

ମ୍ୟାଚ୍ ପରେ, ତାଙ୍କୁ ପଚରାଯାଇଥିଲା ଯେ ଜସ୍‌ପ୍ରିତ ବୁମ୍‌ରା ତୃତୀୟ ଟେଷ୍ଟରେ ଖେଳିବେ କି ? ଗିଲ ଗୋଟିଏ ଶବ୍ଦରେ ଉତ୍ତର ଦେଇଥିଲେ, ଏକଦମ୍ ।

ଅବଶ୍ୟ ତାଙ୍କ ସ୍ଥାନରେ ଆକାଶ ଦୀପଙ୍କୁ ଦଳରେ ସାମିଲ କରାଯାଇଥିଲା କିନ୍ତୁ ଏବେ ତାଙ୍କୁ ବାଦ୍ ଦେବା ବହୁତ କଷ୍ଟକର । ସେ ଏଜବାଷ୍ଟନରେ ବିଜୟର ହିରୋ ମଧ୍ୟ ଥିଲେ, ସେ ଉଭୟ ଇନିଂସରେ ମୋଟ ୧୦ (୪+୬) ଉଇକେଟ ନେଇଥିଲେ । ସେ ଇଂଲଣ୍ଡର ଟପ୍ ଅର୍ଡରକୁ ନଷ୍ଟ କରିଦେଇଥିଲେ ।

ଗତ ୨ ଟେଷ୍ଟରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରଦର୍ଶନ ଭଲ ନ ଥିଲା, ସେ ବହୁତ ମହଙ୍ଗା ମଧ୍ୟ ପ୍ରମାଣିତ ହେଉଛନ୍ତି । ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ସେ ପ୍ରତି ଓଭରରେ ୬ ରୁ ଅଧିକ ରନ ଦେଇଥିଲେ । ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ତାଙ୍କର ଇକୋନୋମି ରେଟ୍ ମଧ୍ୟ ୫.୫୪ ଥିଲା । ସେ ଦୁଇଟି ଟେଷ୍ଟରେ ମୋଟ ୬ ଉଇକେଟ ନେଇଛନ୍ତି । ଏଣୁ ବୁମ୍‌ରାଙ୍କ ସ୍ଥାନରେ ଲର୍ଡସରେ ସେ ପ୍ଲେଇଂ ୧୧ରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି ।

# ପାରା ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ ଜିତିଲେ ଆକାଶ

**ଭବାନୀପାଟଣା**



ଉଗାଣ୍ଡାଠାରେ ଗତ ଜୁଲାଇ ପହିଲାରୁ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୦ ଦେଶର ଶହେ ଜଣ ଖେଳାଳି ଭାଗ ନେଇଥିଲେ । ସେଥିମଧ୍ୟରୁ ଭାରତ ପାଇଁ ପ୍ରତିନିଧିତ୍ୱ କରି କଳାହାଣ୍ଡିର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ଅସୁସ୍ଥତା ହୋଇ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ଚମକିଛନ୍ତି । ସେ ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି । ଏହି ସଫଳତା ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଯୌନ ଶୋଷଣ ମାମଲାରେ ଫସିଲେ ଆରସିବିର ଦ୍ରୁତ ବୋଲର ଯଶ ଦୟାଲ

**ନୂଆଦିଲ୍ଲୀ**



ଗାଜିଆବାଦର ଜଣେ ମହିଳା ଉତ୍ତର ପ୍ରଦେଶ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦ୍ରୁତ ବୋଲର ଯଶ ଦୟାଲଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଏହା ଏକ ସାଧାରଣ ଅଭିଯୋଗ ନୁହେଁ, ବରଂ ଭାବପ୍ରବଣ ଠକେଇ, ମାନସିକ ନିର୍ଯାତନା, ଯୌନ ଶୋଷଣ ଏବଂ ବିବାହର ମିଥ୍ୟା ପ୍ରତିଶ୍ରୁତି ଭଳି ଅଭିଯୋଗ, ଯାହା ଏବେ ଆଇନର ଯାଞ୍ଚ ଅଧୀନରେ ଅଛି । ଗାଜିଆବାଦର ଇନ୍ଦିରାପୁରମ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଭିଯୋଗ ଉପରେ ଏକ ଏଫଆଇଆର ମଧ୍ୟ ରୁଜୁ କରାଯାଇଛି ।

ଗାଜିଆବାଦର ବାସିନ୍ଦା ପୀଡ଼ିତା ଦାବି କରିଛନ୍ତି ଯେ ସେ ଗତ ପାଞ୍ଚ ବର୍ଷ ଧରି ଯଶ ଦୟାଲଙ୍କ ସହ ସମ୍ପର୍କରେ ଥିଲେ । ଏହି ପାଞ୍ଚ ବର୍ଷ ମଧ୍ୟରେ, ସେ କେବଳ ଯଶ ଦୟାଲଙ୍କୁ ନୁହେଁ ବରଂ ତାଙ୍କ ସମଗ୍ର ପରିବାରକୁ ବିଶ୍ୱାସ କରିଥିଲେ, କାରଣ ଯଶ ତାଙ୍କୁ ତାଙ୍କ ପରିବାର ସହିତ ପରିଚିତ କରାଇଥିଲେ ଏବଂ ପରିବାର ତାଙ୍କୁ 'ବୋହୂ' ଭାବରେ ମଧ୍ୟ ଗ୍ରହଣ କରିଥିଲେ । ଏସବୁ ସ୍ୱପ୍ନ ପରି ମନେ ହେଉଥିଲା, କିନ୍ତୁ ହୁଏତ ଏହା ସ୍ୱପ୍ନ ନୁହେଁ, ବରଂ ଏକ ମିଥ୍ୟା ପ୍ରତିଶ୍ରୁତି ଥିଲା

ଏଫଆଇଆର ଅନୁଯାୟୀ, 'ସେହି ବ୍ୟକ୍ତି ମୋତେ ଭାବପ୍ରବଣ, ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଇଥିଲେ । ସେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବର୍ଷ ବର୍ଷ ଧରି ମୋ ସହିତ ସମ୍ପର୍କ ରଖିଥିଲେ ଏବଂ ସ୍ୱାମୀ ପରି ବ୍ୟବହାର କରୁଥିଲେ, ଯାହା ମୋର ବିଶ୍ୱାସକୁ ଆହୁରି ଗଭୀର କରିଥିଲା ।'

ମହିଳା ଜଣକ ଅନୁଭବ କଲେ ଯେ ଏସବୁ ମିଥ୍ୟା ପ୍ରତିଶ୍ରୁତି ଥିଲା, ତା'ପରେ ସେ ପ୍ରତିବାଦ କଲେ ଏବଂ ସତ୍ୟ ଜାଣିବାକୁ ଚେଷ୍ଟା କଲେ । ତା'ପରେ ତାଙ୍କୁ ଶାରୀରିକ ହିଂସା ଏବଂ ମାନସିକ ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଲା । ପୀଡ଼ିତା ଯଶଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଏବଂ ଦାବି କରିଛନ୍ତି ଯେ କ୍ରିକେଟରଙ୍କର ଅନ୍ୟ ଅନେକ ମହିଳାଙ୍କ ସହିତ ମଧ୍ୟ ସମ୍ପର୍କ ରହିଛି । ଯୁବତୀ ଜଣକ କହିଛନ୍ତି ଯେ ତାଙ୍କ ପାଖରେ ଯଶଙ୍କ ବିରୁଦ୍ଧରେ ଯଥେଷ୍ଟ ଡିଜିଟାଲ ପ୍ରମାଣ ଅଛି, ଯେଉଁଥିରେ ଚାଟ, ସ୍କ୍ରିନସଟ୍ ଏବଂ ଭିଡିଓ କଲର ରେକର୍ଡିଂ ଅନ୍ତର୍ଭୁକ୍ତ । ପୀଡ଼ିତା ଏହା ମଧ୍ୟ କହିଛନ୍ତି ଯେ ଏହି ପ୍ରମାଣ ଗୁଡ଼ିକ ତାଙ୍କର ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରମାଣିତ କରିପାରିବ ଏବଂ ତଦନ୍ତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ ।

ସୂଚନାଯୋଗ୍ୟ, ମହିଳା ଜଣକ ଜୁନ ୧୪ରେ ମହିଳା ହେଲ୍ପଲାଇନ ନମ୍ବର ୧୮୧କୁ ଫୋନ କରିଥିଲେ, କିନ୍ତୁ ସ୍ଥାନୀୟ ପୋଲିସ ଷ୍ଟେସନରେ ତାଙ୍କ ମାମଲା ଆଗକୁ ବଢ଼ିପାରିଲା ନାହିଁ । ଏହା ପରେ, ତାଙ୍କୁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାକୁ ବାଧ କରାଯାଇଥିଲା ।

ଏହି ସମ୍ପୂର୍ଣ୍ଣ ମାମଲାରେ, ଭାରତୀୟ ନ୍ୟାୟ ସଂହିତାର ଧାରା ୬୯ ଅନୁଯାୟୀ ଯଶ ଦୟାଲଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି । ଏହି ଧାରା ମିଥ୍ୟା ପ୍ରତିଶ୍ରୁତି ଉପରେ ଆଧାରିତ ଯୌନ ଶୋଷଣ ଏବଂ ଠକେଇକୁ ଅପରାଧ ବର୍ଗରେ ରଖେ । ଯଦି ଅଭିଯୋଗ ପ୍ରମାଣିତ ହୁଏ, ତେବେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ଅଛି ।

GOVT. OF ODISHA
OFFICE OF THE ENGINEER-IN-CHIEF, WATER RESOURCES
ODISHA, BHUBANESWAR
A-374

'e' Procurement Notice No.CEMKS 05 OF 2025-26

1. Name of the work : Restoration to Bhargavi right embankment from RD 28.00km to 33.00km from village Rathapurusottampur to Balapur.
2. Amount put to Tender : Rs. 9,24,42,370.00
3. Bid Document Cost : Rs. 10, 000.00 (online)
4. E.M.D : Rs. 9,24,430.00
5. Class of Contractor : "Special" Class & "A" Class
6. Period of Completion : 12 calendar months (365 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS PURI 02 of 2025-26 | 09.07.2025 10.00hrs | 24.07.2025 17.00hrs | 25.07.2025 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in

Sd/- Chief Engineer & Basin Manager
Mahanadi Kathajodi System
Bhubaneswar

OIPR-32252/11/0010/2526

ODISHA LIFT IRRIGATION CORPORATION LTD
CAD-993
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195,
Fax: : (0674)2395844
E-mail : olicltd123@bsnl.com
olicltd@ymail.com

No. 4P-16/2025, 5371 /OLIC, Dated: 03.07.2025

NATIONAL COMPETITIVE BIDDING THROUGH e-Procurement

The Managing Director ,OLIC Ltd.,Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufactures as per the schedule.

| Sl. No. | Tender Specifica -tion No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-03(E) 2025-26 | Submersible Pump set to deliver 1.75 LPS at 100 Mtr. Head | 1000 | 479.230 | 4.79230 | 11,800/- (inclusive of 18% GST) |

1. Period of Completion :- 60 days of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt.18.07.2025 upto17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer Inviting Bid:- M.D , OLIC,. Plot No. N- 17/2, Nayapalli,P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof

OIPR-32135/11/0048/2526 Sd/- MANAGING DIRECTOR

CUTTACK MUNICIPALITY CORPORATION
"e" PROCUREMENT NOTICE
C-629

Tender Call Notice No.8170 (PW) Date.07.07.2025
Tender ID : 2025_ORULB_114240

Bid Value : Rs.5.65 Lakhs to Rs.43.65 Lakhs
Date and Time schedule: One Calendar Month to Three Calendar Month

| Start | End | Opening |
|---|---|---|
| 11.00 AM on dt. 10.07.2025 | 5.00 PM on dt.19.07.2025 | 11:00 A.M. on dt.23.07.2025 |

Tender Details : can be seen from the procurement portal: www.tendersorissa.gov.in

Sd/- Executive Engineer
City Division-III, CMC

OIPR-13031/11/0194/2526

GOVERNMENT OF ODISHA
E-Mail:-ori-khandapada@nic,in
OFFICE OF THE BLOCK DEVELOPMENT OFFICER,
PANCHAYAT SAMITI, KHANDAPADA
P.R & D.W DEPARTMENT
i-197

"e" Procurement Tender Call Notice for Building works
Tender Call Notice No. & Bid Identification No- Online Tender / 01 / 2025-26

1. Name of the work : Building works.
2. Total Number of works : 3 Nos
3. Approx. Estimated cost : Rs. 25.93 lakh
4. Class of Contractor : B & C Class of Contractor
5. Period of Completion : 6 months
6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Khandapada | Online Tender / 01/2025-26 | Dt. 11.07.2025 at 10:00 A.M. | Dt. 25.07.2025 up to 5.00 P.M. | Dt. 25.07.2025 up to 1.00 P.M | Dt. 28.07.2025 at 11.00 A.M. |

Further details can be seen from the website www.tendersodisha.gov.in

Sd/- Block Development Officer
Khandapada

OIPR-19151/11/0006/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁଲାଇ ୨୦୨୫ ବୁଧବାର





# ସୁନ୍ଦରଗଡରେ କଲ୍ୟାଣକାରୀ ପ୍ରକଳ୍ପର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ ଜୁଏଲ




**ରାଉରକେଲା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସୁନ୍ଦରଗଡ ଗସ୍ତରେ ଆସି ବିଭିନ୍ନ ଜନ କଲ୍ୟାଣକାରୀ ପ୍ରକଳ୍ପର ଉଦ୍ଘାଟନ କରିବା ସହିତ ସ୍ୱଚ୍ଛ ସୁନ୍ଦରଗଡ ମୋବାଇଲ ଆପ୍‌ର ଶୁଭାରମ୍ଭ କରିଥିଲେ । ଏହା ସହିତ ଜିଲ୍ଲାରେ ପିଏମ ଜନମନ ଓ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଅଗ୍ରଗତି ସମୀକ୍ଷା କରିଥିଲେ । ଜୁଏଲ ଓରାମଙ୍କ ସହିତ ଏହି ଗସ୍ତରେ ମାନ୍ୟବର ଉପବାଚସ୍ପତି, ଓଡିଶା ବିଧାନସଭା ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ । ସକାଳେ ଶ୍ରୀଯୁକ୍ତ ଓରାମ ପ୍ରଥମେ କେନ୍ଦ୍ରୀୟ ବିଦ୍ୟାଳୟର ପରିସରରେ ଅଭିଭାବକମାନଙ୍କ ପାଇଁ ଅପେକ୍ଷା ଗୃହର ଉଦ୍ଘାଟନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ସହିତ ମିଶି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି । ଏହା ପରେ ପରେ ସେ ସୁନ୍ଦରଗଡ ମ୍ୟୁନିସିପାଲିଟିର ୱାର୍ଡ ନମ୍ବର ୯ ସ୍ଥିତ ଆରଏଚଏସ କୋଲୋନି ଠାରେ ନବ ନିର୍ମିତ ବହୁମୁଖୀ ଭବନର ଉଦଘାଟନ କରିଥିଲେ । ୩୬୫.୨୬ ଲକ୍ଷ ବ୍ୟୟରେ ନିର୍ମିତ ଏହି ବହୁମୁଖୀ ଭବନ ଜନ ସାଧାରଣଙ୍କ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଇପାରିବ ଏହି ଭବନରେ ଏକା ସହିତ ୫୦୦ ଲୋକ ବସିବାର ବ୍ୟବସ୍ଥା ରହିଛି । ସେହିପରି ୱାର୍ଡ ନମ୍ବର ୧୬ ରେ ମଧ୍ୟ ନବ ନିର୍ମିତ ବହୁମୁଖୀ ଭବନର ଉଦଘାଟନ କରିଥିଲେ । ଏହା ବ୍ୟତୀତ ଶ୍ରୀ ଓରାମ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାରେ ପିଏମ ଜନମନ ଓ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ର ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମନୋଜ ମହାଜନ ଜିଲ୍ଲାରେ ହେଉଥିବା ଉନ୍ନୟନ କାର୍ଯ୍ୟ, ବିଭିନ୍ନ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ । ସୂଚନା ଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ୧୭ଟି ବ୍ଲକର ୮୧୨ଟି ଗ୍ରାମରେ କାର୍ଯ୍ୟକାରୀ ହେବା ବେଳେ ପିଏମ ଜନମନ ଲହୁଣୀପଡା ବ୍ଲକର ୯ ଟି ଗ୍ରାମ ପଂଚାୟତର ୫୨ ଗ୍ରାମରେ ଏହାର କାର୍ଯ୍ୟକାରୀ କରାଯାଉଛି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ ଗ୍ରାମର କିମ୍ବା ଜିଲ୍ଲା ବା ରାଜ୍ୟର ବିକାଶ ପାଇଁ ନାଗରିକଙ୍କର ସହାୟତା-ସହଭାଗିତାର ଆବଶ୍ୟକ ରହିଛି । କୌଣସି ଅଂଚଳର ବିକାଶ କେବଳ ପ୍ରଶାସନର ଦାୟୀତ୍ୱ ନୁହେଁ ଏହା ପାଇଁ ସଚେତନ ନାଗରିକ ର ଭୂମିକା ମଧ୍ୟ ସମାନ ରହିଛି । ସମସ୍ତଙ୍କ ମିଳିତ ପ୍ରୟାସରେ ହିଁ ବିକାଶ ସମ୍ଭବ । ଏହି ଅବସରରେ ସେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛ ସୁନ୍ଦରଗଡ ମୋବାଇଲ ଆପ୍‌ର ଉନ୍ମୋଚନ କରିଥିଲେ । ଜିଲ୍ଲାର ଗ୍ରାମୀଣ ଅଞ୍ଚଳରେ ମଇଳା ସଂଗ୍ରହ କରିବା ବା ପରିଚାଳନା ଦିଗରେ ଏହା ସହାୟକ ହେବ । ଆପ୍‌ରେ ସ୍ୱଚ୍ଛ ସାଥୀ ମାନଙ୍କ ଯୋଗାଯୋଗ ନମ୍ବର ରହିବା ସହିତ ପରିମଳ ବ୍ୟବସ୍ଥାକୁ ମଜବୁତ କରିବାରେ ସହାୟକ ହେବ । ଏହା ବ୍ୟତୀତ ସେ ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ ଡିଏମଏଫ ପକ୍ଷରୁ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୪ଟି ବସ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି । ସ୍ୱଚ୍ଛସାଥୀମାନଙ୍କୁ ମଧ୍ୟ ମଇଳା ସଂଗ୍ରହ କରିବା ପାଇଁ ବାହନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରାଞ୍ଚଳ ଅଧକ୍ଷା ତନୟା ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, କେନ୍ଦ୍ର ମନ୍ତ୍ରୀଙ୍କ ସେକ୍ରେଟାରୀ ଅମିତ କୁମାର, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଡିଏଫଓ ଖୁସବନ୍ତ ସିଂହ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିସ ଫାବୀ ରସିଦ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଆଦିତ୍ୟ ଆଲୁମିନିୟମର ପ୍ରତିଭା ସମ୍ମାନ : ୨୩ ଜଣ ଛାତ୍ର ଛାତ୍ରୀ ସମ୍ମାନିତ



ରେଙ୍ଗାଲି, ନ୍ୟୁଜ ବ୍ୟୁରୋ

ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମରେ ମାଟ୍ରିକ ରେ ୭୦%ରୁ ଅଧିକ ମାର୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସାମୁହିକ ପ୍ରତିଭା ସମ୍ମାନ କାର୍ଯକ୍ରମ ରେ ଉଚ୍ଚ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସମୁଦାୟ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଗୋଟି ଲେଖାଏ ଟ୍ୟାବ୍ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯକ୍ରମଟି ଆଦିତ୍ୟ ଆଲୁମିନିୟମ ସ୍ଥିତ କ୍ଲବ ହାଉସ ରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ କିରଣ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ୍, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ମୋନିକା ବହିଦାର, ୮ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ, ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ଶିକ୍ଷାର ପ୍ରସାର ଏବଂ ଭିତି ଭୂମି ଉପରେ ଆଲୋଚନା କରି ଗୁଣାତ୍ମକ ଶିକ୍ଷାକୁ ସ୍ଥାନୀୟ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରବର୍ତ୍ତାଇ ଥିଲେ । ଏହା ସହିତ ମାନବ ସମ୍ବଳର ମୁଖ୍ୟ ବିନୋଦା ନନ୍ଦ ଠାକୁର କହିଥିଲେ ଯେ ନୂତନ ଶିକ୍ଷା ପ୍ରଣାଳୀ ଅନୁଯାୟୀ ଡିଜିଟାଲ ଶିକ୍ଷାକୁ କିପରି ଆହୁରି ସମୃଦ୍ଧ କରିବା ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ । ତତ୍ ସଙ୍ଗେ ସଙ୍ଗେ ସମସ୍ତ ଅଭିଭାବ ମାନଙ୍କର ମନବଳ ବଢ଼ାଇଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ରବି ନିୱାଶ ତାଙ୍କର ବକ୍ତବ୍ୟରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଭଲ କ୍ୟାରିୟର ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ କାରଖାନାର ଅଧିକାରୀ ଗୁଲସନ୍ ତିୱାରୀ, ରଞ୍ଜିତ୍ କୁମାର, ରଜତ୍ ମଜୁମଦାର, ମନୋଜ ଶର୍ମା, ଶୁଭେନ୍ଦୁ ବିଶ୍ୱାସ, ହେମ ରଞ୍ଜନ ପଟ୍ଟନାୟକ, ମଧୁସୂଦନ ଜେନା ଓ ନୀଳମାଧବ ପତି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ପରିଶେଷରେ ସମସ୍ତ ଅଭିଭାବମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯକ୍ରମଟି ସି.ଏସ. ଅର୍ ବିଭାଗ ଦ୍ୱାରା କରାଯାଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମନୋରଂଜନ ବେହେରା ଓ ସି.ଏସ.ଆର ଟିମ୍ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୋଡାକୁ ଘୋଡା...

ଏଭଳି ପବିତ୍ର ଶୁଭ ଅବସରରେ ରାଜ୍ୟର ସଭାପତି ଭାବେ ମନମୋହନ ସାମଲ ଚତୁର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି । ଯେତେବେଳେ ବିଜେପି ପାଇଁ ମନମୋହନ କାମ କରିଛନ୍ତି, ଦଳ ପାଇଁ ଶୁଭ ସଙ୍କେତ ଆସିଛି । ମେଣ୍ଟ ସରକାର ସମୟରେ ନେତୃତ୍ୱ ନେଉଥିଲେ ମନମୋହନ ସାମଲ । ୨୦୨୪ ରେ ମଧ୍ୟ ମନମୋହନ ସାମଲଙ୍କ ନେତୃତ୍ୱରେ ଓଡ଼ିଶାର ଲୋକଙ୍କ ସମର୍ଥନ ହାସଲ କରି ସରକାରକୁ ଆସିଲା ବିଜେପି । ସମୟ ବଡ଼ ବଳବାନ । ଏଭଳି ଏକ ସମୟ ଆସିଲା, ବିଜେପି ଡବଲ ଇଞ୍ଜିନ ସରକାର ଆସିଲା । ବିରୋଧୀ ଦଳ ଉଦ୍ଦେଶ୍ୟରେ ପ୍ରଶ୍ନ କଲେ ମୁଖ୍ୟମନ୍ତ୍ରୀ, ସେମାନେ ଦେଖନ୍ତୁ ଆଜି ଡବଲ ଇଞ୍ଜିନ ସରକାର ଆସିଛି । ସେହି ୨୦୦୦ ମସିହାରେ ବିଜେପି-ବିଜେଡ଼ି ମେଣ୍ଟ ସରକାର ସରକାରକୁ ଆସିଥିଲା । ସେହି ମନମୋହନ ସାମଲଙ୍କ ନେତୃତ୍ୱରେ ଲୋକସେବା ଭବନରେ ବିଜେପିର ଝଣ୍ଡା ଉଡ଼ିଲା । ଏଥର ୨୧ରୁ ୨୦ ସାଂସଦ ଜିତିଛନ୍ତି । ମନମୋହନ ସାମଲଙ୍କ ନେତୃତ୍ୱରେ ଅସମ୍ଭବ ବି ସମ୍ଭବ ହୋଇଛି । ମନମୋହନଙ୍କ ନେତୃତ୍ୱରେ ହିଁ ସମୃଦ୍ଧ ଓଡିଶା ହେବ । ଛାତ୍ର ରାଜନୀତିରୁ ପୋଷ୍ଟର ଲଗାଇବା ଠାରୁ ଆରମ୍ଭ କରି ମନ୍ତ୍ରୀ, ସଭାପତି, ସାଂସଦ ଭଳି ବିଭିନ୍ନ ପଦବୀରେ ରହିଛନ୍ତି । ବିଜେପିରେ ଚତୁର୍ଥ ଥର ପାଇଁ ସଭାପତି ହୋଇ ଇତିହାସ ରଚିଛନ୍ତି ମନମୋହନ । ୯୦ ଦଶକରେ ବିରୋଧୀ ବିଜେପିକୁ ସାଇନ୍ ବୋର୍ଡ ପାର୍ଟି କହୁଥିଲେ । ବିଜେପିକୁ ଅପମାନ କରାଯାଉଥିଲା । ସରକାରକୁ ଗୋଟେ ବର୍ଷ ପୂରଣ ହୋଇଛି । ସଂକଳ୍ପ ପତ୍ର ପ୍ରତିଶ୍ରୁତି ଅନୁସାରେ ଅନେକ କାମ କରିଛି ବିଜେପି ସରକାର । କେନ୍ଦୁଝରେ ଜିଲ୍ଲା ଆଦିବାସୀ ଗାଁ ରାଇକଳାରୁ ଆସିଥିବା ଆଦିବାସୀ ପୁଅକୁ ଆଜି ଏହି ଦଳ ମୁଖ୍ୟମନ୍ତ୍ରୀ ଆସନରେ ବସାଇଛି ।

### ଦଳ ସରକାରଙ୍କ...

କରି ଲୋକଙ୍କୁ ସେବା ଯୋଗାଇଦେଇ ପାରୁଛୁ । ଆମ ସରକାରଙ୍କ ପାଇଁ ଓଡ଼ିଶାରେ ଆଜି ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି । ବିଜେପି ସରକାର ପାଇଁ ଆଜି ଓଡ଼ିଶାର ଚିତ୍ର ବଦଳୁଛି । ଓଡ଼ିଶାବାସୀଙ୍କ ସେବା ପାଇଁ ସରକାରଙ୍କ ସହ ଦଳ ଖୁଣ୍ଟ ଭାବେ ଛିଡା ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଭାବେ ୪ର୍ଥ ଥର ପାଇଁ ଦାୟିତ୍ୱ ଗ୍ରହଣ ଅବସରରେ ମନମୋହନ ସାମଲ ଏପରି କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ୨୦୩୬ରେ ସମୃଦ୍ଧ ଓଡିଶା, ୨୦୪୭ରେ ବିକଶିତ ଭାରତ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ଏଥିରେ ଓଡ଼ିଶାର ସବୁଠାରୁ ଅଧିକ ଅବଦାନ ରହିବ । ବିଜେପି ନିର୍ବାଚନବେଳେ ଯାହା ପ୍ରତିଶ୍ରୁତି ଦେଇଥିଲା, ସରକାର ଗଠନ ପରେ ତାହା ପୂରଣ କରିବାରେ ଲାଗିଛି । ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାଠାରୁ ଆରମ୍ଭ କରି, ଧାନରେ ସହାୟକ ମୂଲ୍ୟ ୩୧୦୦ ଟଙ୍କା, ଜଗନ୍ନାଥ ସେବା ପାଇଁ ୫୦୦ କୋଟି ଟଙ୍କା ଓ ଜଗନ୍ନାଥ ମନ୍ଦିରର ଚାରିଦ୍ୱାରା ଖୋଲିବା, ଆୟୁଷ୍ମାନ ଯୋଜନା ଲାଗୁ କରିବା, ୭୮ ହଜାର କିଲୋମିଟର ରାସ୍ତା ନିର୍ମାଣ କରିବା ଭଳି ଅନେକ କାର୍ଯ୍ୟକ୍ରମ ହୋଇପାରିଛି । ଏହା ବିଜେପି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଆଜି ଆମ ଦାୟିତ୍ୱ ବଢ଼ିଛି, ସରକାର ଆଣିବା ଯେତିକି କଷ୍ଟ ଥିଲା,ଏବେ ଲୋକଙ୍କ ଆଶା ମଧ୍ୟ ସେଭଳି ପୂରଣ କରିବାକୁ ହେବ । ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ଅନେକ ସମସ୍ୟାର ଓଡ଼ିଶାରେ ରହିଛି । ଏସବୁ ସମସ୍ୟାର ସମାଧାନ କରିବାକୁ ହେବ । ଏଥିପାଇଁ ସରକାର ଆସିବା ପରେ ବି ଆମେ ଶୋଇବା ନାହିଁ କହି ସରକାରଙ୍କୁ ଆହ୍ୱାନ ଦେଇଥିଲେ । ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମିଳିମିଶି କାମ କରିବାକୁ ହେବ । ଏହି ଦାୟିତ୍ୱ ହେଉଛି ଆମ କାର୍ଯ୍ୟକର୍ତ୍ତାଙ୍କର ରାଜ୍ୟରେ ବିଜେପି ସରକାର ଗଠନ ହେବାର ମାତ୍ର ୧ବର୍ଷ ମଧ୍ୟରେ ୨୧ରୁ ୧୧ ପ୍ରତିଶ୍ରୁତିକୁ ସଫଳତାର ସହ ପୂରଣ କରିଛୁ । ଭାରତୀୟ ଜନତା ପାର୍ଟି ହେଉଛି ଏକ ରାଷ୍ଟ୍ରୀୟ ଦଳ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଗଠନ କରିବା ପାଇଁ ଆମଠାରୁ ଯେଉଁ ଆଶା ରଖିଛନ୍ତି, ତାହାକୁ ପୂରଣ କରିବା । ଓଡ଼ିଶାରେ ବିଜେପି ସରକାର ଏକ ଲମ୍ବା ଇନିଂସ ଖେଳିବ । ଏ ସରକାର ୨୦୩୬ ମସିହା ବି ଦେଖିବ ଓ ୨୦୪୭ ମସିହା ମଧ୍ୟ ଦେଖିବ । ଏଥିପାଇଁ ଆମକୁ ଟିମ ସ୍ପିରିଟ୍‌ରେ କାମ କରିବାକୁ ପଡ଼ିବ । ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀଠାରୁ ଆରମ୍ଭ କରି, ଯୋଗ୍ୟ ମନ୍ତ୍ରୀ, ଯୋଗ୍ୟ ସାଂସଦ, ଯୋଗ୍ୟ ବିଧାୟକ ଓ ଯୋଗ୍ୟ କାର୍ଯ୍ୟକର୍ତ୍ତା ଅଛନ୍ତି । ଆଗାମୀ ଦିନରେ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ । ଅସମ୍ଭବ ଆମ ଶବ୍ଦକୋଷରେ ନାହିଁ ସବୁକାମ ସମ୍ଭବ । ଏଥିପାଇଁ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ । ଦଳ ପାଇଁ କେତେ କାର୍ଯ୍ୟକର୍ତ୍ତା ବଳିଦାନ ଦେଇଥିବାବେଳେ ବହୁ ଜଣ ମିଥ୍ୟା ମାମଲାରେ ଜେଲ ଯାଇଛନ୍ତି । ତାଙ୍କୁ ଆମେ ସମ୍ମାନ ଦେବା । ଆର୍‌ଏସ୍‌ଏସ୍‌ର ବିଚାରଧାରାକୁ ଆଗକୁ ନେବା । ଯେଉଁମାନେ ଆମକୁ ବିରୋଧ କରୁଛନ୍ତି ସେମାନଙ୍କ ହ୍ୟାଙ୍ଗଓଭର ଯାଉନାହିଁ । ସେମାନେ ଏବେ ବିଚଳିତ, ମାତ୍ର ଆମ ଦାୟିତ୍ୱ ଏବେ ବଢିଛି । ଆମେ ସମସ୍ତେ ଗାଁକୁ ଯିବା ଲୋକଙ୍କ ସହ ମିଶିବା ଓ ଭଲ ବ୍ୟବହାର କରିବା ସଂକଳ୍ପ ନେବାକୁ ପଡ଼ିବ ବୋଲି ଶ୍ରୀ ସାମଲ କହିଛନ୍ତି ।

ରାଷ୍ଟ୍ରୀୟ ଉପାଧକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଏବଂ ସଂଗଠନ ଆଗକୁ ବଢିବ । ସରକାର ସହ ସଙ୍ଗଠନର ସମନ୍ୱୟ ବଢିବ । ସେ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଯେଉଁ ବେଗରେ ଡବଲ ଇଞ୍ଜିନ ସରକାର ବିକାଶ କାମ ଆରମ୍ଭ କରିଛି ତାହା ସାଧାରଣ କାର୍ଯ୍ୟକର୍ତ୍ତାଙ୍କ ଭିତରେ ଉତ୍ସାହ ଭରିଛି ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ସମ୍ବିତ ପାତ୍ର, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତିଙ୍କ ସମେତ ସମସ୍ତ ସାଂସଦ, ବିଧାୟକ, ମନ୍ତ୍ରୀମଣ୍ଡଳ, ରାଜ୍ୟ ଓ ଜିଲ୍ଲାର ସମସ୍ତ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ନୂତନ ରାଜ୍ୟ ସଭାପତିଙ୍କୁ ଅଭିନନ୍ଦନ ଜଣାଇଥିଲେ ।

### ଆଜି ଭାରତ...

ସେବା ବ୍ୟାହତ ହେବ । କୋଇଲା ଖନନ ବନ୍ଦ ରହିବ ବିଭିନ୍ନ ଫ୍ୟାକ୍ଟ୍ରୀ ଓ ସରକାରଙ୍କ ଦ୍ୱାରା ପରିଚାଳିତ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବ ।

ଟ୍ରେଡ ୟୁନିୟନ ନେତା କହିଛନ୍ତି ଯେ ସଂସଦରେ ଯେଉଁ ୪ଟି ନୂଆ ଲେବର କୋଡ ପାରିତ ହୋଇଛି, ସେଥିରେ ଶ୍ରମିକମାନଙ୍କ ଅଧିକାରକୁ ଅଣଦେଖା କରାଯାଇଛି । ଶ୍ରମିକମାନେ ଯେପରି ଆନ୍ଦୋଳନ କରିନପାରିବେ ସେ ଦିଗରେ ପଦକ୍ଷେପ ନିଆଯାଇଛି । କାର୍ଯ୍ୟ ସମୟକୁ ବଢାଇ ଦିଆଯାଇଛି । ଶ୍ରମ ଆଇନ ଉଲ୍ଲଂଘନ କଲେ ନିଯୁକ୍ତିଦାତାଙ୍କୁ ଦଣ୍ଡରୁ ରକ୍ଷା କରିବାକୁ ବ୍ୟବସ୍ଥା କରାଯାଇଛି । ଏହା ସହିତ ପବ୍ଲିକ ସେକ୍ଟରଗୁଡ଼ିକର ଘରୋଇକରଣ, ଚାକିରିରେ ଆଉଟସୋର୍ସିଂ ଓ ଠିକା ଶ୍ରମିକଙ୍କ ଉପଯୋଗକୁ ସେମାନେ ବିରୋଧ କରୁଛନ୍ତି । କାରଣ ଏହା ସେମାନଙ୍କ ଚାକିରିର ସୁରକ୍ଷା ଓ ନ୍ୟାଯ୍ୟ ମଜୁରୀ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କୃଷି ଶ୍ରମିକ ସଂଗଠନଗୁଡ଼ିକର ମିଳିତ ସାମ୍ମୁଖ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛି ଏବଂ ଗ୍ରାମାଞ୍ଚଳରେ ବଡ଼ ଧରଣର ପ୍ରତିବାଦ ଆୟୋଜନ କରିବାକୁ ଯୋଜନା କରିଛି ।

### ହୀରାକୁଦର ପ୍ରଥମ...

ନଦୀବନ୍ଧରେ ମୋଟ ୯୮ଟି ଗେଟ ରହିଛି । ଏଥିରୁ ୬୪ଟି ସ୍ଲୁଇସ ଗେଟ ଓ ୩୪ଟି କ୍ରେଷ୍ଟ ଗେଟ ରହିଛି । ହୀରାକୁଦ ନଦୀବନ୍ଧରେ ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ ।

### ଶତ୍ରୁ ଦେଶକୁ ...

କିଲୋମିଟର ବେଗରେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ । ଏହି କ୍ଷେପଣାସ୍ତ୍ର ଭୂମିର ବହୁତ ନିକଟରୁ ଯାଏ । ଏହି କାରଣରୁ ଏହା ସହଜରେ ରାଡାରର କବଳକୁ ଆସିନଥାଏ ।

### ଶ୍ରୀଗୁଣ୍ଡିଚା ମନ୍ଦିର...

ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି । ଏ ସମ୍ପର୍କରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଗତ ଜୁଲାଇ ୩ ତାରିଖରେ ଜାରି କରାଯାଇଥିବା ଏକ ସାର୍ବଜନୀନ ବିଜ୍ଞପ୍ତି ପରବର୍ତ୍ତୀ ତାରିଖମାନଙ୍କରେ ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶ କରାଯାଇଛି । କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ( ଭିଡିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ୨୦ ତାରିଖ ସୁଦ୍ଧା ପୁରୀଟ୍ରାଜେଡି. ଇନକ୍ୱାରୀ ଆଟ୍ ଦି ରେଟ୍ ଓଡ଼ିଶା.ଜିଓଭି.ଇନ୍ ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଇଛି । ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ବୁଧବାର ଅପରାହ୍ଣ ୩ ଘଟିକା ସମୟ ପରଠାରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନ- ଆନେକ୍ସ ଏବଂ ଜୁଲାଇ ୧୦ ତାରିଖ ଅପରାହ୍ଣ ୩ ଘଟିକା ପରଠାରୁ ସ୍ୱତନ୍ତ୍ର ପ୍ରଦକ୍ଷିଣ ଭବନ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ ଠାରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ମଧ୍ୟ ଏ ସମ୍ପର୍କରେ ତଥ୍ୟ ରଖିପାରିବେ । ସେହିପରି ଏ ସମ୍ପର୍କିତ ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର-୦୬୭୪-୨୫୩୬୮୮୨/୨୩୯୧୯୭୦ (ଯୋଜନା ଓ ସଂଯୋଜନ କାର୍ଯ୍ୟାଳୟ) ରେ ଯୋଗାଯୋଗ କରାଯାଇପାରିବ ବୋଲି ମଧ୍ୟ ସୂଚନା ଦିଆଯାଇଛି ।

### ରଥଯାତ୍ରାରେ ୨୫ ...

ମରାମତି ପରେ ଏଏସଆଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରି ସାରିଛି ।

ଆଗାମୀ ଦିନରେ ସୁନାବେଶରେ ଲାଗିବ ନୂଆ ଅଳଙ୍କାର ! ରତ୍ନଭଣ୍ଡାରରେ କୌଣସି ଅଳଙ୍କାର ଏଥିରେ ବ୍ୟବହାର ହେବ ନାହିଁ । ସରକାର ଏ ନେଇ ବ୍ୟବସ୍ଥା କରିବେ । ଭକ୍ତ ମାନଙ୍କୁ ବି ସ୍ୱର୍ଣ୍ଣ ଦାନ ପାଇଁ ଅନୁରୋଧ କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ । କିଛି ଅଳଙ୍କାର ପତଳା ହୋଇଗଲାଣି, କିଛି ଅଳଙ୍କାର ଦବି ଯାଇଛି ବୋଲି ସେବାୟତ ଜଣାଇଛନ୍ତି । ନିକଟରେ ଛତିଶା ନିଯୋଗ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଉ ଗୋଟେ ଅଳଙ୍କାର ସେଟ୍ ପାଇଁ ଅନୁରୋଧ କରାଯାଇଥିଲା । ଠାକୁରଙ୍କ ଇଚ୍ଛା ଥିଲେ ହୋଇ ପାରିବ ବୋଲି ସେ କହିଛନ୍ତି ।

### ବିଶ୍ୱଯୁଦ୍ଧ...

ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ଇରାନର ୟୁରାନିୟମ କାର୍ଯ୍ୟକ୍ରମ ଯୋଗୁ ସିଧାସଳଖ ଆମେରିକା ଯୁଦ୍ଧରେ ସାମିଲ ହେବ । ଡୋନାଲ୍ଡ ଟ୍ରମ୍ପ ଏ ବିଷୟରେ ଅନେକ ଥର ଚେତାବନୀ ଦେଇଛନ୍ତି । ଯୁଦ୍ଧବିରତି ସମୟରେ ସମସ୍ତ ଦେଶ ସେମାନଙ୍କର ଶକ୍ତି ବୃଦ୍ଧି କରିବାରେ ନିୟୋଜିତ ଅଛନ୍ତି । ବିଶ୍ୱର ଅନେକ ଗୁରୁତ୍ୱପୂର୍ଣ୍ଣ ଦେଶ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ବିକ୍ରୟରେ ଅଶୋଧିତ ତୈଳ ବ୍ୟବହାର କରୁଛନ୍ତି ।

### କରୋନା ଟୀକା...

ହୋଇସାରିଛି । ତେଣୁ ଏବେ ଏହାର ସଂଯୋଗକୁ ବିଶ୍ୱାସ କରାଯାଇପାରିବ ନାହିଁ । ଏପରି ମୃତ୍ୟୁର କାରଣ, ବିଶେଷକରି ୧୮ ରୁ ୪୫ ବର୍ଷ ବୟସର ଲୋକଙ୍କ ମଧ୍ୟରେ ଅଧିକ ମାତ୍ରାରେ ଦେଖାଦେଉଛି । ୫୦ ପ୍ରତିଶତରୁ ଅଧିକ ଯୁବକ ଧୂମପାନ ଓ ମଦ୍ୟପାନ କରନ୍ତି । ଏହି କାରଣରୁ ସମୟ ସମୟରେ ସୁଗାର ଏବଂ ରକ୍ତଚାପ ଭଳି ସମସ୍ୟା ଦେଖାଦିଏ । ଯାହା ହୃଦଘାତର ଏକ କାରଣ ହୋଇଥାଏ ।

## ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଯାତ୍ରୀ ହନ୍ତସନ୍ତ

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଚାଳକ ମହାସଂଘ ୭ଦଫା ନେଇ ମଙ୍ଗଳବାରଠାରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି । ରାଜ୍ୟର ପ୍ରାୟ ୫ଲକ୍ଷ ଚାଳକ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଚାଳକ ମହାସଂଘ ବିଭିନ୍ନ ଦାବି କରିଛି । ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁଁ କଟକରୁ ଗାଡି ଚଳାଚଳ ପ୍ରଭାବିତ ହୋଇଛି । ଗଡୁନାହିଁ ଅଧିକାଂଶ ବସ୍, ଟ୍ରକ, ଟେମ୍ପୋ ଓ ଟ୍ୟାକ୍ସି । କଟକରୁ ଯାତ୍ରୀ ଓ ମାଲ ପରିବହନ ବି ବାଧାପ୍ରାପ୍ତ ହୋଇଛି । କଟକରେ ବାଲିକୁଦା ନିକଟରେ ଜାତୀୟ ରାଜପଥ କଡ଼ରେ ଚାଳକ ମହାସଂଘ ଆନ୍ଦୋଳନରେ ବସିବା ସହ ପିକେଟିଂ ଆରମ୍ଭ କରିଛି । ଚାଳକ ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନର ପ୍ରଭାବ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହୋଇଛି ।



ନୂଆଦିଲ୍ଲୀର ହାଉସଖାଜ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଏବଂ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ରନାଥ ପ୍ରଧାନ ଭାରତୀୟ ଜନତା ପାର୍ଟିର ଓଡ଼ିଶା ଶାଖାର ନବନିର୍ବାଚିତ ସଭାପତି ମନମୋହନ ସାମଲଙ୍କୁ ଭୁବନେଶ୍ୱର ଠାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଆହୁରି ଖୋଲିପାରେ ହୀରାକୁଦ ଗେଟ୍, ବେହାଲ କଲାଣି ବନ୍ୟାଜଳ

ସମ୍ବଲପୁର/ଯାଜପୁର/ ଝାରସୁଗୁଡା, ନ୍ୟୁଜ ବ୍ୟୁରୋ

ହୀରାକୁଦ ଡ୍ୟାମରେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି । ହୀରାକୁଦ ଡ୍ୟାମର ଉପର ମୁଣ୍ଡରେ ଇବ ନଦୀ ଓ ଭେଡେନ ନଦୀର ଜଳସ୍ତର ହ୍ରାସ ପାଇଥିବାରୁ ଏବେ ହୀରାକୁଦ ଜଳ ଭଣ୍ଡାରକୁ ବନ୍ୟା ଜଳ ପୂର୍ବ ଅପେକ୍ଷା କମ୍ ପ୍ରବେଶ କରୁଛି । ସେପଟେ ଛତିଶଗଡ଼ରେ ପ୍ରବଳ ବର୍ଷା ହୋଇଥିବରୁ ଆଗକୁ ଏହି ବନ୍ୟା ପାଣି ହୀରାକୁଦ ଡ୍ୟାମରେ ବିଳମ୍ବିତ ରାତି ସୁଦ୍ଧା ପ୍ରବେଶ କରିବ । ସେତେବେଳେ ହୀରାକୁଦର ଜଳସ୍ତରକୁ ଦେଖି ଅଧିକ ଗେଟ ଖୋଲାଯିବ ନାଁ ନାହିଁ ସେହି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା । ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା ବନ୍ୟାଜଳ ପରିଚାଳନା ନେଇ କହିଛନ୍ତି, 'ବର୍ତ୍ତମାନ ସୁଦ୍ଧା ହୀରାକୁଦ ଡ୍ୟାମର ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଏହି ସମୟ ମଧ୍ୟରେ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ୩ ଲକ୍ଷ ୩୫ ହଜାର କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି । ବର୍ତ୍ତମାନ ଉପର ମୁଣ୍ଡରୁ ବନ୍ୟାଜଳ ଆସିବା ଧୀରେ ଧୀରେ ହ୍ରାସ ପାଉଛି । କାରଣ ଭେଡେନ ଓ ଇବ ନଦୀର ଜଳସ୍ତର ହ୍ରାସ ପାଇଛି । ଉପର ମୁଣ୍ଡରୁ ୨ ଲକ୍ଷ ୭୦ ହଜାର କ୍ୟୁସେକ ବନ୍ୟାଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି । ଫଳରେ ହୀରାକୁଦ ଡ୍ୟାମର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଛି । ହୀରାକୁଦ ଡ୍ୟାମର ଜଳସ୍ତର ପ୍ରାୟ ୬୦୯ ଫୁଟ ରହିଛି । ଅପରପକ୍ଷରେ ପଡୋଶୀ ରାଜ୍ୟ ଛତିଶଗଡର କଲମା ବ୍ୟାରେଜର ୫୬ ଗୋଟି ଗେଟ ଖୋଲା ରହିଛି । କାରଣ ଛତିଶଗଡ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ସେହି ବନ୍ୟାଜଳ ହୀରାକୁଦ ଡ୍ୟାମକୁ ବର୍ତ୍ତମାନ ସୁଦ୍ଧା ଆସିନାହିଁ । ଏହି ବନ୍ୟାଜଳ ହୀରାକୁଦ ଡ୍ୟାମକୁ ଆସିବାର ସମ୍ଭାବନା ରହିଛି । ସେତେବେଳେ ହୀରାକୁଦ ଡ୍ୟାମର ଜଳସ୍ତର ପୁଣି ବୃଦ୍ଧି ପାଇବ । ସେତେବେଳେ ପରିସ୍ଥିତିକୁ ଦେଖି ହୀରାକୁଦ ଡ୍ୟାମର ଗେଟ୍ ପରିଚାଳନା ନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ।' ସେପଟେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ବାମରା ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ୬ରୁ ୭ ଘଣ୍ଟା ଭିତରେ ୨୨୦ ମିଲି ମିଟରରୁ ଅଧିକ ବର୍ଷା ହେବା ଯୋଗୁଁ ଏହି ଅଞ୍ଚଳର କେତେକ ସ୍ଥାନରେ ରାସ୍ତାଘାଟ ବ୍ୟାପକ କ୍ଷୟକ୍ଷତି ହେବା ସହ ତଳି ଅଞ୍ଚଳରେ ପାଣି ପଶି ଯାଇଥିଲା । କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ତେଲି ତିଳେଇ ମାଳ ଓ ବାବୁ ନିକିତିମାଲ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବନ୍ୟା ଯୋଗୁଁ ବ୍ୟପାକ କ୍ଷୟକ୍ଷତି ହୋଇଛି ଏଭଳି ପରିସ୍ଥିତିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିଛନ୍ତି । ବନ୍ୟା ପରିସ୍ଥିତି ନେଇ ଜିଲ୍ଲାପାଳ କହିଛନ୍ତି, 'ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହାସହ ବନ୍ୟା ପ୍ରଭାବିତମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପ୍ରଭାବିତ ଅଞ୍ଚଳରେ ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ବନ୍ୟାଜଳ କମିଯିବା ପରେ କେଉଁ କେଉଁ ଲୋକଙ୍କ ଘର ବନ୍ୟା ଯୋଗୁଁ ଭାଙ୍ଗି ଯାଇଛି ତଥା ଯେଉଁ ସ୍ଥାନମାନଙ୍କରେ ଉଦ୍ୟାନ କୃଷି ଫସଲ ନଷ୍ଟ ହୋଇଛି ସେ ନେଇ ବିଭାଗୀୟ ଅଧିକାରୀମାନେ ଅନୁଧ୍ୟାନ ଜାରି ରଖିଛନ୍ତି । ବନ୍ୟାପାଣି ଯୋଗୁଁ କେତେକ ସ୍ଥାନରେ ରାସ୍ତାଘାଟ କ୍ଷତି ହୋଇଥିବାରୁ ତାର ମରାମତି କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି । କେତେକ ସ୍ଥାନରେ ବନ୍ୟା ଯୋଗୁଁ ବିଦ୍ୟୁତ ସଂଯୋଗୀକରଣ ବିଛିନ୍ନ ହୋଇଥିବା ବେଳେ ସେଗୁଡିକର ମରାମତି ଆରମ୍ଭ କରାଯାଇଛି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ଶେଷ : ନୀଳାଦ୍ରି ବିଜେ କଲେ ଚତୁର୍ଦ୍ଧା ମୂର୍ତ୍ତି

**ବାରିପଦା, ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ଶେଷ ହୋଇଛି । ଦ୍ୱିତୀୟ ତଥା ଦିନରେ ପରମ୍ପରା ମୁତାବକ ପ୍ରଥମେ କେବଳ ମହିଳା ଭକ୍ତମାନେ ପ୍ରତିବର୍ଷ ଭଳି ଅଧା ବାଟରେ ଥିବା ଦେବୀ ସୁଭଦ୍ରାଙ୍କର ଦେବଦଳନ ରଥକୁ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ । ପରେ ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ମାଉସୀ ବାଡ଼ି ନିକଟରୁ ଟାଣିନେଇ ଭକ୍ତ ମାନେ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇ ଥିଲେ । ସନ୍ଧ୍ୟାରେ ରଥ ଉପରେ ତିନି ଠାକୁର ଦର୍ଶନ ଦେଇଥିବା ବେଳେ ବିଭିନ୍ନ ପ୍ରକାର ନୀତିକାନ୍ତି ସରିବା ପରେ ନୀଳାଦ୍ରିବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇ ରଥଟାଣି ଥିଲେ । ତେବେ ରଥ ଟଣା ବେଳେ ଆଜି ବର୍ଷା ସତ୍ତ୍ୱେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ରଥଦଉଡି ଟିକେ ଧରିବାକୁ ଭକ୍ତମାନେ ବ୍ୟାକୁଳ ହୋଇ ପରସ୍ପର ଭିତରେ ପ୍ରତିଯୋଗିତା କରୁଥିଲେ । ରଥଯାତ୍ରା ପାଇଁ ବାରିପଦା ବଡ଼ଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା । ବଡ଼ ଦାଣ୍ଡରେ ଖୋଳ କୀର୍ତ୍ତନ, ଓଡିଶୀ, ଛଉ, ପାଇକ ନୃତ୍ୟ ସହ ଆଦିବାସୀ ନୃତ୍ୟର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା । ରଥ ଉପରୁ ପଣ୍ଡିତ ଭାଗବତ ପଣ୍ଡାଙ୍କ ଧାରା ବିବରଣୀ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବଡ଼ ଦାଣ୍ଡର ବିଭିନ୍ନ ସ୍ଥାନରେ ଧାରା ବିବରଣୀ ପ୍ରଦାନ କରାଯାଉଥିଲା । ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିସହ ଜୟ ଜଗନ୍ନାଥ ଏବଂ ହରିବୋଲ ଧ୍ୱନୀରେ ଉଚ୍ଛୁଳି ପଡୁଥିଲା ୨ୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡ । ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରଥ ଯାତ୍ରା ପାଇଁ ୨୩ପ୍ଲାଟୁନ ଫୋର୍ସ, ୧୮୦ ହୋମଗାର୍ଡ, ୫୦ ଗ୍ରାମରକ୍ଷୀ, ୩ଜଣ ଅତିରିକ୍ତ ଏସପି, ୮ଜଣ ଡିଏସପି, ୧୪ଜଣ ଇନ୍ସପେକ୍ଟର, ୭୧ଜଣ ଏସଆଇ ଏବଂ ଏଏସଆଇ ତଥା ଅନ୍ୟାନ୍ୟ ପୋଲିସ ବଳ ମୁତୟନ କରାଯାଇଥିବାର ଜଣାଯାଇଛି ।

# ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ଧର୍ମଶାଳା ଡ୍ରାଇଭର ସଂଘର ସମର୍ଥନ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ରାଜ୍ୟ ବ୍ୟାପୀ ଡ୍ରାଇଭର ସଙ୍ଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଆହ୍ୱାନରେ ଆଜି ୧୬ନଂ ଜାତୀୟ ରାଜପଥର ଜାରକା ଛକ ସତ୍‌ସଙ୍ଗକେନ୍ଦ୍ର ନିକଟରେ ଧର୍ମଶାଳାବ୍ଲକସଙ୍ଘ ପକ୍ଷରୁ ଆନ୍ଦୋଳନ ଆରମ୍ଭହୋଇଛି । ଶତାଧିକ ଡ୍ରାଇଭର ମଙ୍ଗଳବାର ଏହିଶାନ୍ତି ପୂର୍ଣ୍ଣ ଆନ୍ଦୋଳନରେ ସାମିଲ ହୋଇଯାଇଛନ୍ତି । ୭ଦଫାଦାବି ନେଇ ଆନ୍ଦୋଳନକୁ ବ୍ୟାପକ କରିବାପାଇଁ ସଂଘପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଫଳରେ ବସ ଓ ଅଟୋ ଚଳାଚଳ ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇଯାଇଛି । ଯାତ୍ରୀମାନେ ନାହିଁନଥିବା ଅସୁବିଧା ସମ୍ମୁଖିନ ହେଉଥିବା ଦେଖାଯାଉଛି । ଗତ୨୦୨୩ ମାର୍ଚ୍ଚମାସରେ ବିଜେଡ଼ି ସରକାର ସମୟରେ ରାଜ୍ୟସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା । ସରକାରଙ୍କ ପକ୍ଷରୁ ଦାବିପୂରଣପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ୨ବର୍ଷ ମଧ୍ୟରେ କୌଣସି ଗୋଟିଏଦାବି ସରକାରପୂରଣ କଲେନାହିଁ । ନୂଆ ବିଜେପିସରକାର ଆସିବାପରେ ଦାବିପ୍ରତି ଅଣଦେଖାକରୁଥିବା ସଂଘପକ୍ଷରୁ ବକ୍ତାମାନେ ଅଭିଯୋଗ କରିଛନ୍ତି । ୨୦୨୫ମାର୍ଚ୍ଚ ୨୯ତାରିଖରେ ରାଜ୍ୟସଂଘ ପକ୍ଷରୁ ଭୁବନେଶ୍ୱର ଲୋଅର ପିଏମଜିରେ ଧାରଣା ଦିଆଯାଇ ଦାବି ପୂରଣରେ ବିଳମ୍ବ ହେଉଥିବାରୁ ପ୍ରତିବାଦ କରାଯାଇଥିଲା । ରାଜ୍ୟ ସରକାର ତୁରନ୍ତ ସଂଘର ସମସ୍ତଦାବିକୁ ମାନିନେବାକୁ ଧର୍ମଶାଳାସଂଘର ସଭାପତି ଲୋକନାଥ ପୁରୀ, ସମ୍ପାଦକ ଅମୂଲ୍ୟକୁମାର ମଲ୍ଲିକ ପ୍ରମୁଖ ଦୃଢ଼ଦାବି କରିଛନ୍ତି ।

ଓଡ଼ିଶା ଅଧିକାର (masthead)
ଭୁବନେଶ୍ୱର
୦୯ ଜୁଲାଇ,
ବୁଧବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକ ଉପରେ ଶୋଭା ପାଇଲା କନକମୁଣ୍ଡି ଚାନ୍ଦୁଆ



**ପୁରୀ, ୦୮/୦୯ ନ୍ୟୁଜ ବ୍ୟୁରୋ** ମଙ୍ଗଳବାର ନୀଳକନ୍ଦରକୁ ବାହୁଡ଼ିଲେ ନୀଳାଦ୍ରିନାଥ। ମହାପ୍ରଭୁ ଶ୍ରୀମନ୍ଦିରକୁ ଆସିବା ପୂର୍ବରୁ ଶ୍ରୀମନ୍ଦିରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକ ଉପରେ ଶୋଭା ପାଉଛି ନୂତନ କନକମୁଣ୍ଡି ଚାନ୍ଦୁଆ। ଏହି ଚାନ୍ଦୁଆ ରତ୍ନସିଂହାନ ଉପରେ ଲାଗିଛି। ଠାକୁରଙ୍କ ପହଣ୍ଡି ପୂର୍ବରୁ ନୂତନ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ପାରମ୍ପରିକ ଦର୍ଜୀ ସେବକ ଚାନ୍ଦୁଆ ତିଆରି କରିଛନ୍ତି । ପଞ୍ଚବର୍ଣ୍ଣୀ ରଙ୍ଗରେ ପ୍ରସ୍ତୁତ ହୋଇଛି ଏହି ନୂତନ କନକମୁଣ୍ଡି ଚାନ୍ଦୁଆ । ସିଲ୍କ ଓ କଟନ୍ କନାରେ ଚାନ୍ଦୁଆ ପ୍ରସ୍ତୁତ ହୋଇଛି । ମହାପ୍ରଭୁଙ୍କ ଶ୍ରୀମସ୍ତକ ଉପରେ ହଳଦିଆ ରଙ୍ଗ, ଦେବୀ ସୁଭଦ୍ରାଙ୍କ ଶ୍ରୀମସ୍ତକ ଉପରେ ନାଲି ରଙ୍ଗ ଓ ବଡ଼ଠାକୁରଙ୍କ ଶ୍ରୀମସ୍ତକ ଉପରେ ସବୁଜ କପଡ଼। ଚଉକ ରହିଛି। ଧଳାପଟି, ହଳଦିଆ ପଟି, ଖଣ୍ଡୁଆଳି ପଟି, ସବୁଜ ପଟି, ମୋଡ଼ା ପଟି, ନାଲି ପଟି, କଳା ରଙ୍ଗ ପଟି ପରକୁ ପର ରହି ଚାନ୍ଦୁଆ ତିଆରି ହୋଇଛି । ଶ୍ରୀବିଗ୍ରହ ରତ୍ନସିଂହାସନରେ ଅଧିଷ୍ଠିତ ହେବା ପୂର୍ବରୁ ସିଂହାସନ ମାର୍ଜନା କରାଯାଇଥିଲା। ବଡ଼ ଓଡ଼ିଆ ମଠ ମହନ୍ତ ଏହି ସେବା କରିଥିଲେ।



ପୁରୀ : ରସଗୋଲା ଦିବସ ପାଳନ ଅବସରରେ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଲାଗି କରୁଛନ୍ତି ସେବାୟତମାନେ। (ଫଟୋ : ସମ୍ବାଦ କଳିକା)

# ରାଜଧାନୀର ସବୁ ଘର ଉପରେ ହେବ ରୁଫ୍ ଟପ୍ ଗାର୍ଡେନ



**ଭୁବନେଶ୍ୱର, ୮/୭ ନ୍ୟୁଜ ବ୍ୟୁରୋ** ରାଜଧାନୀକୁ ସୁନ୍ଦର ଓ ସବୁଜ ବନାନୀ କରିବାକୁ ଏକ ନିଆରା ପ୍ରୟାସ କରାଯାଇଛି। ସହରାଞ୍ଚଳରେ ବୁଲିବ ସଚେତନତା ରଥ । ଯାହାର ଉଦଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । କୃଷି ଭବନରେ ଏହି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥଟି ସହରାଞ୍ଚଳରେ ଛାତ ବଗିଚାର ଉପାଦେୟତା ସମ୍ପର୍କରେ ବିଭିନ୍ନ ସଚେତନ କରିବ । ସହରରେ ସବୁ ଘର ଉପରେ ରୁଫ୍ ଟପ୍ ଗାର୍ଡେନ କରିବାର ଲକ୍ଷ୍ୟ ରଖାଯାଇଛି, ଯେଉଁଥିପାଇଁ ଏମିତି ଏକ ପ୍ରୟାସ କରାଯାଇଛି। ସେଥିପାଇଁ ନୀଳାଦ୍ରି ବିଜେ ଉପଲକ୍ଷେ ଏଭଳି ଏକ ମହତ ଓ ଜନ ହୀତକାରୀ କାମ ଆରମ୍ଭ କରାଯାଇଛି। ତେବେ ଛାତ ଉପରେ ବଗିଚା କରିବା ଦ୍ୱାରା ନିଜେ ପନିପରିବା, ଫଳ ଉତ୍ପାଦନ କରି ଖାଇପାରିବେ। ଏମିତି କି ଏହାକୁ ବିକ୍ରି ମଧ୍ୟ କରିପାରିବେ । ଏଭଳି ବିକ୍ରି ପାଇଁ କୃଷି ବିଭାଗର ସହଯୋଗ ରହିବ। ରୁଫ ଟପ୍ ହୋମ୍ ଗାର୍ଡେନ ପାଇଁ କୃଷି ବିଭାଗ ସମସ୍ତ ପ୍ରସ୍ତୁତିର ସୂତ୍ର ସମ୍ପର୍କରେ ମଧ୍ୟ ଅବଗତ କରାଇବେ । ଏମିତି କି ଲିଫ ପ୍ଲେଟ ବଣ୍ଟା ଯିବ। ତେଣୁ ରାଜଧାନୀବାସୀ ଏହି ଅଭିଯାନରେ ସାମିଲ୍ ହେବାକୁ ବାର୍ତ୍ତା ଦିଆଯାଇଛି।

## ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ମାମଲା

# ପୂର୍ବତନ ଚୁକ୍ତିଭିତ୍ତିକ ଏସସି ଅପରେଟରଙ୍କୁ ମିଳିଲା ସର୍ତ୍ତଭିତ୍ତିକ ଜାମିନ

**କଟକ, ୦୮/୦୭ ନ୍ୟୁଜ ବ୍ୟୁରୋ**

ଦେଶର ସୁରକ୍ଷା ସମ୍ପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିବା ଚାନ୍ଦିପୁରର ଡିଆରଡିଓର ସମନ୍ୱିତ ପରୀକ୍ଷଣ ରେଞ୍ଜ (ଆଇଟିଆର)ର ପୂର୍ବତନ ଚୁକ୍ତିଭିତ୍ତିକ ଏସସି ଅପରେଟର ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ମୁଚାଲିକାରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିବେ। ଜାମିନରେ ଛାଡ଼ ପାଇବା ପରେ ସେ କୌଣସି ଅପରାଧରେ ଜଡିତ ହେବେ ନାହିଁ। ମାମଲାର ପ୍ରତି ତାରିଖରେ ସେ ଅଦାଲତରେ ହାଜର ହେବେ। ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ



ପ୍ରଦାନ କରିବେ। ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ ତେବେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି । ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ଏ ପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟରେ ୨୮ଜଣଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରା ଜଜଙ୍କ ଅଦାଲତରେ ବିଚାରାଧୀନ ଏ ସମ୍ପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ଦ୍ୱାରା ସମ୍ବିଧାନ ପ୍ରଦତ୍ତ ତ୍ୱରିତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତଙ୍କ ଜାମିନ ମଞ୍ଜୁର କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ବ୍ୟକ୍ତି ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ମଝିଘରିଆଣୀଙ୍କ ୯ ହୁଣ୍ଡିରୁ ମିଳିଲା ନଗଦ କୋଟିଏ ଟଙ୍କା

**ରାୟଗଡ଼ା, ୦୮/୦୭ ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ହୁଣ୍ଡି ଖୋଲାଯାଇଛି। ସେଥିରୁ ନଗଦ ୧ କୋଟି ୪ ଲକ୍ଷ ୩୬ ହଜାର ୯୬୩ ଟଙ୍କା, ୩୮ ଗ୍ରାମ୍ ସୁନା, ୨୫୦୫ ଗ୍ରାମ୍ ରୁପା ଏବଂ ୫ଟି ଦେଶର ୧୨ଟି ନୋଟ୍ ବାହାରିଛି। ସକାଳ ୧୦ଟାରେ ମାଜିଷ୍ଟ୍ରେଟ୍ ଓ ପୁଲିସ୍‌ଙ୍କ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇଥିଲା । ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା । ସମସ୍ତ ଟଙ୍କା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଗଚ୍ଛିତ ରଖାଯାଇଛି । ସୁନା ଓ ରୁପା ଜିଲ୍ଲା କୋଷାଗାରରେ ରଖାଯାଇଛି। ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀ ସାମିଲ୍



ହୋଇଥିଲେ । ପୁଲିସ୍ ଓ ମନ୍ଦିର ସୁରକ୍ଷା କର୍ମୀ ଏଥିରେ ସୁରକ୍ଷା ଦେଇଥିଲେ। ସେହିପରି ଚଳିତ ବର୍ଷ ଗତ ଜାନୁଆରୀ ୨୭ତାରିଖରେ ହୁଣ୍ଡି ଖୋଲା ଯାଇଥିବା ବେଳେ ୬ ମାସ ବ୍ୟବଧାନ ପରେ ପୁଣି ଖୋଲା ଯାଇଥିଲା। ଦେବୋତ୍ତର ବିଭାଗ, ସ୍ଥାନୀୟ ତହସିଲଦାର, ଆରଆଇ, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସହ ପୁଲିସଙ୍କ ତତ୍ତ୍ୱାବଧାନରେ କଡା ସୁରକ୍ଷା ବଳୟ ମଧ୍ୟରେ ସମସ୍ତଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡି ସକାଳ ୯ଟାରୁ ଖୋଲାଯାଇ ରାତ୍ର ୮ଟା ଯାଏଁ ଗଣତି ଚାଲିଥିଲା । ଯେଉଁଥିରୁ ନଗଦ ୧ କୋଟି ୪ଲକ୍ଷ ୩୬ହଜାର ୯୬୩ ଟଙ୍କା ବାହାରିଥିଲା । ଏଥିସହ ଯୁନାଇଟେଡ୍ ଷ୍ଟେଟସ ଅଫ ଆମେରିକା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ କୁଏତ, କ୍ୱାତାର, ଆରବ ରିମିରାଟେସ ଭଳି ଦେଶର ୧୨ଟି ବିଦେଶୀ ଡଲାର ସହିତ ୩୮ଗ୍ରାମ୍ ସୁନା ଓ ୨. ୫୦୫କେଜି ରୁପା ବାହାରିଥିଲା । ଏତେ ପରିମାଣର ଦାନ ରାଶି ପୂର୍ବରୁ କେବେ ବାହାରି ନ ଥିବାରୁ ଏହା ରେକର୍ଡ କରିଛି ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ରାଧାକାନ୍ତ ଦଳେଇ ପ୍ରକାଶ କରିଛନ୍ତି । ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଗଣତି ପକ୍ରିୟାରେ ନିୟୋଜିତ ହୋଇଥିଲେ। ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମନେ କରିଛନ୍ତି ବିଭିନ୍ନ ଏସଏଚଜି ଗ୍ରୁପ ମହିଳା ସଦସ୍ୟ ମାନେ। ଚଳିତ ଥର ୯୦ ଲକ୍ଷରୁ ୧ କୋଟି ଟଙ୍କା ମିଳିବ ବୋଲି ଆଶା ରଖିଥିଲା ମନ୍ଦିର କମିଟି ।

# କିମ୍ସ ଡାକ୍ତର ସମ୍ବିତ ଦାଶ 'ଏସଏଫଇଏସ'ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ମନୋନୀତ

**ଭୁବନେଶ୍ୱର, ୮/୭ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟ ତଥା କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଭାଗୀୟ ମୁଖ୍ୟ ଡା. ସମ୍ବିତ ଦାଶ ଦକ୍ଷିଣ ଏସୀୟ ଏଣ୍ଡୋକ୍ରାଇନ୍ ସୋସାଇଟିଜ୍ ଫେଡେରେସନ୍ (ଏସଏଫଇଏସ)ର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି । ଏସଏଫଇଏସ ହେଉଛି ଏସିଆର ସବୁଠାରୁ ବଡ଼ ଏବଂ ସବୁଠାରୁ ସକ୍ରିୟ ଏଣ୍ଡୋକ୍ରାଇନ୍ ସଂସ୍ଥା ମଧ୍ୟରୁ ଗୋଟିଏ, ଯାହା ଭାରତ ସମେତ ଅନେକ ଏସୀୟ ଦେଶର ଏଣ୍ଡୋକ୍ରାଇନ୍ ସଂଘକୁ ନେଇ ଗଠିତ। ଏହି ସଂଘ ସହଯୋଗପୂର୍ଣ୍ଣ ଗବେଷଣା, ରୋଗୀ ସେବାକୁ ଆଗକୁ ବଢାଇବା, ଆଞ୍ଚଳିକ କ୍ଲିନିକାଲ୍



ନିର୍ଦ୍ଦେଶାବଳୀ ବିକଶିତ କରିବା ଏବଂ ଦକ୍ଷିଣ ଏସିଆରେ ଏଣ୍ଡୋକ୍ରାଇନ୍ ରୋଗର ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ କାର୍ଯ୍ୟକରିଥାଏ। ଡା. ଦାଶ ଏହି ସମ୍ମାନଜନକ ପଦବୀରେ ନିର୍ବାଚିତ ଭାରତର ତିନି ଜଣ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କ ମଧ୍ୟରୁ ଜଣେ। ସେ ପ୍ରମୁଖ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରୁଛନ୍ତି। ଡା. ଦାଶ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ଉପାଧ୍ୟକ୍ଷ ମଧ୍ୟ ଅଛନ୍ତି। ଏହା ବ୍ୟତୀତ ସେ 'ଆର୍‌ଏସ୍‌ଏସ୍‌ଡିଆଇ' ଏବଂ 'ଏଆଇଏଏଆର୍‌ଓ'ର ରାଜ୍ୟ ଶାଖାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ନିକଟରେ ଡାକ୍ତର ଦିବସ ଅବସରରେ ଓଡ଼ିଶା ରାଜ୍ୟପାଳଙ୍କଠାରୁ ତାଙ୍କୁ 'ଏଣ୍ଡୋକ୍ରାଇନ୍ ଲ୍ୟୁମିନାରି କ୍ଲିନିକାଲ୍ ଏବଂ ଏକାଡେମିକ୍ ଉତ୍କର୍ଷତା' ସମ୍ମାନ ପ୍ରଦାନ କରାଯାଇଛି। ଡା. ଦାଶଙ୍କ ଏହି ସଫଳତାରେ କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀ ବାୟୁ ସେବାର ଦ୍ୱିତୀୟ ଦିନରେ ୪୧୪ ରୋଗୀଙ୍କୁ ଚିକିତ୍ସା

**ନବରଙ୍ଗପୁର,୦୮/୭ ନ୍ୟୁଜ ବ୍ୟୁରୋ** ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରରେ ଦ୍ୱିତୀୟ ଦିନରେ ୪୧୪ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଛି। ତେବେ ପ୍ରଥମ ଦିନରେ ୨୯୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଦ୍ୱିତୀୟ ଦିନରେ ଏସସିବି କଟକର ୬ ଜଣିଆ ସୁପର ସ୍ପେସିଆଲିଷ୍ଟ ଡାକ୍ତର ପହଞ୍ଚି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏହି ଡାକ୍ତରୀ ଟିମରେ ୟୁରୋଲୋଜୀ ବିଶେଷଜ୍ଞ ଡ଼.ସବ୍ୟସାଚି ପଣ୍ଡା, କାର୍ଡିଓଲୋଜୀ ବିଶେଷଜ୍ଞ ଡା. ଯଶବନ୍ତ ବେହେରା, ନେଫ୍ରୋଲୋଜୀ ବିଶେଷଜ୍ଞ ଡା.ଅରୁଣ ଆଚାର୍ଯ୍ୟ, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜୀ ଡା. ସମୀର କୁମାର ହୋତା, ନିୟୁରୋଲୋଜୀ ଡା. ନିହାର ରଞ୍ଜନ ବିଶ୍ୱାଳ, ଏଣ୍ଡୋକ୍ରାୟୋଲୋଜୀ ଡା. ଦେବାର୍ଚ୍ଚନ ଜେନା ପ୍ରମୁଖ ରୋଗୀଙ୍କୁ ବିଭିନ୍ନ ପରୀକ୍ଷା ପରେ ଆବଶ୍ୟକ ଚିକିତ୍ସା ଓ ଔଷଧର ପରାମର୍ଶ ଦେଇଛନ୍ତି।

# ୨୧୭ ଫେରାର ଅଭିଯୁକ୍ତଙ୍କ ଘର ଆଗରେ ଲଟକା ଲଗାଯିବା ପରେ ୧୬ ଜଣ କରିଛନ୍ତି ଆତ୍ମସମର୍ପଣ : ଗଞ୍ଜାମ ଏସପି

**ଭୁବନେଶ୍ୱର/ ବ୍ରହ୍ମପୁର, ୮/୭ ନ୍ୟୁଜ ବ୍ୟୁରୋ** ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଫେରାର ଅଭିଯୁକ୍ତଙ୍କ ଘର ଆଗରେ ଲଟକା ଲଗାଯାଇଥିଲା। ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ୨୧୭ ଜଣଙ୍କ ଘର ଆଗରେ ଲଟକା ଲଗାଯାଇଥିଲା । ଲଟକା ଲଗା ଯିବା ପରେ ୧୬ ଜଣ ଅଭିଯୁକ୍ତ ଆତ୍ମସମର୍ପଣ କରିଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଫେରାର ରହୁଥିବାରୁ ବିଭିନ୍ନ କୋର୍ଟରେ ଚାଲିଥିବା ମାମଲାର ଅଗ୍ରଗତିରେ ବିଳମ୍ବ ହେଉଥିଲା । ଯାହାଫଳରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଏହି ଅପରାଧିମାନେ କୋର୍ଟରେ ହାଜର ହେବେ ସେ ନେଇ ପୁଲିସ ପକ୍ଷରୁ ସେମାନଙ୍କ ଘର ଆଗରେ ଲଟକା ଲଗାଯାଇଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୮୪ ଓ ୮୫ ଧାରାରେ ଏହି ନୋଟିସ ଲଗାଯାଇଥିଲା । ନୋଟିସ ଲଗାଯିବାର ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା, ନଚେତ ସେମାନଙ୍କ ସମ୍ପତ୍ତି ବ୍ୟାଜାପ୍ତି ହେବ ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୧୭ ଫେରରାଙ୍କ ମଧ୍ୟରେ ୧୬ ଜଣ ଆତ୍ମସମର୍ପଣ କରିଥିଲେ। ୫ଜଣଙ୍କୁ ପୁଲିସ ଧରିଥିବା ବେଳେ ୩



ଜଣଙ୍କ ଦେହାନ୍ତ ହୋଇଛି ବୋଲି ଗଞ୍ଜାମ ଏସ୍‌ପି ସୂଚନା ଦେଇଛନ୍ତି । ଯେଉଁ ମାନଙ୍କ ଘର ଆଗରେ ଏହି ଲଟକା ଲଗାଯାଇଛି ସେମାନଙ୍କୁ ଏହା ଲଗାଯିବାର ୩୦ ଦିନ ସମୟ ଦିଆଯାଇଛି। ଏହି ୩୦ ଦିନ ମଧ୍ୟରେ ସେମାନେ ହାଜର ହେବାକୁ ନିର୍ଦ୍ଦେଶ ରହିଛି । ପୁଲିସ ଏହି ଲଟକା ଲଗାଇବା ପରେ ବିଭିନ୍ନ ଥାନା ପକ୍ଷରୁ ସଫଳତା ହାସଲ କରିଛନ୍ତି। ଆଗକୁ ମଧ୍ୟ ଫେରାର ଅଭିଯୁକ୍ତ ମାନେ ଆତ୍ମସମର୍ପଣ କରିବାର ଆଶା ରହିଛି । ଗଞ୍ଜାମ ପୁଲିସ ଜିଲ୍ଲାର ୨୪ ଥାନା ପକ୍ଷରୁ ୨୧୭ ଜଣ ଫେରାର ଅଭିଯୁକ୍ତଙ୍କ ଘର ଆଗରେ ନୋଟିସ ଲଗାଯାଇଥିଲା। ଭଞ୍ଜନଗର ପୁଲିସ ଥାନା ପକ୍ଷରୁ ୧୫ ଜଣଙ୍କ ଘର ଆଗରେ ନୋଟିସ ଲଗାଯାଇଥିବା ବେଳେ ଜଗନ୍ନାଥପ୍ରସାଦରେ ୫ଜଣ, ବେଲଗୁଣ୍ଠାରେ ୨, ତାରସିଂରେ ୧୪, ଗାଙ୍ଗପୁରରେ ୨୧, ବୁଗୁଡା ୧୭, ଆସିକା ୧୧, କୋଟିନଡା ୩, ଶେରଗଡ ୯, ଧରାକୋଟ ୧୦, ବଡଗଡ ୮, ସୋରଡା ୧୬, ପାତ୍ରପୁର ୩, ହିଞ୍ଜିଳି ୧୨, ପୁରୁଷୋତ୍ତମପୁର ୭, କବିସୂର୍ଯ୍ୟନଗର ୩, ପୋଲସରାରେ ସର୍ବାଧିକ ୨୭, କୋଦଳା ୧୧, ବେଗୁନିଆପଡା ୪, ଛତ୍ରପୁର ୭, ଚମାଖଣ୍ଡି ୨, ରମ୍ଭା ୪, ଖଲ୍ଲିକୋଟ ୬ ଓ ଗଞ୍ଜାମ ଥାନା ପକ୍ଷରୁ ଜଣଙ୍କ ଘର ଆଗରେ ଲଟକା ଲଗାଯାଇଛି।

# କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ

**ଭୁବନେଶ୍ୱର, ୦୮/୦୭ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ ଘଟିଛି। ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦାଉଲାଲ ବୈଷ୍ଣବଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ମଙ୍ଗଳବାର ସକାଳେ ଏମ୍ସ ହସ୍ପିଟାଲରେ ଦାଉଲାଲ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ଧରି ଶ୍ୱାସକ୍ରିୟା ସମସ୍ୟା ଯୋଗୁଁ ତାଙ୍କୁ ଯୋଧପୁର ସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର



ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଦାଉଲାଲ ବୈଷ୍ଣବ ମୂଳତଃ ପାଲି ଜିଲ୍ଲାର ଜୀବନ୍ତ କଲା ଗ୍ରାମର ବାସିନ୍ଦା ଥିଲେ। ସେ ତାଙ୍କ ପରିବାର ସହିତ ଯୋଧପୁରରେ ରହୁଥିଲେ। ଦାଉଲାଲ ତାଙ୍କ ଗ୍ରାମର ସରପଞ୍ଚ ଥିଲେ ଏବଂ ସାମାଜିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଭୂମିକା ଥିଲା। ସେ ଦୀର୍ଘ ଦିନ ଧରି ଯୋଧପୁରରେ ଜଣେ ଓକିଲ ଏବଂ ଟିକସ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି। ଅଶ୍ୱିନୀ ବୈଷ୍ଣବ ସକାଳ ୧୦ଟାରେ ଯୋଧପୁରରେ ପହଞ୍ଚିଥିଲେ। ମଙ୍ଗଳବାର ଯୋଧପୁରରେ ଦାଉଲାଲ ବୈଷ୍ଣବଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

# ସିନେମା ପାଇଁ ଓଡ଼ିଶା ହେବ ପ୍ରଥମ ପସନ୍ଦ

## ଐତିହ୍ୟସ୍ଥଳୀରେ ସୁଟିଂ କଲେ ମିଳିବ ସବ୍‌ସିଡି

**ଭୁବନେଶ୍ୱର,୦୮/୦୭ ନ୍ୟୁଜ ବ୍ୟୁରୋ**

ସିନେମା ନିର୍ମାଣ ପାଇଁ ଓଡ଼ିଶା ହେବ ବିଶ୍ୱ ସିନେ ନିର୍ମାତାଙ୍କ ପ୍ରଥମ ପସନ୍ଦ। ୨୦୩୬ ମସିହା ସୁଦ୍ଧା ଜାତୀୟସ୍ତର ଏବଂ ୨୦୪୭ ବେଳକୁ ଅନ୍ତର୍ଜାତୀୟସ୍ତରର ଫିଲ୍ମ ସୁଟିଂର ପ୍ରମୁଖ କେନ୍ଦ୍ର ପାଲଟିବ ଓଡ଼ିଶା । ସାମଗ୍ରିକ ବିକାଶ ଲାଗି ଯେଉଁ 'ଚଳଚ୍ଚିତ୍ର ବିକାଶ ଓ ପ୍ରୋତ୍ସାହନ ନୀତି' ଆସିବ, ତାହା ଦେଶରେ ରାଜ୍ୟକୁ ୧ନଂ କରିବ । ଏହି ନୀତିରେ ଲକ୍ଷ୍ୟ, ରଣନୀତି, ଉତ୍ତରଦାୟିତ୍ୱ ଓ ସମୟସୀମା ଧାର୍ଯ୍ୟ ହେବ । ଖାସ୍ କରି ଐତିହ୍ୟସ୍ଥଳୀରେ ସୁଟିଂ କଲେ ସରକାର ସବ୍‌ସିଡି ଦେବେ ।

ଚାହିଦା ଅନୁସାରେ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ 'ଓଡ଼ିଆ ଅସ୍ମିତା'କୁ ନେଇ ସ୍ଥାନୀୟ ବିଷୟ ଆଧାରରେ ସିନେମା କଲେ ସବୁ ସୁବିଧା ମିଳିବ । ବିକଶିତ ଭାରତ-୨୦୪୭ ପାଇଁ ବିକଶିତ ଓଡ଼ିଶା-୨୦୩୬ ଲାଗି ସରକାରଙ୍କ ପରିକଳ୍ପିତ ଓଡ଼ିଶା ଭିଜନ୍‌ରେ ଓଡ଼ିଆ ସିନେମା ଓ ଓଡ଼ିଶାରେ ସିନେମା ନିର୍ମାଣ ଶିଳ୍ପକୁ ସମୃଦ୍ଧ କରିବା ଲାଗି ଏଭଳି ଯୋଜନା କରିଛନ୍ତି ଓଡ଼ିଶା ସରକାର । ନୂଆ ଚଳଚ୍ଚିତ୍ର ନୀତି ଓଡ଼ିଆ ସିନେମାର ବିକାଶକୁ ବଳ ଯୋଗାଇବ । ରାଜ୍ୟର ଅନନ୍ୟ ସାଂସ୍କୃତିକ ଓ ପ୍ରାକୃତିକ ସମ୍ପତ୍ତିକୁ ବିନିଯୋଗ କରି ଆର୍ଥିକ ଅଭିବୃଦ୍ଧି ସହ ସିନେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ।




ଓଡ଼ିଶାରେ ଫିଲ୍ମ ନିର୍ମାଣ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ନିର୍ମାତା ନିର୍ମାତା ଏବଂ ପ୍ରଯୋଜକଙ୍କୁ ଆକର୍ଷିତ କରିବା ଲାଗି ଟିକସ ଛାଡ଼, ଅନୁଦାନ ଏବଂ ସବ୍‌ସିଡି ମିଳିବ। ଆର୍ଟ ଷ୍ଟୁଡିଓ, ପୋଷ୍ଟ ପ୍ରଡକ୍ସନ୍ ସୁବିଧା ସାଙ୍ଗକୁ ସିନେମା ସୁଟିଂ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରାଯିବ ଯାହାର ଫାଇଦା ଉଭୟ ଆଞ୍ଚଳିକ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ନିର୍ମାତା ପାଇବେ । କିନ୍ତୁ ସେମାନଙ୍କୁ ଏଥିପାଇଁ ରାଜ୍ୟର ଐତିହ୍ୟସ୍ଥଳୀରେ ବାର୍ଷିକ ଅତି କମ୍‌ରେ ୧୦ଟି ଫିଲ୍ମ ସୁଟିଂ କରିବାକୁ ପଡ଼ିବ । ଏହାଛଡ଼ା ଫିଲ୍ମ ପାଇଁ ତାଲିମ୍ କେନ୍ଦ୍ର ସ୍ଥାପନ ସାଙ୍ଗକୁ କର୍ମଶାଳା ମାଧ୍ୟମରେ ସ୍ଥାନୀୟ ପ୍ରତିଭାଙ୍କୁ ସୁଯୋଗ ଦେବେ । ପୁଣି ମହୋତ୍ସବ, ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଏବଂ ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଓଡ଼ିଆ ଫିଲ୍ମର ବ୍ୟବସାୟ ଓ ବିତରଣ ବ୍ୟବସ୍ଥାକୁ ସୁଗମ କରାଯିବ । ଫିଲ୍ମ ନିର୍ମାଣ ଲାଗି ଲିଜ୍‌ରେ ଉପକରଣ ଯୋଗାଇବା ଏବଂ କନିଷ୍ଠ କଳାକାର ନିଯୁକ୍ତି ଆଦି କ୍ଷେତ୍ରରେ ସେବା ପାଇଁ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଉତ୍ସାହିତ କରାଯିବ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଏବଂ କଳିଙ୍ଗ ଷ୍ଟୁଡିଓର ପୁନଃନିର୍ମାଣ ହେବ। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ସିନେମାକୁ ପ୍ରୋତ୍ସାହନ ସ୍ୱରୂପ ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜନ କରାଯିବ। ଓଡ଼ିଆ ଇତିହାସ ଏବଂ ସଂସ୍କୃତି ଉପରେ ବିଶ୍ୱସ୍ତରୀୟ ଡକ୍ୟୁମେଣ୍ଟାରୀ ହେବ । ଉଚ୍ଚମାନର ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଅପ୍‌ଗ୍ରେଡିଂ ଉପକରଣର ବିକାଶ, ଅତିରିକ୍ତ ରାଜସ୍ୱ ଆୟ ପାଇଁ ଷ୍ଟୁଡିଓ ଖୋଲି ଟୁର ଗାଇଡ୍ ବ୍ୟବସ୍ଥା ସହ ପର୍ଯ୍ୟଟକ ଆକର୍ଷଣୀୟ କେନ୍ଦ୍ର କରି ଓଡ଼ିଶାର ସିନେମା ଐତିହ୍ୟ ପ୍ରଦର୍ଶନ କରିବା, ସୁଟିଂ ପାଇଁ ଭଡ଼ା ଦେଇ ଷ୍ଟୁଡିଓକୁ ରୋଜଗାରର ଉତ୍ସରେ ପରିଣତ କରାଯିବ। ଓଡ଼ିଶାର କାଳଜୟୀ ସିନେମା ଏବଂ କିମ୍ବଦନ୍ତୀ ସିନେ ବ୍ୟକ୍ତିତ୍ୱଙ୍କ କାହାଣୀ ସହ ଓଡ଼ିଆ ଫିଲ୍ମର ଐତିହାସିକ ବିକାଶ ଯାତ୍ରାକୁ ଦେଖାଇବା ଲାଗି ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା କରାଯିବ । ଓଡ଼ିଆ ଫିଲ୍ମର ଅର୍ଥନୀତିକୁ ପୁନର୍ଜୀବିତ କରିବା ସହ ହଲ୍ ଅଭାବ ପୂରଣ ପାଇଁ ବ୍ଲକ୍‌ସ୍ତରରେ ଛୋଟ ଓ ସୁଲଭ ସିନେମା ହଲ୍ ତିଆରି ହେବ।

# ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ପାର



## ସ୍କୁଲ୍‌ରେ ସଚେତନ କଲା ବିଏମ୍‌ସି

**ଭୁବନେଶ୍ୱର,୦୮/୦୭ ନ୍ୟୁଜ ବ୍ୟୁରୋ**

ସରକାରୀ ଓ ବେସରକାରୀ ହସ୍ପିଟାଲରେ ଅନେକ ଡେଙ୍ଗୁ ରୋଗୀ । ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ପାର କରିଛି । ହେଲେ ବିଏମ୍‌ସି ଚେତୁନି । କେବଳ ସଚେତନତା କାର୍ଯ୍ୟକ୍ରମ କରି ହାତ ଝାଡ଼ି ଦେଇଛି। ପ୍ରତିଦିନ ୬/୭ ଜଣ ରୋଗୀ ଚିହ୍ନଟ ହେଉଛନ୍ତି । ପଟିଆ, ଜାଗମରାରେ ସର୍ବାଧିକ ଡେଙ୍ଗୁ ରୋଗୀ ଦେଖିବାକୁ ମିଳିଛି । ଆଇଆରସି ଭିଲେଜ୍‌ରେ ସ୍ଥିତି ସାଂଘାତିକ ରହିଛି । ବସ୍ତି, ଆପାର୍ଟମେଣ୍ଟ, ସରକାରୀ କାର୍ଯ୍ୟାଳୟ ସବୁଠି ଡେଙ୍ଗୁ ମଶାଙ୍କ ଆତଙ୍କ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ନିୟମିତ ମଶା ଧୂଆଁ ଦିଆହେଉନି ମଶା ତେଲ ପଡୁନି । ବିଏମ୍‌ସି ପକ୍ଷରୁ କେବଳ ଫଟୋ ଉଠାଚାଲିଛି । ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍କୁଲରେ ସଚେତନତା କରାଯାଇଛି । ଅର୍ବାନ ମେଟ୍ରୋପଲିଟାନ୍ ସର୍ଭେଲାନ୍ସ ୟୁନିଟ୍ ପକ୍ଷରୁ ଏକ ଘରୋଇ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଡେଙ୍ଗୁ ମଶା ଲାର୍ଭା କିପରି ନଷ୍ଟ କରାଯିବ ତାହା ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଦିଆଯାଇଛି ।